OCTOBER 05, 2026
MONDAY, BHUBANESWAR

ଅକ୍ଟୋବର ୦୫, ୨୦୨୬
ସୋମବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 2 ● ISSUE- 33 ବର୍ଷ- ୨ ● ସଂଖ୍ୟା-୩୩ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

ନୂଆ ରୂପରେ କଳିଙ୍ଗ ଷ୍ଟୁଡିଓ

ଆଜିଠୁ ମାନଚିତ୍ରରେ ଯୋଡ଼ିହେବ ନୂଆ ଆକର୍ଷଣ



ଭୁବନେଶ୍ୱର ୦୪/୧୦: ଯେଉଁ କଳିଙ୍ଗଷ୍ଟୁଡିଓର ପୁନରୁଦ୍ଧାର କଥାକୁ ନେଇ ଚର୍ଚ୍ଚା ଲାଗି କାଲି ଏହାକୁ ନୂତନ ରୂପରେ ଲୋକାର୍ପିତ ହେବ। ୧୬୪ କୋଟି ଟଙ୍କାରେ ନବୀକରଣ ପରେ ନୂଆ ରୂପରେ ଫେରିଛି କଳିଙ୍ଗ ଷ୍ଟୁଡିଓ। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଲୋକାର୍ପଣ କରିବେ। ଆଉ ସେ ପୁରୁଣା ରୂପରେ ନୁହେଁ, ସମ୍ପୂର୍ଣ୍ଣ ଅତ୍ୟାଧୁନିକ ରୂପ ନେଇ ଫେରୁଛି କଳିଙ୍ଗ ଷ୍ଟୁଡିଓ। ସ୍ପୋ ୱାର୍ଲ୍ଡଠାରୁ ଆରମ୍ଭ କରି ଭୂତ ବଙ୍ଗଳା, ଆମାଜନ ଜଙ୍ଗଲ, ବିମାନ ବନ୍ଦର, ରେଳଷ୍ଟେସନ, ଗାଁ ପରିବେଶ ଆହୁରି କେତେ କ'ଣ ନୂଆରେ ଷ୍ଟୁଡିଓ ସଜେଇ ହୋଇଛି। ଷ୍ଟୁଡିଓ ପରିସରରେ ରହିଛି ଆମ୍ୟୁଜ୍‌ମେଣ୍ଟ୍ ପାର୍କ। ଏହି ପାର୍କ ପାଇଁ ଟିକେଟ୍ ବ୍ୟବସ୍ଥା ହେବ ଏବଂ ଆଗନ୍ତୁକମାନେ ଏହାକୁ ଉପଭୋଗ କରିବା ସହ ସେଠାରେ ସୁଟିଂ ପାଇଁ ମଧ୍ୟ ବ୍ୟବସ୍ଥା ହେବ। ଏହା ରାଜସ୍ୱ ସୃଷ୍ଟି କରିବାରେ ସହାୟ ହେବ ବୋଲି ଶିଳ୍ପ ବିଭାଗ ପକ୍ଷରୁ କୁହାଯାଇଛି। ନୂଆ ଷ୍ଟୁଡିଓ ପ୍ରଯୋଜକ, ଚଳଚ୍ଚିତ୍ର ନିର୍ମାତାଙ୍କଠାରୁ ଆରମ୍ଭ କରି ପର୍ଯ୍ୟଟକ ଟାଣିବାରେ ସହାୟ ହେବ ବୋଲି ଓଏଫ୍‌ଡିସି ଆଶାପୋଷଣ କରିଛି। ୧୬୪ କୋଟି ଟଙ୍କାରେ ନବୀକରଣ କରାଯାଇଥିବା ଏହି ଷ୍ଟୁଡିଓର ରକ୍ଷଣାବେକ୍ଷଣ। ଦାୟିତ୍ୱ ଘରୋଇ ସଂସ୍ଥା 'ଯାତ୍ରୀ କର୍ପୋରେଟ୍ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍' ନେଇଛି। ଆସନ୍ତା ୨ ବର୍ଷ ଏହି ସଂସ୍ଥା କଳିଙ୍ଗ ଷ୍ଟୁଡିଓ କଥା ବୁଝିବ।ପୃଷ୍ଠା ୨...

- ସିନେମା ଓ ପର୍ଯ୍ୟଟନର ନୂଆ ଠିକଣା
- ସିନେମା ସୁଟିଂଠାରୁ ପର୍ଯ୍ୟଟନ ଏକ ନୂଆ ଅନୁଭୂତି
- ୧୬୪ କୋଟିର କଳିଙ୍ଗ ଷ୍ଟୁଡିଓ ହେବ ଲୋକାର୍ପିତ

ଭୋଟରଙ୍କ ପାଇଁ ବଡ଼ ଆଶ୍ୱସ୍ତି

ଫର୍ମ-୬ରୁ ହଟିଲା ୨୦୦୨ର ତଥ୍ୟ ଦାଖଲ ବାଧ୍ୟବାଧକତା

ଭୁବନେଶ୍ୱର:୦୪/୧୦ ; ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର)-୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ, ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ସାମିଲ କରାଇବାର ସୁଯୋଗ ଅବ୍ୟାହତ ରହିଛି। ଏଥିପାଇଁ ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଆବେଦନ କରିପାରିବେ।ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣରୁ ଭୋଟର ତାଲିକାରୁ ବାଦ ପଡ଼ିଥାଏ, ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ-୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ। ସେହିପରି, ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା/ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ।ଏ ସମ୍ପର୍କିତ ଅତିରିକ୍ତ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଫର୍ମ-୬ରୁ ହଟାଇ ଦେଇଛନ୍ତି। ଏହା ଫଳରେ ଏସଆଇଆର-୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରାଇବାକୁ ଇଚ୍ଛୁକ ଯୋଗ୍ୟ ନାଗରିକମାନେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ଅତିରିକ୍ତ ତଥ୍ୟ କିମ୍ବା ଘୋଷଣାନାମା ବିନା ସାଧାରଣ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରିପାରିବେ। ତେବେ, କେବଳ ଫର୍ମ-୬ ଦାଖଲ କରିବା ଦ୍ୱାରା ଆବେଦନକାରୀଙ୍କ ନାମ ସ୍ୱତଃସ୍ଫୂର୍ତ୍ତ ଭାବେ ଭୋଟର ତାଲିକାରେ ସାମିଲ ହେବ ନାହିଁ। ନାମ ସାମିଲ ପୂର୍ବରୁ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ଆବେଦନରେ ଦିଆଯାଇଥିବା ତଥ୍ୟର ନିର୍ଦ୍ଧାରିତ ଯାଞ୍ଚ ପ୍ରକ୍ରିୟା ପୂର୍ବଭଳି ଜାରି ରହିବ।ସମ୍ପୃକ୍ତ ନିର୍ବାଚନ କର୍ତ୍ତୃପକ୍ଷ ଆବେଦନରେ ଦିଆଯାଇଥିବା ତଥ୍ୟ ଏବଂ ଆବଶ୍ୟକୀୟ ଦସ୍ତାବିଜ ଯାଞ୍ଚ କରିବା ପରେ ଆଇନ ଓ ନିର୍ଦ୍ଧାରିତ ନିୟମ ଅନୁଯାୟୀ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବେ। ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରି କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ ନାହିଁ। ଏଥିସହିତ, ଫର୍ମ-୬ ମାଧ୍ୟମରେ ନାମ ସାମିଲ କରିବାର ସାଧାରଣ ବ୍ୟବସ୍ଥା ଅବ୍ୟାହତ ରହିଛି। ତେଣୁ, ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ବର୍ତ୍ତମାନର ଭୋଟର ତାଲିକାରେ ନାହିଁ, ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ।ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଏବଂ ଏହାର ଶୁଦ୍ଧତା, ସ୍ୱଚ୍ଛତା ବଜାୟ ରଖିବା ସହିତ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ଭାବେ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ପ୍ରାପ୍ତ ସମସ୍ତ ଆବେଦନର ନିର୍ଦ୍ଧାରିତ ନିୟମ ଅନୁଯାୟୀ ଯାଞ୍ଚ କରାଯିବ।

- ଏସଆଇଆର-୨୦୨୬ ସମାପ୍ତ
- ବର୍ତ୍ତମାନ ସାଧାରଣ ପ୍ରକ୍ରିୟାରେ ହୋଇପାରିବ ଭୋଟର ପଞ୍ଜୀକରଣ



ନାରୀ ସଶକ୍ତିକରଣର ପ୍ରତୀକ ମା' ସରଳା ଦେବୀ : ବାଚସ୍ପତି

ଭୁବନେଶ୍ୱର୦୪/୧୦ : ମା' ସରଳା ଦେବୀଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମା' ସରଳା ଦେବୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ମା' ସରଳା



ଦେବୀଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ମା' ସରଳା ଦେବୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।ନାରୀ ସଶକ୍ତିକରଣର ପ୍ରତୀକ ହେଉଛନ୍ତି ମା' ସରଳା ଦେବୀ। ଓଡ଼ିଶା ବିଧାନସଭାରେ ପ୍ରଥମ ମହିଳା ବିଧାୟିକା ଭାବେ ମା' ସରଳା ଦେବୀ କାର୍ଯ୍ୟ କରିଥିଲେ। ଓଡିଶାରେ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ପୃଷ୍ଠା ୨...

ଓଡ଼ିଶା ପର୍ଯ୍ୟଟନର ନୂତନ ମାଇଲଖୁଣ୍ଟ

ଦେଶର ପ୍ରଥମ ମାଇସ୍ ଇନସେଣ୍ଟିଭ୍ ପୋର୍ଟାଲ୍ ଶୁଭାରମ୍ଭ

ଭୁବନେଶ୍ୱର, ୪।୧୦: ଓଡ଼ିଶାକୁ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ, ପ୍ରୋତ୍ସାହନମୂଳକ ଭ୍ରମଣ ଏବଂ ବ୍ୟବସାୟିକ କାର୍ଯ୍ୟକ୍ରମର ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ରବିବାର ମେ'ଫେୟାର ସାଙ୍କଚୁଆରୀଠାରେ 'ଓଡ଼ିଶା ପାଇଁ ଏକ ମଜବୁତ ମାଇସ୍ ନୀତି ପ୍ରସ୍ତୁତି ଓ ସହଯୋଗ' ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଫିକିର ମିଳିତ ସହଯୋଗରେ ଆୟୋଜିତ ଏହି ବୈଠକରେ ନୀତି ନିର୍ଦ୍ଧାରକ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ଶିଳ୍ପ ଜଗତର ପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓଡ଼ିଶା ମାଇସ୍ ଇନସେଣ୍ଟିଭ୍ ପୋର୍ଟାଲ୍‌ର ଶୁଭାରମ୍ଭ କରିଥିଲେ। କର୍ପୋରେଟ୍ ପ୍ରଚାର ସହ କାର୍ଯ୍ୟକ୍ରମ ଆୟୋଜକ ଓ ନିବେଶକଙ୍କ ପାଇଁ ଆର୍ଥିକ ପ୍ରୋତ୍ସାହନ ଆବେଦନ ପ୍ରକ୍ରିୟାକୁ ଏହି ଡିଜିଟାଲ୍ ବ୍ୟବସ୍ଥା ସରଳ କରିବ ବୋଲି କୁହାଯାଇଛି। ଶ୍ରୀମତୀ ପରିଡ଼ା କହିଥିଲେ, ରାଜ୍ୟର ପ୍ରୋତ୍ସାହନ ବ୍ୟବସ୍ଥା ଓ ନିୟମାବଳୀ ସ୍ପଷ୍ଟ ରହିଛି। ମାଇସ୍, ଡେଷ୍ଟିନେସନ୍ ଓ୍ୱେଡିଂ, କ୍ରୀଡ଼ା ଓ ସାଂସ୍କୃତିକ ଐତିହ୍ୟଭିତ୍ତିକ କାର୍ଯ୍ୟକ୍ରମ ପାଇଁ ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ନିବେଶକଙ୍କ ସହ ନିୟମିତ ଯୋଗାଯୋଗ ଓ ପ୍ରକଳ୍ପ ଅନୁମୋଦନରେ ସରକାର ଗୁରୁତ୍ୱ ଦେଉଛନ୍ତି। ଘରୋଇ କ୍ଷେତ୍ରର ପ୍ରସ୍ତାବକୁ ବିଚାର କରିବା ସହ ପୁଞ୍ଜି ସବସିଡି ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯିବ ବୋଲି ସେ କହିଥିଲେ। ପୃଷ୍ଠା ୨...




ସମ୍ମିଳନୀ ଓ ଅନ୍ୟାନ୍ୟ ମାଇସ୍ କାର୍ଯ୍ୟକ୍ରମ ପାଇଁ ପର୍ଯ୍ୟଟନ ସ୍ଥଳୀର ପ୍ରଚାର ସହ କାର୍ଯ୍ୟକ୍ରମ ଆୟୋଜକ ଓ ନିବେଶକଙ୍କ ପାଇଁ ଆର୍ଥିକ

- ବିଜନେସ୍ ଟୁରିଜିମ୍‌ର ହବ୍ ହେବ ଓଡ଼ିଶା
- ମାଇସ୍ ନୀତି ପ୍ରସ୍ତୁତି ନେଇ ବୈଠକ ଅନୁଷ୍ଠିତ
- ଗ୍ଲୋବାଲ୍ ହବ୍ ହେବାକୁ ଯାଉଛି ଓଡ଼ିଶା
- ବ୍ୟବସାୟ ଓ ସଂସ୍କୃତିର ଅନନ୍ୟ ସଙ୍ଗମ

ସୈନିକଙ୍କ ମୃତଦେହ ଆଣୁଥିବା ଆମ୍ବୁଲାନ୍ସକୁ ଧକ୍କା

ପରିବାରର ୩ ସଦସ୍ୟଙ୍କ ସମେତ ୪ ମୃତ



ଲକ୍ଷ୍ନେ୦୪/୧୦ :: ଉତ୍ତର ପ୍ରଦେଶରେ ଏକ ଅତ୍ୟନ୍ତ ମର୍ମନ୍ତୁଦ ଏବଂ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଜଣେ ସୈନିକଙ୍କ ମୃତଦେହ ଧରି ପୈତୃକ ଗାଁକୁ ଆସୁଥିବା ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁଁ ମୃତ ସୈନିକଙ୍କ ପରିବାରର ୩ ଜଣ ପୁରୁଷ ସଦସ୍ୟଙ୍କ ସମେତ ମୋଟ ୪ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୩ ଜଣ ଆହତ ହୋଇଛନ୍ତି। ଉତ୍ତର ପ୍ରଦେଶର ଦେଓରିଆ ଜିଲ୍ଲାର ରୁଦ୍ରପୁର ଅଞ୍ଚଳର ଗାଲିଆ ଦୁଧେଲା ଗାଁର ବାସିନ୍ଦା ସୁବେଦାର ମେଜର ସତ୍ୟବାନଙ୍କ ମୃତଦେହ ସହିତ ଏହି ଚାରି ଜଣ ଯାଉଥିଲେ। ସୁବେଦାର -ମେଜର ସତ୍ୟବାନଙ୍କ ମୃତଦେହ ଚଣ୍ଡୀଗଡ଼ରୁ ଏକ ଆମ୍ବୁଲାନ୍ସ ଯୋଗେ ପେତୃକ ଗାଁକୁ ଆଣୁଥିବା ସମୟରେ ପୂର୍ବାଞ୍ଚଳ ଏକ୍ସପ୍ରେସ୍‌ୱେର ହାଲିୟାପୁର ନିକଟରେ ପୂର୍ବରୁ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ଆମ୍ବୁଲାନ୍ସ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଆମ୍ବୁଲାନ୍ସର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ରୁଜୁ ଯାଇଥିଲା। ଗ୍ୟାସ୍ କର୍ଟରେ ଗାଡ଼ିକୁ କାଟି ମୃତଦେହ ବାହାର କରାଯାଇଥିଲା।ପୃଷ୍ଠା ୨...

ବଲ୍କ ଡିଜେଲ୍ ଦର ଲିଟର ପିଛା ୧୪.୬ ଟଙ୍କା ବୃଦ୍ଧି

୧୫୩ ଟଙ୍କା ଅତିକ୍ରମ କଲା ମୂଲ୍ୟ



ନୂଆଦିଲ୍ଲୀ:୦୪/୧୦ ; ଦେଶରେ ତୈଳ କମ୍ପାନିଗୁଡ଼ିକ ବଲ୍କ ଡିଜେଲ୍ ଦର ଲିଟର ପିଛା ୧୪ ଟଙ୍କା ୬୦ ପଇସା ବୃଦ୍ଧି କରିଛନ୍ତି। ଶିଳ୍ପ, ବାଣିଜ୍ୟିକ ପ୍ରତିଷ୍ଠାନ ଏବଂ ବଡ଼ ବଡ଼ ସଂସ୍ଥାମାନେ ଏକକାଳୀନ ବିପୁଳ ପରିମାଣରେ କିଣୁଥିବା ଡିଜେଲକୁ ବଲ୍କ ଡିଜେଲ କୁହାଯାଏ, ଯାହା ସାଧାରଣ ପେଟ୍ରୋଲ୍ ପମ୍ପରେ ବିକ୍ରି ହେଉଥିବା ଡିଜେଲ୍‌ଠାରୁ ସମ୍ପୂର୍ଣ୍ଣ ଅଲଗା।ପୂର୍ବରୁ ସେପ୍ଟେମ୍ବର ମାସରେ ବଲ୍କ ଡିଜେଲ ଦର ଲିଟର ପ୍ରତି ୧୩୮ ଟଙ୍କା ୯୭ ପଇସା ଥିବାବେଳେ ବର୍ତ୍ତମାନ ତାହା ବୃଦ୍ଧି ପାଇ ୧୫୩ ଟଙ୍କା ୫୭ ପଇସାରେ ପହଞ୍ଚିଛି। ଅନ୍ତର୍ଜାତୀୟ ବଜାର ମୂଲ୍ୟ ଅନୁସାରେ ଏହା ଧାର୍ଯ୍ୟ ହେଉଥିବାରୁ ଏହା ପ୍ରକୃତ ବଜାର ଦରକୁ ଦର୍ଶାଏ। ଅନ୍ୟପକ୍ଷରେ, ସାଧାରଣ ପେଟ୍ରୋଲ ପମ୍ପଗୁଡ଼ିକରେ ବିକ୍ରି ହେଉଥିବା ଡିଜେଲ ଦର ସରକାରୀ ସବ୍‌ସିଡି ଯୋଗୁଁ ଯଥେଷ୍ଟ କମ୍ ରହିଛି। ବର୍ତ୍ତମାନ ସାଧାରଣ ଡିଜେଲ୍ ଓ ବଲ୍କ ଡିଜେଲ୍ ଦରରେ ପ୍ରାୟ ୫୭ ଟଙ୍କା ୯୩ ପଇସାର ବ୍ୟବଧାନ ରହିଛି।ଦରରେ ଏଭଳି ବିପୁଳ ପାର୍ଥକ୍ୟ କାରଣରୁ ଶିଳ୍ପ ଓ ବାଣିଜ୍ୟିକ ସଂସ୍ଥାଗୁଡ଼ିକର ଗାଡ଼ିଗୁଡ଼ିକ ସାଧାରଣ ପେଟ୍ରୋଲ୍ ପମ୍ପରୁ ତେଲ ପକାଇବା ଆରମ୍ଭ କରିଛନ୍ତି, ଯାହାକି ତୈଳ ବିପଣନ ବ୍ୟବସ୍ଥା ଉପରେ ଅତିରିକ୍ତ ଚାପ ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ବ୍ୟାରେଲ୍ ପିଛା ଦର ୧୦୨.୨୫ ଡଲାର ରହିଥିବାବେଳେ ଗତ ସେପ୍ଟେମ୍ବର ୩୦ରେ ଏହା ୧୧୭.୨୮ ଡଲାରକୁ ବୃଦ୍ଧି ପାଇଥିଲା। ଏହି ଦର ବୃଦ୍ଧିକୁ ଦୃଷ୍ଟିରେ ରଖି କିଛି ଘରୋଇ ତୈଳ କମ୍ପାନି ବିକ୍ରି ପରିମାଣ ସୀମା ଧାର୍ଯ୍ୟ କରିଥିଲେ ମଧ୍ୟ ସରକାର ସେମାନଙ୍କୁ ସେଭଳି ପଦକ୍ଷେପ ନ ନେବାକୁ ତାଗିଦ୍ କରିଛନ୍ତି।

- ସାଧାରଣ ଓ ବଲ୍କ ଡିଜେଲ୍ ଦରରେ ପ୍ରାୟ ୫୮ ଟଙ୍କାର ତଫାତ୍
- ବ୍ୟବସାୟିକ ସଂସ୍ଥାଗୁଡ଼ିକ ପାଇଁ ବଡ଼ ଝଟକା

ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବିଜେପିର ବୁଷ୍ଟ୍ରିଣ୍ଟ୍

ଓଡ଼ିଶା ଗସ୍ତ ସାରିଲେ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ

ଭୁବନେଶ୍ୱର ୪/୧୦: ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଲକ୍ଷ୍ୟ ରଖି ଭାରତୀୟ ଜନତା ପାର୍ଟି (ବିଜେପି) ନିଜର ସଂଗଠନକୁ ଅଧିକ ଶକ୍ତିଶାଳୀ କରିବାକୁ ରଣନୀତି ପ୍ରସ୍ତୁତ କରିଛି। ଏହି ପରିପ୍ରେକ୍ଷୀରେ ବିଜେପି ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀଙ୍କ ଦୁଇ ଦିନିଆ ଓଡ଼ିଶା ଗସ୍ତ ଶେଷ ହୋଇଛି। ଗସ୍ତ ସମୟରେ ସେ ଆଗାମୀ ନିର୍ବାଚନ ପାଇଁ ବିଶେଷ ରଣନୀତି ପ୍ରସ୍ତୁତ କରିବା ସହ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି ଏବଂ ମନ୍ତ୍ରୀମଣ୍ଡଳର ସଦସ୍ୟମାନଙ୍କ ସହିତ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି।ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ଦଳୀୟ ପଦାଧିକାରୀଙ୍କପୃଷ୍ଠା ୨...



ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱଚ୍ଛତା ଅଭିଯାନ

ପରିଷ୍କାର ପରିବେଶରେ ହିଁ ସୁରକ୍ଷିତ ରୋଗୀ ସେବା : ମନ୍ତ୍ରୀ



ଢେଙ୍କାନାଳ, ୪/୧୦:(ବିଜ୍ଞାନ ମହାନ୍ତି) 'ସ୍ୱଚ୍ଛତା ହିଁ ସେବା ଏବଂ ସେବା ହିଁ ସଂଗଠନ'- ଏହି ବାର୍ତ୍ତାକୁ କେବଳ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ଆୟୋଜିତ 'ସେବା ସଂକଳ୍ପ ଅଭିଯାନ' ଅବସରରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନିଜେ ଝାଡୁ ଧରି ସଫେଇ କରିବା ସହ ଏକ ବ୍ୟାପକ ସ୍ୱଚ୍ଛତା ଅଭିଯାନର ନେତୃତ୍ୱ ନେଇଛନ୍ତି ମନ୍ତ୍ରୀ ଶ୍ରୀ ପାତ୍ର।ବିଜେପି ଢେଙ୍କାନାଳ ନଗର ମଣ୍ଡଳ ପକ୍ଷରୁ ପୃଷ୍ଠା ୨...

- ଝାଡୁ ଧରିଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର
- ସାମିଲ ହେଲେ ବହୁ ନେତା ଓ ପ୍ରଶାସକ

ଭାଷଣରେ ସୀମିତ ନ ରଖି ନିଜେ କାର୍ଯ୍ୟରେ କରି ଦେଖାଇଛନ୍ତି ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ପ୍ରଧାନମନ୍ତ୍ରୀ

ସେବା ସଂକଳ୍ପ ଅଭିଯାନ

କାଇମାଟି ହାଇସ୍କୁଲ ପରିସରରେ ବିଶାଳ ରକ୍ତଦାନ ଶିବିର

ଗୋଟିଏ ୟୁନିଟ୍ ରକ୍ତ ବଞ୍ଚାଇପାରେ ଅମୂଲ୍ୟ ଜୀବନ: ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଢେଙ୍କାନାଳ, ୪/୧୦ (ବିଜ୍ଞାନ ମହାନ୍ତି): 'ରକ୍ତଦାନ ହେଉଛି ସବୁଠାରୁ ମହତ ଦାନ। ଏହା କେବଳ ଗୋଟିଏ କର୍ତ୍ତବ୍ୟ ନୁହେଁ, ବରଂ ଅସହାୟଙ୍କ ଜୀବନ ବଞ୍ଚାଇବାର ଏକ ଅମୂଲ୍ୟ ମାନବିକ ସେବା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସେବା ସଂକଳ୍ପ' ଆହ୍ୱାନକୁ ସାକାର କରିବା ପାଇଁ ଯୁବପିଢ଼ି ଓ ମହିଳାମାନେ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସି ରକ୍ତଦାନ କରିବା ସମାଜ ପାଇଁ ଏକ ଶ୍ରେଷ୍ଠ ଉଦାହରଣ,' - ଢେଙ୍କାନାଳ ଜିଲ୍ଲା



- ରକ୍ତଦାନ ହିଁ ଶ୍ରେଷ୍ଠ ମାନବ ସେବା
- ୨୨୨ ୟୁନିଟ୍ ରକ୍ତ ସଂଗ୍ରହ
- ମହିଳା ରକ୍ତଦାତାଙ୍କ ସଂଖ୍ୟା ବୃଦ୍ଧିକୁ ମନ୍ତ୍ରୀଙ୍କ ଉଚ୍ଚପ୍ରଶଂସା

କାଇମାଟି ହାଇସ୍କୁଲ ପରିସରରେ ଆୟୋଜିତ ବିଶାଳ ରକ୍ତଦାନ ଶିବିରରେ ଯୋଗଦେଇ ଏହିପରି ପ୍ରେରଣାଦାୟୀ ବାର୍ତ୍ତା ଦେଇଛନ୍ତି ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଢେଙ୍କାନାଳ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର।ଗୋବିନ୍ଦପୁର ବିଜେପି ମଣ୍ଡଳ ଆନୁକୂଲ୍ୟରେ 'ସେବା ସଂକଳ୍ପ ଅଭିଯାନ' ଅବସରରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଯ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଶ.....

ନୂଆ ରୂପରେ ....

ଏ ବାବଦକୁ ଓଏଫ୍‌ଡିସି ୨ ବର୍ଷରେ ଖର୍ଚ୍ଚ କରିବ ୬ କୋଟି ୩୫ ଲକ୍ଷ ଟଙ୍କା। ଓଏଫ୍‌ଡିସିର ନିଜସ୍ୱ ବଜେଟ୍ ଶୂନ ହୋଇଥିବା ବେଳେ ଏତେ ଟଙ୍କା କିଭଳି ଭରଣା ହେବ, ଷ୍ଟୁଡିଓର ବିଦ୍ୟୁତ୍ ବିଲ୍ ବାବଦ ଟଙ୍କା କିଭଳି ଆଦାୟ ହେବ ସେ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଯଦି ଯୋଜନାବଦ୍ଧ ଭାବେ କଳିଙ୍ଗ ଷ୍ଟୁଡିଓକୁ ରାଜସ୍ୱ ଆଦାୟ ମାଧ୍ୟମ ନ କରାଯାଏ, ତେବେ ଓଏଫ୍‌ଡିସି ପୁଣି ଏକ କ୍ଷତିକାରୀ ସଂସ୍ଥାରେ ପରିଣତ ହେବାର ଆଶଙ୍କା ଘନେଇବାରେ ଲାଗିଲାଣି। ଓଏଫ୍‌ଡିସି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜସ୍ୱ ସଂଗ୍ରହ ପାଇଁ ବିଭିନ୍ନ ମାଧ୍ୟମ ବୃତ୍ତାନ୍ତ କରାଯାଇଛି। ଓଏଫ୍‌ଡିସି ପକ୍ଷରୁ ଷ୍ଟୁଡିଓ ମଧ୍ୟକୁ ପ୍ରବେଶ ଶୁଳ୍କ ନିର୍ଦ୍ଧାରଣ କରାଯାଇଛି। ଭୂତ ବଙ୍ଗଳା, ସ୍ନୋ ୱାର୍ଲ୍ଡ, ଆମ୍ୟୁଜମେଣ୍ଟ୍ ପାର୍କ ଆଦି ବୁଲିବା ପାଇଁ ପର୍ଯ୍ୟଟକଙ୍କୁ ଦେୟ ଦେବାକୁ ପଡ଼ିବ। ଏଥିସହ ଚଳଚ୍ଚିତ୍ର ସୁଟିଂ ପାଇଁ ବି ପ୍ରଯୋଜନା ସଂସ୍ଥା ପାଖରୁ ଦେୟ ଆଦାୟ ହେବ। ଫଳରେ ଷ୍ଟୁଡିଓ ପରିଚାଳନା ଓ ରକ୍ଷଣାବେକ୍ଷଣା ଖର୍ଚ୍ଚ ବାହାରିପାରିବ ବୋଲି ଓଏଫ୍‌ଡିସି ଆଶା ରଖିଛି।ଆସନ୍ତାକାଲି କଳିଙ୍ଗ ଷ୍ଟୁଡିଓ ଉଦ୍‌ଘାଟନ ହେବା ସହ ପର୍ଯ୍ୟଟକଙ୍କୁ ଷ୍ଟୁଡିଓ ବୁଲିବା ପାଇଁ ସୁଯୋଗ ମିଳିବ। ରାଜଧାନୀର ପର୍ଯ୍ୟଟନ ମାନଚିତ୍ରରେ ଏହା ଦୁଇଟି ବଡ଼ ପଦକ୍ଷେପ ହେବ ବୋଲି କୁହାଯାଉଛି।

ନାରୀ ସଶକ୍ତିକରଣର...

ନେବାସହ ନାରୀ ଶିକ୍ଷା, ନାରୀ ଜାଗରଣ ଓ ସମାଜର ବିକାଶ ପାଇଁ ମା' ସରଳା ଦେବୀ କାର୍ଯ୍ୟ କରିଥିଲେ। ସରଳା ଦେବୀଙ୍କ ଆଦର୍ଶ ଓ ସେବା ମନୋଭାବ ସଦାସର୍ବଦା ସମସ୍ତଙ୍କୁ ପ୍ରେରଣା ପ୍ରଦାନ କରିଛି ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ କହିଛନ୍ତି।ଆଜି ମା' ସରଳା ଦେବୀଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ ସମେତ ଏକାଗ୍ର ବିଧାୟକ ବାବୁ ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ରହି ମା' ସରଳା ଦେବୀଙ୍କ ସ୍ମୃତିଚାରଣ କରିଛନ୍ତି।

ଦେଶର ପ୍ରଥମ ମାଇସ୍ ....

ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂ ଓଡ଼ିଶା ପର୍ଯ୍ୟଟନ ନିବେଶ ନୀତି ଉପରେ ଉପସ୍ଥାପନା ଦେଇ ଐତିହ୍ୟ, କ୍ରୀଡ଼ା ଓ ବ୍ୟବସାୟିକ କାର୍ଯ୍ୟକ୍ରମ ପାଇଁ ରାଜ୍ୟରେ ଉପଲବ୍ଧ ସୁଯୋଗ ଓ ସରକାରୀ ସହାୟତା ବିଷୟରେ ଅବଗତ କରାଇଥିଲେ। ବୈଠକରେ ଖ୍ୟାତନାମା ସେଫ୍ ତଥା ଓଡ଼ିଆ ଖାଦ୍ୟପେୟର ବ୍ରାଣ୍ଡ ଆମ୍ବାସାଡର ରଣବୀର ବ୍ରାର୍ ଓଡ଼ିଶାର ସାଂସ୍କୃତିକ ମୌଳିକତାକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନର ପ୍ରମୁଖ ଆକର୍ଷଣ ବୋଲି ଅଭିହିତ କରିଥିଲେ। ସ୍ଥାନୀୟ ଖାଦ୍ୟ, କାରିଗରୀ, ହାଟବଜାର, ପର୍ବପର୍ବାଣି ଓ ଲୋକକଥାକୁ ନେଇ ୧୦୦ ଦିନିଆ ମ୍ୟାପିଂ ଅଭିଯାନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ଫିକି ମାଇସ୍ ପର୍ଯ୍ୟଟନ କମିଟିର ଅଧକ୍ଷ ତଥା ୱିଜକ୍ରାଫ୍ଟ ଗ୍ରୁପ୍‌ର ସହ-ପ୍ରତିଷ୍ଠାତା ସବାସ ଜୋସେଫ୍ ମଧ୍ୟ ଓଡ଼ିଶାର ସାଂସ୍କୃତିକ ସମ୍ପଦକୁ ମାଇସ୍ କାର୍ଯ୍ୟକ୍ରମ ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦେଇଥିଲେ। ସ୍ଥାନୀୟ ରୀତିନୀତି, କାରିଗରୀ ପରମ୍ପରା ଓ ପାରମ୍ପରିକ ଖାଦ୍ୟକୁ କର୍ପୋରେଟ୍ କାର୍ଯ୍ୟକ୍ରମର ଅଂଶ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଓଡ଼ିଶାର ମନ୍ଦିର, ବୌଦ୍ଧ ପର୍ଯ୍ୟଟନ ପରିପଥ, ବେଳାଭୂମି, ସ୍ଥାନୀୟ କଳା ଓ ପାରମ୍ପରିକ ଖାଦ୍ୟକୁ ମାଇସ୍ ପର୍ଯ୍ୟଟନର ନୂଆ ଆକର୍ଷଣ ଭାବେ ବିକଶିତ କରିବା ନେଇ ମତ ପ୍ରକାଶ ପାଇଥିଲା। ଭିତ୍ତିଭୂମିର ବିକାଶ, ବୃତ୍ତିଗତ ସେବାର ମାନ ବୃଦ୍ଧି ଏବଂ ନିବେଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଫିକି ପର୍ଯ୍ୟଟନ କମିଟିର ସହ-ଅଧକ୍ଷ ତଥା ସ୍ୱସ୍ତି ଗ୍ରୁପ୍‌ର ସିଏମ୍‌ଡି ଜେ.କେ. ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶାକୁ ବ୍ୟବସାୟିକ ସମ୍ମିଳନୀ ଓ ଅନୁଭୂତିପୂର୍ଣ୍ଣ ଭ୍ରମଣର ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବେ ପରିଣତ କରିବା ଦିଗରେ ଏହି ଆଲୋଚନା ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ ବୋଲି ମତ ପ୍ରକାଶ ପାଇଥିଲା।

ସୈନିକଙ୍କ ମୃତଦେହ ....

ମୃତ ସେନିକଙ୍କ ପୁଅ ଗେରବ ସିଂହ (୨୮), ଆମ୍ବୁଲାନ୍ସ ଡ୍ରାଇଭର ଯଶପାଲ (୩୦)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସେନିକଙ୍କ ଭାଇ ରଞ୍ଜନ ଚେଧୁରୀ (୩୫) ଓ ପୁତୁରା ରାମ ସମୁଝ ସିଂହ (୪୦)ଙ୍କର ଅଯୋଧ୍ୟାର ଏକ ହସ୍ପିଟାଲରେ ଚିକିତ୍ସା ଚାଲିଥିବା ସମୟରେ ମୃତ୍ୟୁ ହୋଇଥିଲା। ପୁଲିସ କହିଛି ଯେ, ଆମ୍ବୁଲାନ୍ସ ନିୟନ୍ତ୍ରଣ ହରାଇ ଟ୍ରକ୍‌କୁ ଧକ୍କା ଦେଇଥିଲା। ପୁଲିସ ମୃତଦେହଗୁଡ଼ିକ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୁବେଦାର ମେଜରଙ୍କ ମୃତଦେହ ହାଲିୟାପୁର ପୁଲିସ ଷ୍ଟେସନରେ ରଖାଯାଇଛି। ସୁଲତାନପୁର ପୁଲିସ ଅଧିକ୍ଷକ ବିନୀତ ଜୟସ୍ୱାଲ କହିଛନ୍ତି ଯେ, ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଜିଲ୍ଲା ମାଜିଷ୍ଟ୍ରେଟ ଇନ୍ଦ୍ରଜିତ ସିଂହ ଓ ସେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ।

ସେବା ସଂକଳ୍ପ ଅଭିଯାନ...

ଯୁବସମାଜ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ମାନବିକତାର ଯେଉଁ ଉତ୍ତମ ନଜିର ସୃଷ୍ଟି କରିଛନ୍ତି, ତାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ।ଏହି ସୁବିଶାଳ ଶିବିରରୁ ମୋଟ ୨୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଶିବିରର ସବୁଠାରୁ ଉଲ୍ଲେଖନୀୟ ଦିଗ ଥିଲା ମହିଳା ରକ୍ତଦାତାଙ୍କ ଉତ୍ସାହଜନକ ସହଭାଗିତା। କ୍ରମାଗତ ଭାବେ ମହିଳା ରକ୍ତଦାତାଙ୍କ ସଂଖ୍ୟା ବୃଦ୍ଧି ପାଇବା ସାମାଜିକ ସଚେତନତାର ଏକ ନୂତନ ଦିଗକୁ ଦର୍ଶାଉଛି।ଗୋବିନ୍ଦପୁର ମଣ୍ଡଳ ସଭାପତି ରଞ୍ଜିତ ବିଶାଲଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ମନ୍ତ୍ରୀଙ୍କ ସଦର ବ୍ଲକ ପ୍ରତିନିଧି ଜ୍ଞାନ ରଞ୍ଜନ ନାୟକ, ପୂର୍ବତନ ଯୁବ ମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ବିଜେପି ନେତା ଅକ୍ଷର କୁମାର ରାଉତ, ଶଙ୍କରପୁର ମଣ୍ଡଳ ସଭାପତି ଶୁଶିଲ କୁମାର ରାଉତ, ବିଭୁ ପ୍ରସାଦ ଦେହୁରୀ, ବାପୁ ପଟ୍ଟନାୟକ, ଅଭିମନ୍ୟୁ ଖିଲାର ଓ ପ୍ରଫୁଲ ଗଣ୍ଡଙ୍କ ସମେତ ବହୁ ବିଶିଷ୍ଟ ନେତୃବୃନ୍ଦ ଉପସ୍ଥିତ ଥିଲେ।ଏହାସହ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା, ସ୍ୱେଚ୍ଛାସେବୀ ଓ ସମାଜସେବୀ ଶିବିରରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ନିଜେ ରକ୍ତଦାନ କରିବା ସହ ସେବା ମନୋଭାବର ଅନନ୍ୟ ଦୃଷ୍ଟାନ୍ତ ଉପସ୍ଥାପନ କରିଥିଲେ।

ପରିଷ୍କାର ପରିବେଶରେ ...

ଶୁକ୍ରବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଜେ ମନ୍ତ୍ରୀ ଝାଡୁ ଧରି ଅଳିଆ ଆବର୍ଜନା ସଫା କରିବା ଦୃଶ୍ୟ ଉପସ୍ଥିତ ଲୋକଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ପାଲଟିଥିଲା। ଏହି ଅବସରରେ ଶ୍ରୀ ପାତ୍ର କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀ ଦେଖିଥିବା 'ସ୍ୱଚ୍ଛ ଭାରତ'ର ସ୍ୱପ୍ନକୁ ସାକାର କରିବା କେବଳ ସରକାରଙ୍କ କାମ ନୁହେଁ, ବରଂ ଏହା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ। ଡାକ୍ତରଖାନା ପରିସର ପରିଷ୍କାର ଓ ସ୍ୱଚ୍ଛ ରହିଲେ ସଂକ୍ରମଣର ଆଶଙ୍କା କମିଥାଏ ଏବଂ ରୋଗୀ ସେବା ଆହୁରି ନିରାପଦ ତଥା ସୁରକ୍ଷିତ ହୋଇପାରିବ। ତେଣୁ ସମାଜର ପ୍ରତ୍ୟେକ ନାଗରିକ ଓ ଦଳୀୟ କାର୍ଯ୍ୟକର୍ତ୍ତା ନିଜ ଆଖପାଖ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ।ସାଧାରଣ ଲୋକଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ସାମାଜିକ ଅଭିଯାନରେ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ବହୁ ରାଜନୈତିକ ବ୍ୟକ୍ତିବିଶେଷ ଏକାଠି ହୋଇଥିଲେ। ଢେଙ୍କାନାଳ ପୌରାଧକ୍ଷା ଜୟନ୍ତୀ ପାତ୍ର, ପୌରପାଳିକା ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାସଙ୍କ ସମେତ ବିଜେପି ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା, ପୂର୍ବତନ ଯୁବ ମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା ଏବଂ ନଗର ମଣ୍ଡଳ ସଭାପତି ବିକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସଫେଇ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ।ସେହିପରି ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲ୍ଲା ସଭାପତି ନରେଶ ମହାପାତ୍ର, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, ଅକ୍ଷୟ ମହାନ୍ତି, ନବ କିଶୋର ଗୁରୁ, ରୁଦ୍ର ନାରାୟଣ ତ୍ରିପାଠୀ, ପଦ୍ମ ଚରଣ ସାହୁ, ଜ୍ଞାନ ରଞ୍ଜନ ନାୟକ ଓ ସୁଶୀଲ କୁମାର ରାଉତଙ୍କ ସମେତ ବହୁ ବିଜେପି କାଉନସିଲର, ବୁଦ୍ଧିଜୀବୀ ତଥା ଦଳୀୟ କର୍ମକର୍ତ୍ତା ଏହି ମହତ କାର୍ଯ୍ୟରେ ସାମିଲ ହୋଇଥିଲେ। ନେତା ଓ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ଡାକ୍ତରଖାନା ପରିସରରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିଥିଲା।

ପଞ୍ଚାୟତ ଓ ପୌର ନିର୍ବାଚନ...

ସହିତ 'ୱାନ ଟୁ ୱାନ' ଆଲୋଚନା କରିବା ପରେ ଆଜି ପୁଣି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀମଣ୍ଡଳର ସଦସ୍ୟ ଏବଂ ତମାମ ପଦାଧିକାରୀଙ୍କ ସହ ସେ ଏକ ରୁଦ୍ଧଦ୍ୱାର ବୈଠକ କରିଛନ୍ତି। ଏହି ବୈଠକରେ ପଞ୍ଚାୟତ ଦଖଲ କରିବାର ଫର୍ମୁଲା ଏବଂ ଗ୍ରାଉଣ୍ଡରେ ଏହାକୁ କିପରି କାର୍ଯ୍ୟକାରୀ କରାଯିବ, ସେନେଇ ସେ ବଡ଼ ମନ୍ତ୍ର ଦେଇଛନ୍ତି।ମୁଣ୍ଡ ଉପରେ ପଞ୍ଚାୟତ ଓ ପୌର ନିର୍ବାଚନ ଥିବାରୁ ବିରୋଧୀଙ୍କୁ କିପରି ଚେକ୍ ଦିଆଯିବ, ତାହାକୁ ପ୍ରଭାରୀ ବିଶେଷ ଗୁରୁତ୍ୱ ଦେଇଛନ୍ତି। ବର୍ତ୍ତମାନ ଦଳର ସ୍ଥିତି କ'ଣ ରହିଛି, କେଉଁଠି ଦଳ ସୁଦୃଢ଼ ରହିଛି ଏବଂ କେଉଁଠି ଦଳକୁ ଅଧିକ ଶକ୍ତିଶାଳୀ ହେବାକୁ ପଡ଼ିବ, ସେ ବାବଦରେ ସେ ରାଜ୍ୟ ନେତୃତ୍ୱଙ୍କ ସହ ଆଲୋଚନା କରିଛନ୍ତି। ଏହାସହ ବିରୋଧୀଙ୍କ ଆକ୍ରମଣାତ୍ମକ ରଣନୀତିକୁ କିପରି କାଉଣ୍ଟର କରାଯିବ, ସେ ବାବଦରେ ମଧ୍ୟ ସେ ଦଳୀୟ ନେତାଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଛନ୍ତି।ଅନ୍ୟପକ୍ଷରେ, ବିଜେପିକୁ ଅଚାନକ କ୍ଷମତାକୁ ଆସିଯାଇଥିବା ଦଳ ଭାବୁଥିବା ବିରୋଧୀମାନେ ପଞ୍ଚାୟତ ନିର୍ବାଚନରେ ଶାସକ ଦଳକୁ ମାତ୍ ଦେବା ପାଇଁ ଅପେକ୍ଷାରେ ରହିଛନ୍ତି। ଏଥିପାଇଁ ସେମାନେ ଜୋରଦାର ପ୍ରୟାସ ମଧ୍ୟ ଆରମ୍ଭ କରିଛନ୍ତି। ବିଜେଡି ମାସବ୍ୟାପି ପଦଯାତ୍ରା କରି ଗାଁ-ଗାଁରେ ପହଞ୍ଚିବାକୁ ବଳ ଲଗାଇଥିବା ବେଳେ, ବିଜେଡି ସବୁବେଳେ ଗ୍ରାଉଣ୍ଡରେ ରହେ ବୋଲି ଦଳୀୟ ବିଧାୟକ ଶାସକ ଦଳକୁ ଚ୍ୟାଲେଞ୍ଜ କରିଛନ୍ତି।ସେହିପରି ସରକାରଙ୍କ ଅଢ଼େଇ ବର୍ଷର କାର୍ଯ୍ୟକାଳ ଭିତରେ ବିଜେପିର ଲୋକପ୍ରିୟତା ତଳକୁ ଖସୁଥିବା ଅଭିଯୋଗ ଆଣିଛି କଂଗ୍ରେସ। ଦଳ ଦାବି କରିଛି ଯେ, ବର୍ତ୍ତମାନ କଂଗ୍ରେସ ପ୍ରତି ଲୋକଙ୍କ ଆସ୍ଥା ବଢୁଛି ଏବଂ ଶାସକ ଦଳର ସବୁ ଯୋଜନାକୁ ଜନସାଧାରଣ ପ୍ରତ୍ୟାଖ୍ୟାନ କରିବେ। ଶେଷରେ, ଶାସକ ଦଳର କୌଣସି ରଣନୀତି ଆଗାମୀ ନିର୍ବାଚନରେ କାମ ଦେବ ନାହିଁ ବୋଲି ବିରୋଧୀମାନେ ଦମ୍ଭ ଦେଖାଇଛନ୍ତି।

ବ୍ରାଉନ୍ ସୁଗାର କାରବାରରେ ୬ ଗିରଫ

୪୦୩.୨ ଗ୍ରାମ ବ୍ରାଉନ୍ ସୁଗାର, ୨୦ ହଜାର ଟଙ୍କା ଓ ଡିଜାୟାର କାର ଜବତ



ଜୟପୁର, ୪।୧୦(ସମୀର ରଞ୍ଜନ ପାତ୍ର): ବ୍ରାଉନ୍ ସୁଗାର କାରବାର ବିରୋଧରେ ଜୟପୁର ଟାଉନ୍ ଥାନା ପୁଲିସକୁ ସଫଳତା ମିଳିଛି। ନାଇଟ୍ ପାଟ୍ରୋଲିଂ ସମୟରେ ଏକ ଗାଡ଼ିକୁ ଅଟକାଇ ଯାଞ୍ଚ କରିବା ବେଳେ ୪୦୩.୨ ଗ୍ରାମ ବ୍ରାଉନ୍ ସୁଗାର ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି ପୁଲିସ।ଗିରଫଙ୍କ ମଧ୍ୟରେ ଜଣେ ମହିଳା ଓ ୫ ଜଣ ପୁରୁଷ ରହିଛନ୍ତି।ପୁଲିସର ସୂଚନା ଅନୁଯାୟୀ, ଗତ ୩ ତାରିଖ ରାତିରେ ଏକ ବିଶ୍ୱସନୀୟ ସୂତ୍ରରୁ ସୂଚନା ପାଇ ଜୟପୁର କୋଲାବ କେନାଲ ରାସ୍ତା ଅଞ୍ଚଳରେ ନାଇଟ୍ ପାଟ୍ରୋଲିଂ କରୁଥିବା ପୁଲିସ ଏକ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ବ୍ରାଉନ୍ ସୁଗାର ଜବତ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଜୟପୁର ଗୋପବନ୍ଧୁନଗରର ରାମ ଛତ୍ରିଆ (୩୫), ଖୋର୍ଦ୍ଧା ବେଗୁନିଆ ଥାନା ଛତ୍ରପଡ଼ାର ପ୍ରକାଶ କୁମାର ଛୁଆଳସିଂହ (୫୨), ବୋଲଗଡ଼ ଥାନା କେନ୍ଦୁପଲ୍ଲୀର ଶେଖ୍ ଅଲ୍ଲୀ (୨୬), କୋରାପୁଟ ଟାଉନ୍ ଥାନା ମିଶନ କମ୍ପାଉଣ୍ଡର ଆଲୋକ ଚେଟି (୨୯), ଖୋର୍ଦ୍ଧା ବେଗୁନିଆ ଥାନା ଗୋଡ଼ତରାର ସତ୍ୟପ୍ରିୟ ପଟ୍ଟନାୟକ (୪୯) ଏବଂ ନୟାଗଡ଼ ଟାଉନ୍ ଥାନା ଅଞ୍ଚଳର ସରୋଜିନୀ ବରାଡ଼ (୩୬)। ପୁଲିସ କହିଛି, ଗିରଫ ୬ ଜଣଙ୍କ ମଧ୍ୟରୁ ୨ ଜଣ କୋରାପୁଟ, ୩ ଜଣ ଖୋର୍ଦ୍ଧା ଏବଂ ଜଣେ ନୟାଗଡ଼ ଜିଲ୍ଲାର ବାସିନ୍ଦା।ଏହି ଘଟଣାରେ ପୁଲିସ ମାରୁତି ସୁଜୁକି ଡିଜାୟାର କାର, ନଗଦ ୨୦ ହଜାର ଟଙ୍କା, ୮ଟି ମୋବାଇଲ୍ ଫୋନ୍, ଗୋଟିଏ ଭୁଜାଲି ଓ ଗୋଟିଏ ଛୁରି ଜବତ କରିଛି। ମାମଲାର ତଦନ୍ତ ଏସ୍‌ଆଇ ସିଦ୍ଧାନ୍ତ ବେହେରା କରୁଛନ୍ତି।ପୁଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ କେତେକଙ୍କ ନାମରେ ପୂର୍ବରୁ ଏନ୍‌ଡିପିଏସ୍ ଆଇନ ସମେତ ହତ୍ୟା, ଡକାୟତି ଓ ଚୋରି ଭଳି ମାମଲା ରହିଥିବା ଜଣାପଡ଼ିଛି। ଜେରା ବେଳେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ନିଶାଦ୍ରବ୍ୟ ଯୋଗାଣ ଓ ବିତରଣରେ ଅନ୍ୟ କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ତଥ୍ୟ ମିଳିଥିବା ପୁଲିସ କହିଛି।

ଦାଦନ ଯିବା ବେଳେ ୧୮ ଶ୍ରମିକଙ୍କ ସହ ୮ ଶିଶୁ ଉଦ୍ଧାର

ବସଷ୍ଟାଣ୍ଡରେ ପୁଲିସର ଚଢ଼ାଉ, ଆନ୍ଧ୍ର ଯିବା ପୂର୍ବରୁ ଅଟକାଇଲା



ନୂଆପଡା ୦୪/୧୦(ଅକ୍ଷର ଓଡିଶା) ଦାଦନ ଖଟିବା ପାଇଁ ଆନ୍ଧ୍ରପ୍ରଦେଶ ଯିବାକୁ ବାହାରିଥିବା ୧୮ ଜଣ ଶ୍ରମିକଙ୍କ ସହ ୮ ଜଣ ଶିଶୁଙ୍କୁ ଖଡ଼ିଆଳ ପୁଲିସ ଉଦ୍ଧାର କରିଛି। ଶନିବାର ସକାଳ ପ୍ରାୟ ୧୧ଟା ସମୟରେ ଖଡ଼ିଆଳ ବସଷ୍ଟାଣ୍ଡରେ ପୁଲିସ ଚଢ଼ାଉ କରି ସେମାନଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ପରେ ସମସ୍ତଙ୍କୁ ଥାନାକୁ ନେଇ ସଚେତନ କରାଯିବା ସହ ନିଜ ନିଜ ଘରକୁ ପଠାଇ ଦିଆଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଖଡ଼ିଆଳ ଥାନା ଅନ୍ତର୍ଗତ ଚନାବେଡ଼ା ପଞ୍ଚାୟତ ବରପଦର ଗ୍ରାମର ୧୧ ଜଣ ପୁରୁଷ ଓ ୭ ଜଣ ମହିଳା ଶ୍ରମିକ କଣ୍ଟାବାଞ୍ଜି ଯାଇ ସେଠାରୁ ଟ୍ରେନ ଯୋଗେ ଆନ୍ଧ୍ରପ୍ରଦେଶ ଯିବାକୁ ବାହାରିଥିଲେ। ସେମାନଙ୍କ ସହ ୮ ଜଣ ଶିଶୁ ମଧ୍ୟ ଥିଲେ। ଉଦ୍ଧାର ହୋଇଥିବା ପୁରୁଷ ଶ୍ରମିକମାନେ ହେଲେ ରତ୍ନାକର ବାଗ, କୁଳମଣି ବାଗ, କୋଇ ନିଆଲ, ଅଖିଳ ନିଆଲ, କଳାକୃଷ୍ଣ ନାଏକ, ନିରଞ୍ଜନ ନିଆଲ, ରାଜେନ୍ଦ୍ର ନାଏକ, ଚନ୍ଦନ ନାଏକ, କରନ ନାଏକ, ହରି ନିଆଲ ଓ ତପନ ନିଆଲ। ସେହିପରି ମହିଳା ଶ୍ରମିକମାନେ ହେଲେ ଭୂମିସୁତା ବାଗ, ରୁକ୍ମିଣୀ ନାଏକ, ଦହନା ନିଆଲ, ଭାଗ୍ୟ ନିଆଲ, ରେଣୁକା ନାଏକ, ଗୀତା ନିଆଲ ଓ ସୁକେସିନୀ ନାଏକ। ଖଡ଼ିଆଳ ଥାନା ଅଧିକାରୀ ସୁମନ୍ତ ନାଏକଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଅଶୋକ କୁମାର ବିହାରୀ ଓ ଏଏସ୍‌ଆଇ ସସ୍ମିତା ଠାକୁରଙ୍କ ନେତୃତ୍ୱରେ ପୁଲିସ ଟିମ୍ ବସଷ୍ଟାଣ୍ଡରେ ଚଢ଼ାଉ କରିଥିଲା। ଶ୍ରମିକମାନଙ୍କୁ ଥାନାକୁ ଆଣି ବାହାର ରାଜ୍ୟକୁ ଦାଦନ ଭାବେ ନଯିବାକୁ ସଚେତନ କରାଯାଇଥିଲା। ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଶ୍ରୀ ନାଏକ ପ୍ରକାଶ କରିଛନ୍ତି।

ରାସ୍ତା ମଝିରେ ଜଳିଗଲା ବୋଲେରୋ



ଖଲିକୋଟ ୦୪/୧୦ (ନିଲୁ ପଣ୍ଡା)ବିଳମ୍ବିତ ରାତିରେ ଆସିକା ଠାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ରାଜ୍ୟ ରାଜପଥରେ ଘଟିଛି ଏଭଳି ଅଭାବନୀୟ ଘଟଣା ଘଟିଛି । ଖଲ୍ଲିକୋଟ ଅନ୍ତର୍ଗତ ପୁଷ୍ପପୁର ଗ୍ରାମ ନିକଟରେ ଘଟିଛି ଏପ୍ରକାର ଦୁର୍ଘଟଣା । ଖବର ନେବାରେ ଜଣାଯାଇଛି ଉକ୍ତ ଗାଡିଟି ସମ୍ପୂର୍ଣ୍ଣ ଜଳି ଯାଇଥିଲେ ମଧ୍ୟ କେହି ମୃତାହତ ହୋଇନ ଥ

ସେବାର୍ଥେ ଯୁବ ସମାଜର ରକ୍ତଦାନ ଶିବିର ୭୧ ୟୁନିଟ ରକ୍ତ ସଂଗ୍ରହ

କାମାକ୍ଷାନଗର,୪/୧୦(ସୁମନ୍ତ ଜେନା) କଙ୍କଡାହାଡ଼ ବ୍ଲକ କଣ୍ଟାପାଳ କଲୋନୀ-୪ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ପରିସରରେ ସେବାର୍ଥେ ଯୁବ ସମାଜ କଙ୍କଡାହାଡ଼ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜିଲ୍ଲା ଅଧ୍ୟକ୍ଷ ନାଉରି ସିଂହ ଯୋଗ ଦେଇ ରକ୍ତଦାନ ଶିବିରକୁ



ଉଦଘାଟନ କରିଥିଲେ ।ଏହି ଶିବିରରେ ୭୧ ଜଣ ରକ୍ତଦାତା ରକ୍ତଦାନ କରିଥିଲେ ।ଶ୍ରୀ ସିଂହ କହିଥିଲେ ରକ୍ତଦାନ ଏକ ମହତ କାମ ।ସେବାର୍ଥେ ଯୁବ ସମାଜ କଙ୍କଡାହାଡ଼ ପକ୍ଷରୁ ଆୟୋଜିତ ସେବା ହିଁ ସଂକଳ୍ପ ଅଭିଯାନରେ ଏହି ରକ୍ତଦାନ ଶିବିରରେ ସ୍ୱେଚ୍ଛାସେବୀ ଓ ଆଗ୍ରହୀ ଯୁବକ ଯେଉଁମାନେ ଆସି ରକ୍ତଦାନ ଶିବିର ଆୟୁଜନ ଓ ରକ୍ତଦାନ କରିଛନ୍ତି ସେମାନଙ୍କୁ ପ୍ରଶଂସା କରିଥିଲେ ।ରକ୍ତ ଅଭାବରୁ କେହି ମୃତ୍ୟୁ ମୁଖରେ ନପଡ଼ନ୍ତୁ ସେ ଆହ୍ୱାନ କରିଥିଲେ ।ସମ୍ମାନିତ ଅତିଥିଭାବେ ଗୋଷ୍ଠି ଉନ୍ନୟନ ଅଧିକାରୀ ଯଶୋବନ୍ତ ଦେହୁରୀ,କଙ୍କଡାହାଡ଼ ଥାନା ଅଧିକ କଳ୍ପନା ବେହେରା, ପୁଂତନ ବ୍ଲକ ଅଧ୍ୟକ୍ଷ କାର୍ତିକ ସାହୁ,ବାମ ସରପଞ୍ଚ ଫକୀର ଚରଣ ମହାନ୍ତ,ପ୍ରକୃତି ବନ୍ଧୁ ରାଜେଶ କୁମାର ଦେହୁରୀ,ପୁଂତନ ଜିଲ୍ଲା ପରିଷଦ ସଦସ୍ୟ ବଳଭଦ୍ର ସାହୁ,ପୂର୍ବତନ ସରପଞ୍ଚ ଲୋକନାଥ ସିଂହ, ପୂର୍ବତନ ସମିତି ସଦସ୍ୟ ମନମୋହନ ସିଂହ, ସମାଜସେବୀ ଦେବାଶିଷ ପଣ୍ଡା,କଣ୍ଟାପାଳ ମେଡ଼ିକାଲ ଡାକ୍ତର ଶ୍ୱି ଶଙ୍କର ସ୍ୱାଇଁ,ଫାର୍ମାସି ଅଫିସର ବୃନ୍ଦାବନ ସେଠି ପ୍ରମୁଖ ଯୋଗ ଦେଇଥିଲେ ।ଢେଙ୍କାନାଳ ରକ୍ତ ଭଣ୍ଡାରର ରାକେଶ ବେହେରା,ପରମାନନ୍ଦ ପଣ୍ଡା,ସୌମ୍ୟ ରଞ୍ଜନ ମହାନ୍ତି,ରୋହିତ ଦାସ, ଅଜୟ ସ୍ୱାଇଁ,ତପନ ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।ଏହି କାର୍ଯ୍ୟକ୍ରମରେ ସେବାର୍ଥେ ଯୁବ ସମାଜ ପ୍ରତିଷ୍ଠାତା ପ୍ରଦୀପ୍ତ ବାରିକି,ସୁରଥ ପାତ୍ର, ସତ୍ୟବାନ ମହାନ୍ତ, ଅଞ୍ଜନ ମହାନ୍ତ, ହିରଣ୍ୟ ରଣା,ନବୀନ ପାତ୍ର , ସତ୍ୟବ୍ରତ ରଣା, ଗଗନ କୁମାର ପାତ୍ର, ସୁବାଷ ସାହୁ,ଡାକ୍ତର ନାୟକ,ରାଜେନ୍ଦ୍ର ନାୟକ, ଆୟୁଜ ରଣା,ଅଂଶୁମାନ ସାହୁ,ସ୍ୱାଧିନ ବିଶ୍ୱାଳ,ଚିନ୍ମୟ ସାହୁ, ରଞ୍ଜନ ସିଂହ, ବୁଦ୍ଧିମନ୍ତ ସିଂହ, ଭାସ୍କର ଜେନା, ପଙ୍କଜ ଜେନା ପ୍ରମୁଖ ସହଯୋଗ କରିଥିଲେ ।

ରାଜପଥରେ ନିରୀହ ଜୀବଙ୍କ ମୃତ୍ୟୁ, ପ୍ରଶାସନକୁ ମାରୁତି ସେନାର ଚେତାବନୀ

ଭୁବନ ୦୪/୧୦ (ନନ୍ଦ କିଶୋର ନାଏକ) : ଢେଙ୍କାନାଳ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ-୫୩ ଏବେ ଦୁର୍ଘଟଣାପ୍ରବଣ ରାସ୍ତାରେ ପରିଣତ ହୋଇଛି । ବିଶେଷକରି ରାଜପଥରେ ବେପରୁଆ ଗାଡ଼ି ଚାଳନା, ଦ୍ରୁତଗତି ଓ ମଦ୍ୟପାନ କରି ଗାଡ଼ି ଚାଳନା ଯୋଗୁଁ ମଣିଷଙ୍କ ସମେତ ନିରୀହ ଜୀବଜନ୍ତୁମାନେ ମଧ୍ୟ ଦୁର୍ଘଟଣାର ଶିକାର ହେଉଛନ୍ତି । ଏଭଳି ଘଟଣାକୁ ନେଇ ସ୍ଥାନୀୟ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

❖ବେପରୁଆ ଓ ମଦ୍ୟପ ଗାଡ଼ି ଚାଳନା ରୋକିବାକୁ କଡ଼ା ଯାଞ୍ଚ ଦାବି
❖ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ କରି ସୁରକ୍ଷା ବ୍ୟବସ୍ଥା ବଢ଼ାଇବାକୁ ଦାବି
❖ପଦକ୍ଷେପ ନନେଲେ ରାଜରାସ୍ତାକୁ ଓହ୍ଲାଇବେ

ଶନିବାର ଭୁବନ ଥାନା ଅନ୍ତର୍ଗତ ଡେଙ୍ଗାବାହାଲି ନିକଟରେ ଏକ ବୃଷଭ (ଷଣ୍ଢ) ଅଜଣା ଗାଡ଼ି ଧକ୍କାରେ ଆହତ ହୋଇ ରାଜପଥ ପାର୍ଶ୍ୱରେ ଛଟପଟ ହେଉଥିବା ଦେଖାଯାଇଥିଲା । ଏହା ଦେଖି ମାରୁତି ସେନାର ଆଗଧାଡ଼ିର ସଦସ୍ୟ ପ୍ରତାକ ଜେନା ତୁରନ୍ତ ସଙ୍ଗଠନର ଢେଙ୍କାନାଳ ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରାଙ୍କୁ ଖବର ଦେଇଥିଲେ । ଖବର ପାଇବା ପରେ ଜିଲ୍ଲା ସଭାପତିଙ୍କ ନିର୍ଦ୍ଦେଶରେ ସଙ୍ଗଠନର ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ପଶୁ ଚିକିତ୍ସକଙ୍କୁ ଡକାଇ ଆହତ ବୃଷଭର ଚିକିତ୍ସା ବ୍ୟବସ୍ଥା କରିଥିଲେ । ମାରୁତି ସେନା ପକ୍ଷରୁ କୁହାଯାଇଛି ଯେ, ରାଜପଥରେ ଦିନକୁ ଦିନ ଦୁର୍ଘଟଣା ବଢ଼ିଚାଲିଥିଲେ ମଧ୍ୟ ଏହାକୁ ରୋକିବା ଦିଗରେ ଆବଶ୍ୟକ ତାଗିଦ୍ ଓ ନିୟନ୍ତ୍ରଣ ଦେଖିବାକୁ ମିଳୁନାହିଁ । ଫଳରେ ଅକାରଣରେ ଅନେକ ନିରୀହ ଜୀବନ ଯାଉଛି । ବିଶେଷକରି ଓଭରବ୍ରିଜ ନିକଟବର୍ତ୍ତୀ ଅଞ୍ଚଳରେ ଦୁର୍ଘଟଣାର ମାତ୍ରା ଅଧିକ ଥିବାରୁ ସେଠାରେ



ଯାଞ୍ଚ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ରାଜପଥର ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବାକୁ ମାରୁତି ସେନା ଦାବି କରିଛି । ସମସ୍ୟାର ସମାଧାନ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ମାରୁତି ସେନା ରାଜରାସ୍ତାକୁ ଓହ୍ଲାଇବା ସହ ଜାତୀୟ ରାଜପଥ ଅବରୋଧ କରିବାକୁ ବାଧ ହେବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି । ଗୋ-ସୁରକ୍ଷା ଓ ଆହତ ଜୀବଜନ୍ତୁଙ୍କୁ ତୁରନ୍ତ ଚିକିତ୍ସା ଯାଇବାହନ ଚଳାଚଳ ଉପରେ କଡ଼ା ନଜର ରଖିବାକୁ ସଙ୍ଗଠନ ଦାବି କରିଛି । ଗତ ରାତିରେ ମଧ୍ୟ ମାଳପୁରା ଓଭରବ୍ରିଜ ଉପରେ ଏକ ଷଣ୍ଢକୁ ଅଜଣା ଗାଡ଼ି ଧକ୍କା ଦେବାରୁ ଘଟଣାସ୍ଥଳରେ ତାହାର ମୃତ୍ୟୁ ଘଟିଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି । ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ରାଜପଥର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି । ବେପରୁଆ ଓ ଦ୍ରୁତଗତିରେ ଗାଡ଼ି ଚାଳନା ଉପରେ କଡ଼ା ନଜର ରଖିବା, ମଦ୍ୟପ ଚାଳକଙ୍କ ବିରୋଧରେ ନିୟମିତ

ଭୁବନ ବଳଦ ଯାତ୍ରା ଓ ଦଶହରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଭୁବନ୪/୧୦(ନନ୍ଦ କିଶୋର ନାଏକ) : ପ୍ରସିଦ୍ଧ ଭୁବନ ବଳଦ ଯାତ୍ରା, ଦଶହରା ମହୋତ୍ସବ-୨୦୨୬, ରାବଣ ପୋଡ଼ି ଓ ମା' ଦୁର୍ଗାଙ୍କ ମୂର୍ତ୍ତି ବିସର୍ଜନ ମହୋତ୍ସବକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶନିବାର ଅପରାହ୍ନ ୩ଟା ସମୟରେ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ସମ୍ମିଳନୀ କକ୍ଷରେ ଏହି ବୈଠକ ବସିଥିଲା । ବୈଠକରେ ଉପଜିଲ୍ଲାପାଳ ତଥା ସବ୍-ଡିଭିଜନାଲ ମ୍ୟାଜିଷ୍ଟ୍ରେଟ୍ ଯୋଗଦେଇ ଆଗାମୀ ଦଶହରା ମହୋତ୍ସବ ସମେତ ବଳଦ



■ଶାନ୍ତିଶୃଙ୍ଖଳା ଓ ସୁରକ୍ଷାକୁ ଗୁରୁତ୍ୱ, ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି
■ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ଓ ଆଇନଶୃଙ୍ଖଳା ଉପରେ ରହିବ ନଜର
■ରାବଣ ପୋଡ଼ିରୁ ଦୁର୍ଗା ଭାସାଣି ଯାଏଁ ସୁରକ୍ଷା ବ୍ୟବସ୍ଥା ଉପରେ ଫୋକସ୍

ଯାତ୍ରା, ରାବଣ ପୋଡ଼ି ଓ ମା' ଦୁର୍ଗାଙ୍କ ମୂର୍ତ୍ତି ବିସର୍ଜନ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଭୁବନର ପ୍ରସିଦ୍ଧ ବଳଦ ଯାତ୍ରା ଓ ଦଶହରା ମହୋତ୍ସବରେ ପ୍ରତିବର୍ଷ ବହୁ ସଂଖ୍ୟକ ଶ୍ରଦ୍ଧାଳୁ, ଦର୍ଶକ ଓ ଜନସାଧାରଣଙ୍କ ସମାଗମ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ଭିଡ଼ ନିୟନ୍ତ୍ରଣ, ଆଇନଶୃଙ୍ଖଳା, ଟ୍ରାଫିକ୍ ପରିଚାଳନା, ରାବଣ ପୋଡ଼ି ସମୟରେ ସୁରକ୍ଷା ବ୍ୟବସ୍ଥା ଏବଂ ଦୁର୍ଗା ମୂର୍ତ୍ତି ବିସର୍ଜନ ସମୟରେ ଆବଶ୍ୟକ ବ୍ୟବସ୍ଥା ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ମହୋତ୍ସବ ସମୟରେ ସାଧାରଣ ଲୋକଙ୍କ ଯାତାୟାତରେ ଯେପରି ସମସ୍ୟା ନ ହୁଏ ଏବଂ କୌଣସି ଅପ୍ରୀତିକର ପରିସ୍ଥିତି ନ ଘଟେ, ସେଥିପାଇଁ ସମ୍ପୃକ୍ତ ବିଭାଗ ଓ ଆୟୋଜକମାନଙ୍କ ମଧ୍ୟରେ ସମନ୍ୱୟ ରଖିବା ଉପରେ ଆଲୋଚନା ହୋଇଥିଲା । ମହୋତ୍ସବକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପାଦନ ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

ଶଙ୍କରପୁର ନୋଡାଲ ବିଦ୍ୟାଳୟରେ ମା' ନାମରେ ଗୋଟିଏ ଗଛ କାର୍ଯ୍ୟକ୍ରମ

ଢେଙ୍କାନାଳ, ୦୪/୧୦(ବିଜ୍ଞାନ ମହାନ୍ତି) ସେବା ସମ୍ପର୍କ ଅଭିଯାନ ଅନ୍ତର୍ଗତ 'ମା' ନାମରେ ଗୋଟିଏ ଗଛ' କାର୍ଯ୍ୟକ୍ରମ ଶଙ୍କରପୁର ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ



ଢେଙ୍କାନାଳ ବିଜେପି ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ସହ ବୃକ୍ଷରୋପଣ କରିଥିଲେ। ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗଛ ଲଗାଇ ତାର ଯତ୍ନ ନେବା ଜରୁରୀ ବୋଲି ସେ କହିଥିଲେ। ଏହି ଅବସରରେ ଶଙ୍କରପୁର ମଣ୍ଡଳ ସଭାପତି ସୁଶୀଳ କୁମାର ରାଉତ, ଶଙ୍କରପୁର ସରପଞ୍ଚ ରବୀନ୍ଦ୍ର ବେହେରା, ସମିତି ସଭ୍ୟ ନୀଳମଣି ରାଉତ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଝରଣା ସାହୁ, ବିଦ୍ୟାଳୟ ସଭାପତି ବିଷ୍ଣୁ ସାହୁ ଏବଂ ପୂର୍ବତନ ସରପଞ୍ଚ ରମେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବିଦ୍ୟାଳୟର ବରିଷ୍ଠ କାର୍ଯ୍ୟକର୍ତ୍ତା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

କାରନ୍ଦାରେ ଗାନ୍ଧୀ ଜୟନ୍ତୀ ପାଳିତ ଯୋଗଦେଲେ ସାଂସଦ ରୁଦ୍ର ପାଣି



ଖଜୁରିଆକଟା ୪/୧୦(ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବିଧାନସଭା ଅନ୍ତର୍ଗତ କରନ୍ଦା ପଞ୍ଚାୟତରେ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସର ରେ ସରପଞ୍ଚ ଦୁଷ୍ମନ୍ତ ନାଏକ ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଶୁକ୍ରବାର ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ ଗାନ୍ଧୀଜି ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ କଲ୍ୟାଣ ରେ ବ୍ରତୀ ହେବାକୁ ଉପସ୍ଥିତ କର୍ମକର୍ତ୍ତା ଙ୍କୁ ମାର୍ଗଦର୍ଶନ କରାଇଛନ୍ତି । ଏଠାରେ ସ୍ଥାନୀୟ ଜନସାଧାରଣ ଗ୍ରାମ ର ବିଭିନ୍ନ ସମସ୍ୟା ର ନିରାକରଣ ନିମନ୍ତେ ସାଂସଦ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ଏନେଇ ସାଂସଦ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ କରନ୍ଦା ଗ୍ରାମରେ ସର୍ପା ଘାତରେ ମୃତ୍ୟୁ ବରଣ କରିଥିବା ସନାତନ ବେହେରା ଙ୍କ ଝିଅ ସୁଚିତ୍ରା ବେହେରା ଙ୍କ ପରିବାର ବର୍ଗ ଙ୍କୁ ଭେଟି ସମବେଦନା ଜଣାଇବା ପରେ କୁକୁଟା ପଞ୍ଚାୟତ ର ବିଜେପି ସଭାପତି ସ୍ୱର୍ଗତ ଅଭିମନ୍ୟୁ ସାହୁ ଏକାଦଶାହ କାର୍ଯ୍ୟକ୍ରମରେ ଯୋଗଦେଇ ତାଙ୍କ ଫଟୋ ଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇ ପରିବାର ବର୍ଗ ଙ୍କୁ ଭେଟି ସମବେଦନା ଜଣାଇଥିଲେ । ଏହାପରେ କୁକୁଟା ଛକ ଠାରେ ହିନ୍ଦୋଳ ଉପଖଣ୍ଡ ର ଅବସରପ୍ରାପ୍ତ ସୈନିକ ସଙ୍ଘ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ବ୍ଲକ ଉପାଧକ୍ଷ ବରୁଣ ସର, ବାବନ୍ଧ ମଣ୍ଡଳ ସଭାପତି ପ୍ରବୋଧ ପ୍ରଧାନ, ଜିଲ୍ଲା କମିଟି ସଦସ୍ୟ ଅଶୋକ ରାଉତ, ମଣ୍ଡକ ସାଧାରଣ ସମ୍ପାଦକ ବାନାୟର ପତି, ପ୍ରବେଶ ସାହୁ, ବିଜେପିନେତ୍ରୀ ସ୍ୱର୍ଣମଞ୍ଜରୀ ରାଉତ, ସସ୍ମିତା ସାହୁ, କର୍ମକର୍ତ୍ତା ଭରତ ସାହୁ, ଗିରିଶ ସେଠି, ପ୍ରେମାନନ୍ଦ ପଟନାୟକ,ବୀରେନ୍ଦ୍ର ସାହୁ,ସୋଭାଗ୍ୟ ସାହୁ, ଲିଙ୍ଗରାଜ ସାହୁ, ବନମାଳୀ ଦେହୁରୀ, ବିନୋଦ ସାହୁ, ସର୍ବେଶ୍ୱର ସାମଲ, ଅଶେଷ ନାୟକ, ସୁଶୀଲ ଗଡ଼ନାୟକ, ବିଷ୍ଣୁ ସାହୁ, ଶଙ୍କର୍ଷଣ ପାଳ,ମନୋରଞ୍ଜନ ପାଳ ସମେତ ବହୁ ସରପଞ୍ଚ ସମିତି ସଭ୍ୟ / ସଭ୍ୟା ଯୋଗଦେଇଥିଲେ ।

ଦୁଇ ଯୁବକଙ୍କୁ କନେଷ୍ଟବଳଙ୍କ ମାଡ଼ ଅଭିଯୋଗ ଥାନାରେ ଲିଖିତ ଅଭିଯୋଗ

ପରଜଙ୍ଗ,୦୪।୧୦(ଅକ୍ଷର ଓଡ଼ିଶା (: ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡିରେ କାର୍ଯ୍ୟରତ କନେଷ୍ଟବଳଙ୍କ ମାଡ଼ରେ ଲୁହଲୁହାଣ ହେଲେ ଦୁଇ ଜଣ ଯୁବକ, ଏ ନେଇ ଥାନା ରେ ଲିଖିତ ଅଭିଯୋଗ ହୋଇଛି । ସୂଚନା ମୁତାବକ ଆଖୁଆପାଳ ପଞ୍ଚାୟତର ୨ ନମ୍ବର କଲୋନୀର ବାସିନ୍ଦା ବିନତି ନାଏକଙ୍କ ପୁଅ ରାହୁଲ ନାଏକ ମହାରାଷ୍ଟ୍ର ରେ ରହି କାର୍ଯ୍ୟ କରୁଥିଲେ। ତେବେ ବନିତା ଙ୍କ ଶାଶୁ ଙ୍କ ବର୍ଷିକିଆ ଥିବାରୁ ସେ ପୁଅ ରାହୁଲ ଙ୍କୁ ଫୋନ ଯୋଗେ ଜଣାଇବା ପରେ ମହାରାଷ୍ଟ୍ରରୁ ଶୁକ୍ରବାର ବସ୍ ଯୋଗେ ରାହୁଲ ଆସି ଏକ ନମ୍ବର କୋଲନି ବସଷ୍ଟାଣ୍ଡ ରେ ଅପରାହ୍ନ ରେ ଓହ୍ଲାଇ ଥିଲେ ।ତାଙ୍କୁ ଆଣିବାକୁ ବିନତି ଙ୍କ ଭଣଜା ଅନନ୍ତ ନାଏକ ମଧ୍ୟ ପହଞ୍ଚି ଥିଲେ । ପରେ ପାଖରେ ଥିବା ଦୋକାନରେ ପହଞ୍ଚି ଥଣ୍ଡା ପାନୀୟ କରୁଥିବା



ସମୟରେ ନିଶାସକ୍ତ ଅବସ୍ଥାରେ ଥିବା ଦଦରାଘାଟି ଫାଣ୍ଡିରେ କାର୍ଯ୍ୟରତ କନେଷ୍ଟବଳ ଅଭିମନ୍ୟୁ ସାହୁ ପୁଅ ରାହୁଲ ଏବଂ ଭଣଜା ଅନନ୍ତ ଙ୍କୁ ମାଡମାରିବା ସମୟରେ ରାହୁଲ ତାଙ୍କ ମାଆ ବିନତି ଙ୍କୁ ଫୋନ ଯୋଗେ ଜଣାଇବା ସମୟ ରେ କନଷ୍ଟେବଳ ମୋବାଇଲ ଛଡାଇ ଅଭିଯୋଗକାରୀ ବିନତି ନାଏକ ଙ୍କୁ ଜାତିଗତ ଆକ୍ଷେପ କରି ଗାଳିଗୁଲଜ କରିଥିଲେ ତା ସହ ଝିଅ ଧନ୍ଦା କରୁଛ କହି ଅସଭ୍ୟ ଭାଷାରେ ଗାଳି କରିଥିବା ରାହୁଲଙ୍କ ମା ବିନତି ନାଏକ ଦଦରାଘାଟି ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ବିନତି କୁହନ୍ତି ଯଦି ଏଠାରୁ ନ୍ୟାୟ ନମିଳେ ଜିଲା ଆରକ୍ଷୀ ଅଧିକ୍ଷକ ଙ୍କୁ ଭେଟି ଗୁହାରି ଜଣାଇବି । ଏହି ବିଷୟ ରେ ପରଜଙ୍ଗ ଥାନା ଅଧିକାରୀ ସୁବ୍ରତ କୁମାର ସାହୁ ଘଟଣାର ତଦନ୍ତ ଚାଲିଥିବା କହିଥିବା ବେଳେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ରଜନୀକାନ୍ତ ସାମଲ ଙ୍କ ପାଖରେ ଏ ବିଷୟ ରେ ଖବର ନଥିବା କହିଛନ୍ତି । ଏଥିପ୍ରତି ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟି ଦେଇ ମହିଳା ଙ୍କ ସହ ପୁଅ ଏବଂ ଭଣଜା କୁ ନ୍ୟାୟ ଦେବାକୁ ମହିଳା ଜଣକ ନିବେଦନ କରିଛନ୍ତି ।

ଖୋଲା କୂଅରୁ ଯୁବକଙ୍କ ମୃତ୍ୟୁଦେହ ଉଦ୍ଧାର

ଖଜୁରିଆକଟା ୦୪/୧୦(ନୀଳକଣ୍ଠ ଦାସ) ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି ରେ ଏକ ଖୋଲା କୂଅରୁ ଜଣେ ଯୁବକଙ୍କ ମୃତ୍ୟୁଦେହ ଉଦ୍ଧାର ଚର୍ଚ୍ଚାର କାରଣ ପାଲଟିଛି ।ଖବରରୁ ପ୍ରକାଶ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ଅନ୍ତର୍ଗତ ହିନ୍ଦୋଳ ଏନଏସି ୱାର୍ଡ ନଂ ୧ ରାଧାନାଥପୁର



ଗ୍ରାମର ବେଣୁଧର ନାଏକ ଙ୍କ ପୁତ୍ର ଜଗନ୍ନାଥ ନାଏକ (୨୮) ଗତକାଲି ରାତିରେ ସାହିର ଗଣେଶ ପୂଜା ଭସାଣୀରେ ସାମିଲ ହୋଇଥିବାବେଳେ ଭସାଣି ପରେପରେ କିଛି ଯୁବକ ନିକଟସ୍ଥ ରାଇମୁଣ୍ଡା ସାହିରେ ଛାଡ଼ି ଦେଇ ଆସିଥିଲେ। ସେଠାରେ ଜଗନ୍ନାଥ ଘରକୁ ନଯାଇ ନିକଟରେ ଥିବା ଏକ ଖୋଲା କୂଅ ଚାନ୍ଦିନୀ ଉପରେ ଶୋଇଥିବା କିଛି ଲୋକ କହୁଥିବାବେଳେ ସକାଳେ ଲୋକ ଦେଖିବାକୁ ପାଇଲେ ଜଗନ୍ନାଥ ନାଏକର ମୃତ୍ୟୁଦେହ ସେହି ଖୋଲା କୂଅରେ ଭାସୁଅଛି ।ଖବର ପାଇ ହିନ୍ଦୋଳ ପୋଲିସ ଘଟଣାସ୍ଥଳରେ ପହଂଚି ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ଶବ ଉଦ୍ଧାରକରି ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ୍ ଏକ ଅପମୃତ୍ୟୁ ମାମଲା ନଂ ୧୭/୨୬ ରେ ରୁଜୁ କରିବାସହ ଅଧିକ ତଦନ୍ତ ଜାରି ରଖିଛି ।ଶବବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଥିବାବେଳେ ଗରିବ ଶ୍ରେଣୀର ମୃତକ ଜଗନ୍ନାଥ ନାଏକଙ୍କ ଅସହାୟ ପରିବାରକୁ ଆବଶ୍ୟକ କ୍ଷତିପୂରଣ ଓ ସରକାରୀ ସହାୟତା ଯୋଗାଇଦେବାକୁ ହିନ୍ଦୋଳ ଜନସାଧାରଣ ଦାବି କରିଛନ୍ତି ।

ଧାନବିଲରେ ଘାସମରା ଔଷଧ ପକାଇଦେଲେ ଦୁର୍ବୁତ୍ତ

ଏକରଏକର ଜମିରେ ନଷ୍ଟ ହୋଇଗଲା ଧାନ ଫସଲ

କାମାକ୍ଷାନଗର,୩/୧୦(ସୁମନ୍ତ ଜେନା) କାମାକ୍ଷାନଗର ଥାନା କାଦବସନ୍ତ ଗ୍ରାମ ଘୁଣ୍ଟୁରିପଶି ଅଞ୍ଚଳ ରେ ଅଭାବନୀୟ ଘଟଣା । ଧାନବିଲ ରେ ଘାସମରା ଔଷଧ ପକାଇଦେଲେ ଦୁର୍ବୁତ୍ତ । ରେ ଧାନଫସଲ ଚାଷ କରିଥିଲେ । କିନ୍ତୁ କିଛି ଦୁର୍ବୁତ୍ତ କୌଣସି କାରଣ କୁ ନେଇ ଧାନଫସଲ ଲଗାଯାଇଥିବା ଜମି ରେ ଘାସମରା ଔଷଧ ପକାଇଦେଇଛି । ଫଳରେ ଧାନ ଗୁଡିକ କଅଁଳି



ଆସୁଥିବା ବେଳେ ସେଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଯାହା ଫଳରେ ଧାର କରଜ କରି ଧାନଚାଷ କରିଥିବା ଚାଷୀ ମାନେ ଏବେ ଚିନ୍ତା ରେ ।କେମିତି ରଣ ପରିଶୋଧ କରିବେ ସେ ନେଇ ଚାଷୀମାନେ ଆଶଙ୍କା ରେ ଥିବାବେଳେ ସରକାରୀ ସହାୟତା ପ୍ରଦାନ କରିବାପାଇଁ ଦାବି କରିଛନ୍ତି । ତେବେ କିଏ ଓ କେଉଁ କାରଣ କ



ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

ମୁଖ୍ୟ ସମ୍ପାଦକଙ୍କ କଲମରୁ

ମୌସୁମୀ ବର୍ଷାରେ ଏଲ ନିନୋ ବାଧକ

ଲଗାତାର ଦୁଇ ବର୍ଷ ଧରି ଦେଶରେ ସାଭାବିକ ଠାରୁ ଅଧିକ ବର୍ଷା ହୋଇଥିବାବେଳେ ଆସନ୍ତା ମୌସୁମୀ ଋତୁରେ ସାଭାବିକ ଠାରୁ କମ୍ କିମ୍ବା ୮ ପ୍ରତିଶତ ନିଅଁଟିଆ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ କରିଥିବା ପୂର୍ବାନୁମାନ ସଙ୍କ୍ଷ ବୃଷ୍ଟିପାତର ସଂକେତ ପ୍ରଦାନ କରୁଥିବା କୁହାଯାଇପାରିବ। ଏପ୍ରିଲରେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) କରିଥିବା ଭବିଷ୍ୟବାଣୀରେ ଆସନ୍ତା ଜୁନ-ସେପ୍ଟେମ୍ବରରେ ଦେଶରେ ୯୨ପ୍ରତିଶତ ଅର୍ଥାତ ସାଭିବକଠାରୁ ୮ ପ୍ରତିଶତ କମ ବର୍ଷା ହେବ। ମୌସୁମୀ ବର୍ଷା ସାଧାରଣତଃ ୯୬ ପ୍ରତିଶତରୁ ୧୦୪ ପ୍ରତିଶତ ମଧ୍ୟରେ ରହିଲେ, ସାଭାବିକ ବୃଷ୍ଟିପାତ କୁହାଯାଉଥିବାବେଳେ ୧୦୪ ପ୍ରତିଶତରୁ ଅଧିକ ରହିଲେ ତାହାକୁ ଅତିବୃଷ୍ଟି ବୋଲି କୁହାଯାଇଥାଏ। କହିବା ବାହୁଲ୍ୟ ଯେ, ଆଇଏମଡିର ପୂର୍ବାନୁମାନ ୫ପ୍ରତିଶତ ଏପଟସେପଟ ହୋଇପାରେ, ଯାହାକି ଏହାର ରେକର୍ଡ କହେ। ତେବେ ଆଇଏମଡିର ନିଅଁଟିଆ ବର୍ଷା ପୂର୍ବାନୁମାନ ଦେଶରେ ମରୁଡିର ସୂଚନା ଦିଏ। ଅତୀତରେ ଆଇଏମଡି ଯେତେଥର ନିଅଣ୍ଟିଆ ବର୍ଷାର ଚେତାବନୀ ଦେଇଛି, ସେତେଥର ଦେଶ ମରୁଡିର ସମ୍ମୁଖୀନ ହୋଇଥିବା ଇତିହାସ କହେ। ଗତ ୧୧ବର୍ଷ ତଳେ ୨୦୧୫ ମସିହାରେ ଦେଶରେ ଦକ୍ଷୀଣ-ପଶ୍ଚିମ ମୌସୁମୀ ବର୍ଷା ସାଭାବିକ ଠାରୁ କମ୍ ତଥା ୯୩ପ୍ରତିଶତ ରହିଥିବା ନେଇ ଆଇଏମଡି ପୂର୍ବାନୁମାନ କରିଥିଲା। ସଙ୍କ୍ଷ ବୃଷ୍ଟିପାତ ବା ନିଅଁଟିଆ ବର୍ଷା ଯୋଗୁଁ ଦେଶର ବହୁ ଭାଗରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏବର୍ଷ ଏଲ ନିନୋ ପ୍ରଭାବରେ ଦେଶରେ ନିଅଣ୍ଟିଆ ବର୍ଷା ନେଇ ଆଇଏମଡି ପୂର୍ବାନୁମାନ କରିଛି, ଯାହାକି ପ୍ରଶାନ୍ତ ମହାସାଗରରେ ଉଷ୍ମତା ଯୋଗୁଁ ସୃଷ୍ଟି ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ, ମୌସୁମୀ ବର୍ଷାରେ ଏଲ ନିନୋ ବାଧକ ହେଉଥିବାରୁ ଚଳିତ ବର୍ଷକୁ ଏଲୋ ନିନୋର ବର୍ଷ ଭାବେ କୁହାଯାଇଥାଏ। ଏଲ ନିନୋ ପ୍ରଭାବ ଯୋଗୁଁ ଦେଶର ବିଭିନ୍ନ ଭାଗରେ ସମାନ ବର୍ଷା ହୋଇନଥାଏ। କେତେକ ଅଂଚଳରେ ସଙ୍କ୍ଷ ବୃଷ୍ଟିପାତ ହୋଇଥିବାବେଳେ କେତେକ ଭାଗରେ ଅତି ବୃଷ୍ଟିପାତ ହେବାର ନଜିର ରହିଛି। ଆହୁରି ମଧ୍ୟ ଦେଶର କେକେତ ଭାଗରେ ଉତ୍କଟ ମରୁଡି ପରିସ୍ଥିତି ଦେଖାଯାଇଥାଏ। ଉଲ୍ଲେଖ କରାଯାଇପାରେ ୧୯୫୦ ମସିହା ଠାରୁ ଦେଶରେ ୧୬ଥର ନିଅଁଟିଆ ମୌସୁମୀ ଋତୁରେ ୯ଥର ମରୁଡି ପରିସ୍ଥିତି ଉପୁଜିଥିଲା। ସାଧାରଣତଃ ପ୍ରଶାନ୍ତ ମହାସାଗରୀୟ ବାୟୁମଣ୍ଡଳ ତୀବ୍ରତାରେ ଉଷ୍ମ ହୋଇଥାଏ, ଏଲ ନିନୋର ପ୍ରଭାବ ସେହି ତୀବ୍ରତା ଦକ୍ଷୀଣ ପଶ୍ଚିମ ମୌସୁମୀ ଉପରେ ପଡିଥାଏ। ଉଦାହରଣ ସରୁପ ୨୦୧୯ ମସିହାରେ ଏଲ ନିନୋ ଭଳି ସ୍ଥିତି ଉପୁଜିବା ଆଶଙ୍କା ନେଇ ଆଇଏମଡି ନିଅଣ୍ଟିଆ ବର୍ଷାର ଆକଳନ କରିଥିଲା।

ଗିଗ୍ ଅର୍ଥନୀତି ଏବଂ ଯୁବ ସଙ୍କଟ



ଅସିତ ମହାନ୍ତି
ସ୍ତମ୍ଭକାର ଏବଂ ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ ସୁଜନପୁର, ଯାଜପୁର, ୯୪୩୭୨୮୮୦୨୮

ଗିଗ୍ ଅର୍ଥନୀତି, ଯାହାକୁ ପ୍ରାୟତଃ 'ଫ୍ରିଲାନ୍ସ' କିମ୍ବା 'ଅନ୍-ଡିମାଣ୍ଡ' କାମ କୁହାଯାଏ, ତାହା ଆଧୁନିକ ପୁଞ୍ଜିବାଦର ଏକ ନୂତନ ନିର୍ମାଣ। ସ୍ଥାୟୀ ଚାକିରି, ସ୍ଥିର ଦରମା ଏବଂ ସାମାଜିକ ସୁରକ୍ଷାକୁ ଅସ୍ଥାୟୀ କାମ ଦ୍ୱାରା ବଦଳାଯାଇଛି - ଯେପରିକି ଓଲା, ଉବର, ରାପିଡୋ, ଜୋମାଟୋ, ସ୍ୱିଗି, ଆମାଜନ ଡେଲିଭରି, କିମ୍ବା ଅନ୍ୟାନ୍ୟ ପ୍ଲାଟଫର୍ମ-ଆଧାରିତ ସେବା। ଏହି ବ୍ୟବସ୍ଥାରେ ଶ୍ରମିକମାନଙ୍କୁ କର୍ମଚାରୀ କୁହାଯାଏ ନାହିଁ, ବରଂ 'ଭାଗୀ' କିମ୍ବା 'ସ୍ୱାଧୀନ ଠିକାଦାର' କୁହାଯାଏ। ଏହି ଶବ୍ଦଟି ଆକର୍ଷଣୀୟ ଶୁଣାଯାଉଥିଲେ ମଧ୍ୟ, ଏହା ଅସୁରକ୍ଷା, ଶୋଷଣ ଏବଂ ଭବିଷ୍ୟତର ଅଭାବକୁ ଲୁଚାଇ ରଖେ।

ଗିଗ୍ ଅର୍ଥନୀତି ନୀତି ପଛରେ ଉଲ୍ଲେଖିତ ଉଦ୍ଦେଶ୍ୟ ହେଉଛି ପରିବର୍ତ୍ତିତ ଡିଜିଟାଲ୍ ଅର୍ଥନୀତିରେ କାମ କରୁଥିବା ଯୁବକମାନଙ୍କୁ ଆନୁଷ୍ଠାନିକ ସ୍ୱୀକୃତି ପ୍ରଦାନ କରିବା ଏବଂ ସେମାନଙ୍କୁ ସାମାଜିକ ସୁରକ୍ଷା ପରିସରକୁ ଆଣିବା। ସାମାଜିକ ସୁରକ୍ଷା ସଂହିତା, ୨୦୨୦, ପ୍ରଥମ ଥର ପାଇଁ ଗିଗ୍ ଏବଂ ପ୍ଲାଟଫର୍ମ କର୍ମଚାରୀମାନଙ୍କୁ ପରିଭାଷିତ କରିଛି, ସେମାନଙ୍କୁ ବୀମା, ପେନସନ୍ ଏବଂ ସ୍ୱାସ୍ଥ୍ୟ ସୁବିଧା ଭଳି ସୁବିଧା ପ୍ରଦାନ କରିଛି। ଇ-ଶ୍ରମ ପୋର୍ଟାଲ୍ ଏବଂ ସାମାଜିକ ସୁରକ୍ଷା ପାଣ୍ଠି ଭଳି ଯୋଜନାଗୁଡ଼ିକ ଏହି ଦିଗରେ ପଦକ୍ଷେପ।

କିନ୍ତୁ ବାସ୍ତବତା ବହୁତ ଜଟିଳ। ସମାଲୋଚକମାନେ ବିଶ୍ୱାସ କରନ୍ତି ଯେ ପ୍ରକୃତ ଉଦ୍ଦେଶ୍ୟ ହେଉଛି ସ୍ଥାୟୀ ଚାକିରି ପାଇଁ ଦାୟିତ୍ୱ ଏଡାଇବା ଏବଂ ଘରୋଇକରଣକୁ ତ୍ୱରାନ୍ୱିତ କରିବା। ସରକାରୀ କ୍ଷେତ୍ରର ଚାକିରି ହ୍ରାସ ସହିତ, ଯୁବକମାନଙ୍କୁ ଗିଗ୍ ପ୍ଲାଟଫର୍ମ ଆଡ଼କୁ ମୁହାଁଇବାକୁ ବାଧ କରାଯାଉଛି। କମ୍ପାନୀଗୁଡ଼ିକ ସ୍ଥାୟୀ ଦରମା, ବୋନସ୍ ଏବଂ ପେନସନ୍ ପ୍ରଦାନ କରିବାର ଆବଶ୍ୟକତାରୁ ମୁକ୍ତି ପାଉଛନ୍ତି ଏବଂ 'ନମନୀୟ କାର୍ଯ୍ୟ'କୁ ଏକ ଆଧୁନିକ ନିଯୁକ୍ତି ମଡେଲ୍ ଭାବରେ ପ୍ରଚାର କରୁଛନ୍ତି।

ଏହିପରି, ଉଲ୍ଲେଖିତ ଉଦ୍ଦେଶ୍ୟ ଏବଂ ପ୍ରକୃତ ପ୍ରଭାବ ମଧ୍ୟରେ ଏକ ଗଭୀର ଖାଲ ରହିଛି। ଗୋଟିଏ ପଟେ ଏହାକୁ ନବସୃଜନ ଏବଂ ଡିଜିଟାଲ୍ ବିକାଶର ପ୍ରତୀକ ଭାବରେ ଚିତ୍ରିତ କରାଯାଉଥିବା ବେଳେ, ଅନ୍ୟପକ୍ଷରେ, ଏହା ସ୍ଥାୟୀ ନିଯୁକ୍ତିର ସଙ୍କଟକୁ ଘୋଡାଇ ଦେବାର ଏକ ମାଧ୍ୟମ ହୋଇଯାଏ। ଯୁବପିଢ଼ି ପାଇଁ, ଏହା ଏକ ସୁଯୋଗ ନୁହେଁ, ବରଂ ଏକ ବାଧ୍ୟବାଧକତା - ଯେଉଁଠାରେ ସେମାନେ ଅସୁରକ୍ଷା ଏବଂ ଶୋଷଣ ମଧ୍ୟରେ ନିଜର ଭବିଷ୍ୟତ ଖୋଜନ୍ତି। ଭାରତର ଶିକ୍ଷିତ ଯୁବପିଢ଼ି, ଯେଉଁମାନେ ଶିକ୍ଷାରେ ବର୍ଷ ବର୍ଷ ଧରି ବିନିଯୋଗ କରିଛନ୍ତି, ସେମାନେ ଏହି ଗିଗ୍ ଅର୍ଥନୀତିର ଶିକାର ହୋଇଛନ୍ତି। କାରଣ ସ୍ପଷ୍ଟ-ଦେଶରେ ସ୍ଥାୟୀ ଚାକିରିର ଘୋର ଅଭାବ। ସରକାରୀ କ୍ଷେତ୍ର, ଯାହା ଥରେ ଲକ୍ଷ ଲକ୍ଷ ଯୁବକଙ୍କୁ ସ୍ଥିର ନିଯୁକ୍ତି ପ୍ରଦାନ କରୁଥିଲା, ଧୀରେ ଧୀରେ ଘରୋଇ ହାତରେ ହସ୍ତାନ୍ତର କରାଯାଇଛି। ଘରୋଇକରଣ ପ୍ରତ୍ୟେକ କ୍ଷେତ୍ର - ରେଳପଥ, ବୀମା, ବ୍ୟାଙ୍କିଂ, ଟେଲିକମ୍ୟୁନିକେସନ୍ ଏବଂ ଶକ୍ତିରେ ପ୍ରଭାବିତ ହୋଇଛି। ଫଳସରୂପ, ସରକାରୀ ଚାକିରିଗୁଡ଼ିକ ପ୍ରାୟତଃ ଅଦୃଶ୍ୟ ହୋଇଗଲା, ଏବଂ ଘରୋଇ କ୍ଷେତ୍ର ମଧ୍ୟ ସ୍ଥାୟୀ ନିଯୁକ୍ତି ବଦଳରେ ଚୁକ୍ତିନାମା କାର୍ଯ୍ୟକୁ ପ୍ରୋତ୍ସାହିତ କଲା। ଯୁବକମାନଙ୍କ ପାଖରେ କେଉଁ ବିକଳ୍ପ ଥିଲା ? ବେକାରୀର ବୋଝ ବହନ କର ନଚେତ୍ ଗିଗ୍ ଅର୍ଥନୀତିରେ ଠେଲି ହୋଇଯାଅ। ଆଜି ଲକ୍ଷ ଲକ୍ଷ ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀ ମୋଟରସାଇକେଲରେ ଖାଦ୍ୟ ପହଞ୍ଚାଉଛନ୍ତି କିମ୍ବା ଯାତ୍ରୀମାନଙ୍କୁ ବୋହି ନେଉଛନ୍ତି। ଏହି କାମ ଖରାପ ନୁହେଁ, କିନ୍ତୁ ସମସ୍ୟା ହେଉଛି ଯେ ଏହା ସେମାନଙ୍କର ଶିକ୍ଷା, ଯୋଗ୍ୟତା କିମ୍ବା ସପ୍ନ ସହିତ ମେଳ ଖାଉ ନାହିଁ। ଏହି କାମ ସେମାନଙ୍କୁ କୌଣସି ସ୍ଥିର ଆୟ କିମ୍ବା ସାମାଜିକ ସୁରକ୍ଷା ପ୍ରଦାନ କରେ ନାହିଁ। ଅସୁସ୍ଥତା ସମୟରେ ଦରମା ନାହିଁ, ଦୁର୍ଘଟଣା ହେଲେ ବୀମା ନାହିଁ, ଏବଂ ବୃଦ୍ଧାବସ୍ଥାରେ ପେନସନ୍ ନାହିଁ।

ଏହି ପରିସ୍ଥିତି କେବଳ ଆର୍ଥିକ ନୁହେଁ ବରଂ ଏକ ମାନସିକ ସଙ୍କଟ ମଧ୍ୟ। ଯେତେବେଳେ ଜଣେ ଯୁବକ, ଯିଏ ବର୍ଷ ବର୍ଷ ଧରି ପାଠପଢ଼ି ଉଜ୍ଜ୍ୱଳ ଭବିଷ୍ୟତର ସପ୍ନ ଦେଖୁଛି, ଗିଗ୍ ଅର୍ଥନୀତିରେ ବାଧ ହୁଏ, ସେତେବେଳେ ସେମାନଙ୍କର ଆତ୍ମସମ୍ମାନ ଏକ ଗମ୍ଭୀର ଆଘାତ ପାଏ। ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କର ଶିକ୍ଷା ନଷ୍ଟ ହୋଇଯାଇଛି, ସେମାନଙ୍କର ସପ୍ନ ଭାଙ୍ଗି ଯାଇଛି। ଏହି କାରଣରୁ ଭାରତରେ ଆଜିର ଯୁବପିଢ଼ି ହତାଶା, ହତାଶା ଏବଂ ଅସନ୍ତୋଷରେ ପରିପୂର୍ଣ୍ଣ। ପୁଞ୍ଜିବାଦ ଏହି ବ୍ୟବସ୍ଥାକୁ ଜନ୍ମ ଦେଇଛି। କମ୍ପାନୀଗୁଡ଼ିକ ସ୍ଥାୟୀ କର୍ମଚାରୀଙ୍କ ବୋଝକୁ ଏଡାଇବାକୁ ଚାହାଁନ୍ତି। ଦରମା, ବୋନସ୍, ବୀମା ଏବଂ ପେନସନ୍ ଖର୍ଚ୍ଚ ଏଡାଇବା ପାଇଁ, ସେମାନେ ଗିଗ୍ ମଡେଲକୁ ଗ୍ରହଣ କରିଛନ୍ତି। ପ୍ଲାଟଫର୍ମ କମ୍ପାନୀଗୁଡ଼ିକ ଯୁବପିଢ଼ିଙ୍କୁ 'ସ୍ୱାଧୀନତା' ପ୍ରଦାନ କରିବାର ଦାବି କରନ୍ତି, କିନ୍ତୁ ସତ୍ୟ ହେଉଛି ସେମାନେ ସେମାନଙ୍କୁ ଅସୁରକ୍ଷା ଏବଂ ଶୋଷଣ ଆଡ଼କୁ ଠେଲି ଦେଉଛନ୍ତି। ସ୍ୱାଧୀନତା ଅର୍ଥ ହେଉଛି ବିକଳ୍ପ ରଖିବା, କିନ୍ତୁ ଏଠାରେ କୌଣସି ବିକଳ୍ପ ନାହିଁ - ଏହା ବାଧ୍ୟତାମୂଳକ। ଯୁବକମାନଙ୍କର ଦୁଃଖ ଅସହ୍ୟ। ସେମାନେ ଦିନରାତି କାମ କରନ୍ତି, କିନ୍ତୁ ସେମାନଙ୍କ ଆୟ ସେମାନଙ୍କ ପରିବାର ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ପ୍ରଦାନ କରିବା ପାଇଁ ଯଥେଷ୍ଟ ନୁହେଁ। ପେଟ୍ରୋଲ ମୂଲ୍ୟ ବୃଦ୍ଧି ପାଏ, ଯାନବାହାନ ରକ୍ଷଣାବେକ୍ଷଣ ଖର୍ଚ୍ଚ ବୃଦ୍ଧି ପାଏ, କିନ୍ତୁ ସେମାନଙ୍କର ରୋଜଗାର ସ୍ଥାୟୀ ନଥାଏ। କମ୍ପାନୀଗୁଡ଼ିକ ସେମାନଙ୍କର ଲାଭ ବୃଦ୍ଧି କରନ୍ତି, କିନ୍ତୁ ଯୁବକମାନେ ସେମାନଙ୍କର 'ପ୍ରତି ଡେଲିଭରି' କିମ୍ବା 'ପ୍ରତି ଯାତ୍ରା' ର ଏକ ଛୋଟ ଅଂଶ ପାଆନ୍ତି।

ଏହି ସଙ୍କଟ କେବଳ ବ୍ୟକ୍ତିଗତ ନୁହେଁ, ବରଂ ଜାତୀୟ। ଯେତେବେଳେ ଦେଶର ଶିକ୍ଷିତ ବର୍ଗ ସ୍ଥାୟୀ ଚାକିରିରୁ ବଞ୍ଚିତ ହୁଅନ୍ତି ଏବଂ ଗିଗ୍ ଅର୍ଥନୀତିରେ ଫସିଯାଆନ୍ତି, ସେତେବେଳେ ଦେଶର ପ୍ରତିଭା ଏବଂ ସମ୍ଭାବନା ହ୍ରାସ ପାଏ। ଇଞ୍ଜିନିୟର, ସ୍ନାତକ ଏବଂ ଗବେଷକ - ଯେଉଁମାନେ ଦେଶକୁ ନୂତନ ଉଚ୍ଚତାରେ ପହଞ୍ଚାଇ ପାରିଥାନ୍ତେ- ସେମାନେ ଏବେ ଅସ୍ଥାୟୀ ଚାକିରିରେ ଫସି ରହିଛନ୍ତି। ଏହା ଦେଶର ଶକ୍ତି ଏବଂ ସମ୍ବଳର ଅପଚୟ।

ଏଠାରେ ସରକାରଙ୍କ ଭୂମିକା ସର୍ବୋପରି। ଯଦି ସରକାର ସରକାରୀ କ୍ଷେତ୍ରକୁ ଘରୋଇ ହାତରେ ହସ୍ତାନ୍ତର କରିବାକୁ ଜାରି ରଖେ, ଯଦି ଏହା ସ୍ଥାୟୀ ଚାକିରି ସୃଷ୍ଟି କରିବାରେ ବିଫଳ ହୁଏ, ତେବେ ଏହି ସଙ୍କଟ ଆହୁରି ଗଭୀର ହେବ। ଯୁବପିଢ଼ିଙ୍କୁ ଗିଗ୍ ଅର୍ଥନୀତିକୁ ଠେଲି ଦେବା ସେମାନଙ୍କୁ ଭବିଷ୍ୟତହୀନ କରିଦେଉଛି। ଏହା କେବଳ ଆର୍ଥିକ ନୀତିର ବିଫଳତା ନୁହେଁ ବରଂ ସାମାଜିକ ନ୍ୟାୟର ଉଲ୍ଲଂଘନ ମଧ୍ୟ।

ଆଜି, ଆମକୁ ଏହି ସଙ୍କଟକୁ ବୁଝିବାକୁ ପଡିବ ଏବଂ ଯୁବପିଢ଼ିଙ୍କ ସର ଶୁଣିବାକୁ ପଡିବ। ଯଦିଓ ଗିଗ୍ ଅର୍ଥନୀତିକୁ ସମ୍ପୂର୍ଣ୍ଣ ଭାବରେ ସମାପ୍ତ କରିବା ସମ୍ଭବ ନୁହେଁ, ତଥାପି ଏହାକୁ ନିୟନ୍ତ୍ରଣ କରିବା ଏବଂ ଏହାକୁ ନ୍ୟାୟପୂର୍ଣ୍ଣ କରିବା ଜରୁରୀ। ଯୁବପିଢ଼ିଙ୍କୁ ସାମାଜିକ ସୁରକ୍ଷା, ସର୍ବନିମ୍ନ ମଜୁରୀ, ବୀମା ଏବଂ ସ୍ଥିରତା ପ୍ରଦାନ କରିବା ହେଉଛି ଏହି ସଙ୍କଟର ସମାଧାନ।ଭାରତର ଯୁବପିଢ଼ି ହେଉଛନ୍ତି ଜାତିର ମେରୁଦଣ୍ଡ। ଯଦି ଏହି ବର୍ଗ ଅସୁରକ୍ଷା, ଶୋଷଣ ଏବଂ ହତାଶାରେ ବୁଡ଼ିଯାଏ, ତେବେ ଦେଶର ଭବିଷ୍ୟତ ମଧ୍ୟ ଅନ୍ଧକାରମୟ ହୋଇଯିବ। ଗିଗ୍ ଅର୍ଥନୀତିର ଶିକାର ହୋଇଥିବା ଯୁବପିଢ଼ିଙ୍କ ଦୁଃଖ କେବଳ ସେମାନଙ୍କର ବ୍ୟକ୍ତିଗତ କାହାଣୀ ନୁହେଁ, ବରଂ ସମଗ୍ର ସମାଜର କାହାଣୀ। ଏହି କାହାଣୀ ଆମକୁ ଚେତାବନୀ ଦିଏ ଯେ ଯଦି ଆମେ ସମୟ ମଧ୍ୟରେ ପଦକ୍ଷେପ ନନେବା, ତେବେ ଭବିଷ୍ୟତ ପିଢ଼ି ଅସ୍ଥାୟୀ ଚାକିରି ଏବଂ ଅସୁରକ୍ଷିତ ଜୀବନରେ ଫସିଯିବେ।

ତେଣୁ ଆଜିର ସବୁଠାରୁ ବଡ଼ ପ୍ରଶ୍ନ ହେଉଛି - ଆମେ କ'ଣ ଆମର ଯୁବପିଢ଼ିଙ୍କୁ ଏକ ସ୍ଥିର ଭବିଷ୍ୟତ ଦେବୁ, ନା ସେମାନଙ୍କୁ ଗିଗ୍ ଅର୍ଥନୀତିର ଅନ୍ଧାର ସୁଡ଼ଙ୍ଗରେ ଫସି ରହିବୁ ?

ଅନାବୃତ ଅଧିକାର, ଆବୃତ ସତ୍ୟ- ନାରୀ ସ୍ୱାସ୍ଥ୍ୟ, ଶ୍ରମ ଓ ଅଦୃଶ୍ୟ ଅସମାନତାର ଆଲେଖ୍ୟ

ଆଧ୍ୟାତ୍ମିକ ଜାଗରଣ ସହଜଯୋଗର ସହିତ



ମନୋଜ କୁମାର ବେହେରା
ଭୁବନେଶ୍ୱର, ୭୯୭୮୮୩୦୬୧୧

ମନୁଷ୍ୟର ଜୀବନରେ ଏମିତି ଗୋଟିଏ ଅନ୍ୱେଷଣ ନିରନ୍ତର ଚାଲି ରହିଥାଏ,ଯାହା ତାହାର ସଂସାରର ଉପଲବ୍ଧିରୁ ବହୁତ ଆଗରେ ଥାଏ । ନିଜର ବାସ୍ତବିକ ସ୍ୱରୂପକୁ ଜାଣିବାର ଅନ୍ୱେଷଣ। ଆମେ ସୁଖ,ସଫଳତା ଆଉ ଶାନ୍ତିର ଅନ୍ୱେଷଣରେ ଅନେକ ସାଧନା ଆପଣେଇ ଥାଉ କିନ୍ତୁ ସ୍ଥାୟୀ ସନ୍ତୋଷ ସେତବଳେ ଅନୁଭବ ହୋଇଥାଏ ଯେତବଳେ ଆମର ଧ୍ୟାନ ନିଜ ଭିତର ଆଡକୁ ମୋଡିଥାଏ । ଏହି ଅର୍ନ୍ତମୁଖୀ ଯାତ୍ରା ଆଧ୍ୟାତ୍ମିକ ଜାଗରଣର ଆରମ୍ଭ ହୋଇପାରେ। ଆଧ୍ୟାତ୍ମିକ ଜାଗରଣର ଅର୍ଥ ହେଲା ନିଜ ଭିତରେ ଥିବା ଚେତନାର ପ୍ରତି ଜାଗ୍ରତ ହେବା । ଏହା ଆମେ କେବଳ ବାହାର ପରିସ୍ଥିତିରେ ପ୍ରଭାବିତ ହେବା ବଦଳରେ ନିଜର ବିଚାର, ଭାବନା ଆଉ ବ୍ୟବହାରକୁ ବୁଝିବାର ଅବସର ହୋଇଥାଏ।

ଯେତବଳେ ବ୍ୟକ୍ତି ସ୍ୱୟଂକୁ ଜାଣିବାର ପ୍ରୟାସ କରିଥାଏ,ସେତବେଳେ ତାହାର ଜୀବନରେ ଆତ୍ମଚିନ୍ତନ,ସଜଗତା ଆଉ ସନ୍ତୁଳନର ବିକାଶରେ ହେବାକୁ ଲାଗିଥାଏ । ସହଜଯୋଗ ଏହି ଆନ୍ତରିକ ଯାତ୍ରାକୁ ସହଜ ବନେଇବା ବାଲା ଧ୍ୟାନ-ସାଧନା ଅଟେ । ଏଥିରେ କୁଣ୍ଡଳିନୀ ଶକ୍ତିର ଜାଗରଣ ଆଉ ଆତ୍ମ-ସାକ୍ଷାତ୍ର ପ୍ରାପ୍ତି ମହତ୍ୱପୂର୍ଣ୍ଣ ହୋଇଥାଏ । ଆତ୍ମ-ସାକ୍ଷାତକାର ଆଶୟର ନିଜ ଭିତରର ଚେତନାକୁ ଅନୁଭବ କରିବା ହୋଇଥାଏ। ଏହା କେବଳ କୌଣସି ବିଚାର କିମ୍ବା ମାନବତାକୁ ସ୍ୱୀକାର କରିବା ନୁହେଁ,ଏହା ଧ୍ୟାନ ଆଉ ସାଧନାର ମାଧ୍ୟମରେ ନିଜ ଭିତରେ ହେଉଥିବା ପରିବର୍ତ୍ତନକୁ ଅନୁଭବ କରିବା ହୋଇଥାଏ ।

ସହଜଯୋଗର ଧ୍ୟାନରେ ନିର୍ବିଚାରିତାର ଅବସ୍ଥା ମହତ୍ୱପୂର୍ଣ୍ଣ ଅଟେ । ନିରନ୍ତର ବିଚାରରେ ଭାସିଥିବା ମନକୁ କିଛି ସମୟ ପାଇଁ ଶାନ୍ତ କରିବା ବ୍ୟକ୍ତିକୁ ବର୍ତ୍ତମାନ କ୍ଷଣରେ ରହିବା ଆଉ ନିଜ ଭିତରର ଶାନ୍ତିକୁ ଅନୁଭବ କରିବାର ଅବସର ଦେଇଥାଏ । ନିୟମିତ ଧ୍ୟାନର ଅଭ୍ୟାସରେ ବ୍ୟକ୍ତି ନିଜ ବିଚାରକୁ ଆଉ ଭାବନାକୁ ଅଧିକ ସଜଗତାରେ ଦେଖିଥାଏ ଆଉ ଶିଖିଥାଏ । ଆଧ୍ୟାତ୍ମିକ ବିକାଶର ପ୍ରଭାବ ଜୀବନର ଅନ୍ୟ କ୍ଷେତ୍ର ଉପରେ ମଧ୍ୟ ପଡିଥାଏ । ଯେତବଳେ ବ୍ୟକ୍ତି ନିଜ ଭିତରର ସନ୍ତୁଳନ ବିକଶିତ କରିଥାଏ,ଆଉ ତାର ବ୍ୟବହାର,ସମ୍ବନ୍ଧ ଆଉ ଦୈନିକ ଜୀବନରେ ମଧ୍ୟ ଅଧିକ ସହଜତା ଆଉ ସମ୍ବେଦନଶୀଳତା ଆସିଥାଏ । ସେ ପରିସ୍ଥିତିକୁ ଅଧିକ ଶାନ୍ତ ମନରେ ଦେଖିଥାଏ ଆଉ ନିଜକୁ ଭଲ ବୋଲି ବୁଝିବାକୁ ଲାଗିଥାଏ । ଆତ୍ମ-ସାକ୍ଷାତ କୌଣସି ବାହାର ଉପଲବ୍ଧି ନୁହେଁ,ଏହା ସ୍ୱୟଂକୁ ଜାଣିବାର ଗୋଟିଏ ଆନ୍ତରିକ ସ୍ଥିତି ଅଟେ । ଏହି ସ୍ଥିତି ଆମକୁ ନିଜ ଜୀବନର ପ୍ରତି ଅଧିକ ସଜାଗ ବନେଇ ଥାଏ ଆଉ ଭିତରେ ଲୁଚିଥିବା ଶାନ୍ତି ତଥା ଆନନ୍ଦକୁ ଅନୁଭବ କରିବାର ଅବସର ଦେଇଥାଏ । ଆସନ୍ତୁ କିଛି କ୍ଷଣ ନିଜ ପାଇଁ ବାହାର କରନ୍ତୁ,ଧ୍ୟାନର ମାଧ୍ୟମରେ ଭିତର ଆଡକୁ ଗୋଟିଏ ପାଦ ବଢାନ୍ତୁ ଆଉ ସ୍ୱୟଂକୁ ଜାଣିବାର ଏହି ସୁନ୍ଦର ଯାତ୍ରାର ଅନୁଭବ କରନ୍ତୁ ।

ଭୁବନେଶ୍ୱରର ମୃତ ରାଜାରାଣୀ



ଉତ୍କୃଷ୍ଟ କଳାର ସର୍ବୋଚ୍ଚ ଉପାଧି ଧାରଣ କରିଥିବା ଉତ୍କଳୀୟ ମନ୍ଦିର ସ୍ଥାପତ୍ୟ କେବଳ ପ୍ରସ୍ତରରେ ଖୋଦିତ କୌଣସି ନିର୍ଜୀବ କଳାକୃତି ନୁହେଁ, ବରଂ ଏହା ଭାରତୀୟ ଆଗମ ଶାସ୍ତ୍ର, ବ୍ରହ୍ମାଣ୍ଡୀୟ ଜ୍ୟାମିତି, ବୈଦିକ ଗଣିତ ଏବଂ ଆଧ୍ୟାତ୍ମିକ ଦର୍ଶନର ଏକ ଗଭୀର ସନ୍ନିଶ୍ରଣ ଅଟେ । ଏକାଦଶ ଶତାବ୍ଦୀର ସୋମବଂଶୀ ରାଜତ୍ୱ କାଳରେ ନିର୍ମିତ ଭୁବନେଶ୍ୱରର ପ୍ରସିଦ୍ଧ 'ରାଜାରାଣୀ ମନ୍ଦିର' କଳିଙ୍ଗ ସ୍ଥାପତ୍ୟ କଳାର ଏକ ଚୂଡ଼ାନ୍ତ ନିଦର୍ଶନ। 'ଶିଳ୍ପ ପ୍ରକାଶ' ଏବଂ 'ଭୁବନପ୍ରଦୀପ' ପରି ପ୍ରାଚୀନ ବାସ୍ତୁ ଶାସ୍ତ୍ରର ସମସ୍ତ ନିୟମକୁ ଅନୁସରଣ କରି ନିର୍ମାଣ ହୋଇଥିବା ଏହି ଆରକ୍ତ ଓ ପୀତ ପାଷାଣର ଦେବାଳୟଟି ଏକ ଜୀବନ୍ତ ବାସ୍ତୁନକ୍ସା ସଦୃଶ। ଧନରତ୍ନରେ ପରିପୂର୍ଣ୍ଣ ଭାରତୀୟ ଦେବାଳୟ ମାନଙ୍କୁ ଲୁଟିବା ପାଇଁ ବ୍ରିଟିଶ ମାନଙ୍କ ଦ୍ୱାରା ନିର୍ମିତ ଭାରତୀୟ ପ

ସୃଜନ ସାକ୍ଷର

କଳିଯୁଗର କାଳିଆ



ମାମିଲତା ସାହୁ
ନୟାଗଡ଼

କଳାକାଇଁଚ କଳାକାଇଁଚ
ତୁମେ କାହିଁକି ଚୁପ୍ ବସିଛ
ଦୁନିଆ ଉଜୁଡ଼ି ଗଲାଣି
ତୁମପୁ ବି ଚୋରି ହେଲାଣି
ମଉନ ହୋଇ କଣ ଦେଖୁଛ
କଳିଯୁଗର କାଳିଆ, କଳିଯୁଗର କାଳିଆ

ଲୁଟ୍ ତରାଜ, ହତ୍ୟା, ଧର୍ଷଣ
ଭରା ଯାତନା ନାନା କଷଣ
ଚାରିଆଡ଼େ ଛାଇ ଗଲାଣି
ସାଧୁ ବି ଚକିତ ହେଲେଣି
କେମିତି ସବୁ ତୁମେ ସହୁଛ
କଳିଯୁଗର କାଳିଆ, କଳିଯୁଗର କାଳିଆ

ତୁମେ ଦେଖାଅ ତୁମରି ରୂପ
ଦିଅ ସତ୍ୟ ନ୍ୟାୟର ପଥ
ଲୁହ ଉଜାଣି ବହିଲାଣି
ଖୁସି ଦୂରରେ ହଜିଲାଣି
ଚକାଆଖିରେ ଖାଲି ଦେଖୁଛ
କଳିଯୁଗର କାଳିଆ, କଳିଯୁଗର କାଳିଆ

ଚିଠି ମୁଁ ଲେଖିଛି ଜଗା ନାଁରେ



ଶୁଭ୍ରା ଗୌଡ
ରାୟଗଡ଼ା

ଜଗା ରେ.....
ତୁ ସବୁ ଜାଗାରେ ?
ଜଗତର ମୁଖିଆ,ତୁ ଜଗାରେ
ହସିକି ବସିଛୁ, ତୋର ଶ୍ରୀମନ୍ଦିରେ..
ନୂଆ ନୂଆ ବେଶ ହୋଇ ସବୁ ଦିନରେ
ଜଗା ତୁ ସବୁ ଜାଗାରେ.. ?

ତୋର ସେ ଚାହାଁଣୀ, କଥା କୁହା ଠାଣି
ମନ ମୋହେ ମୋର ସବୁ ଦିନରେ..
ନୟନେ ତୋହର ସିନା ପଲକ ପଡେନି
ନାଲି ଅଧରରେ ହସ ବି ସରେନି
ମୁରୁକି ହସରେ ଯେ ମନ ନଉ କିଣି
ବୁଝି ତୁ କାହିଁ ଏତେ ଅବୁଝା ହଉରେ...
ଜଗା.. ତୁ ସବୁ ଜାଣି ଶୁଣି
ଅଭିନୟ କରୁ , ଏତେ କାହିଁରେ ... ?
କେତେ ଭାବଗ୍ରାହୀ ସତେ ଅବା ତୁହି
ଜଗା....
ଏତେ କପଟିଆ କାହିଁ ଏତେ ହଉରେ ?

ହସି ହସି ପୁଣି ,ମନ ଭାଙ୍ଗି ଦେଉ..
ପୁଣି ସେ ହସରେ ମନ ମୋହି ନେଉ
ତତେ ବୁଝି ବି କାହିଁ ଏତେ ବୁଝି
ହୁଏନାରେ
ଜାଣି ବି କାହିଁ ତତେ ଜାଣି ହୁଏନା
ଜଗା..
ସେ ତ ପତିତ ପାବନ ସାକ୍ଷୀ
ଜଗା ରେ....
କେତେ ଅଭିମାନୀ ତୁହିଁ.. ?

ମନୁଆ ବୋଲି ତତେ କୁହନ୍ତି ସଭିଏଁ
ମନ ମାରି ତୁ ତ ବସିଛୁ ସତେ ରେ
ମନ ବୁଝୁନୁ ତୁ କାହିଁ ?
ହଁ .. ମନ ବୁଝୁନୁ ତୁ କାହିଁ ?
ମନକୁ ମୋହର ଛାଡି ତ ପାଖରେ
ଆସିଛି ମୁଁ ସାତ ସମୁଦ୍ର ପାରିରେ...
ମନୁଆ କାଳିଆ ତୁହି..
ଜଗା
ମଉନେ ବସିଛୁ ତୁହି..
ମିଛ ଆଶା ଦେଉ ତୁହି..
ଜଗା
ମନ ଭାଙ୍ଗି ଦେଉ ତୁହି..
କେତେ ଭାବଗ୍ରାହୀ ତୁହି..
ଜଗା
ବଡ କପଟିଆ ତୁହି... ?

ଧନ



ଅନୁପ କୁମାର ଗଡ଼ନାୟକ
ଅନୁଗୋଳ

ଧନ ଅର୍ଜିତେ ଧର୍ମ କରି
ଧନ ପ୍ରାପ୍ତ ନରହରି।।
ଜୀବର ସାର୍ଥକ ନେଇ ଦାନ ଧର୍ମ
ବଞ୍ଚିବାର ଏକ ରାହା
ଧନ ହିଁ ଧରମ ଧନ ହିଁ କରମ
ଜୀବକୁ ହୁଅଇ ସାହା।।
ପୁରାଣ ଶାସ୍ତ୍ରର ଉଲ୍ଲେଖ କଥାଟି
ଜୀବର ଅଲିଭା ଗାର
ଧରମେ ଧନକୁ ଅର୍ଜନ କରିଲେ
ଧନ୍ୟ ହୁଏ ଜୀବ ତାର।।
ସତ୍ୟ ପଥେ ଧନ ଯେ କରେ ଅର୍ଜନ
ସାର୍ଥରେ ନ ଦେଇ ମନ
ଅମୂଲ୍ୟ ରତନ ଅଟେ ସେଇ ଧନ
ତାହାକୁ ମିଳଇ ପୁଣ୍ୟ।।
ସଚ୍ଛ ଓ ନିର୍ମଳ ମନ ଭାବେ ରହି
ଧର୍ମେ ଯେ ଧନ ଅର୍ଜଇ
ଜୀବ ଗଲାବେଳେ ଧର୍ମ ସାହା ହୁଏ
ବୈକୁଣ୍ଠ ତାକୁ ମିଳଇ।।
ଧର୍ମ କର୍ମ କଥା ଗୀତା ଭାଗବତେ
ବର୍ଣ୍ଣିତ ହୋଇଛି ଯାହା
ସେଇ ପଥେ ଯାଇ କରିଲେ କର୍ମଟି
ଧର୍ମଟି ଅଟଇ ତାହା।।

ଅନ୍ତହୀନ ପ୍ରେମ



ଅଧ୍ୟାପକ ବାସୁଦେବ ସାଇଁ

ଦୀର୍ଘ ପଥ ବ୍ୟାପୀ
କେତେ ମୁଁ ଚାଲିଛି
ଚାଲି ଚାଲି କେତେ
ଥକି ମୁଁ ପଡିଛି,
ଆଶା ବୈତରଣୀ
ମୋ ବହି ଚାଲେ କାହିଁ
କାହିଁ କେତେ ଦୂରେ
ଅଛି ମହା ସିନ୍ଧୁ
ଜାର ବକ୍ଷେ ହଜି
ତୁମି ଯିବି ତାକୁ,
ଜନ୍ମ ପରେ ଜନ୍ମ
କେତେ ଯାଏ ବିତି
ତଥାପି ଜନ୍ମୁଛି
ନଜାଣି ମୁଁ କିଛି
ତବ ପ୍ରେମ ପ୍ରଭୁ
ଟାଣି ନିଏ କାହିଁ
ଯେତେ ପାଶେ ଗଲେ
ଆଶା ମେଣ୍ଟେ ନାହିଁ
ତଥାପି ହେ ପ୍ରଭୁ
ତବ ପ୍ରେମ ରଜୁ
ବାନ୍ଧି ରଖେ ମୋତେ
ଜନ୍ମ ଜନ୍ମ ପାଇଁ।


ଅକ୍ଷର ଭିଡ଼ ଭିତରେ ଭିନ୍ନ ସ୍ୱର

ଅକ୍ଷର ଭିଡ଼ ଭିତରେ ଭିନ୍ନ ସ୍ୱର ,
ସତ୍ୟ ନିର୍ଭୀକ ଦିଏ ଖବର ।
ଗଣତନ୍ତ୍ରର ସେବକ , ନ୍ୟାୟର ରକ୍ଷକ ,
ସମାଜର ଅନ୍ଧକାର ମଧ୍ୟେ ଜଗାଏ ଆଲୋକ
ଅକ୍ଷର ଖବର କାଗଜ , ନୈତିକତାର ଦୀପ,
ମିଛର ଜାଲ ଛିଣ୍ଡାଇ ଦେଖାଏ ସତ୍ୟର ସରୂପ ।
ଅନ୍ୟାୟର ମୁଖା ଉନ୍ମୋଚନ କରେ,
ସଂସ୍କୃତି, କଳା, ବିକାଶର କାହାଣୀ ଲେଖେ
ଓଡ଼ିଶାର ଗ୍ରାମରୁ ସହର ପର୍ଯ୍ୟନ୍ତ ପହଞ୍ଚେ,
କୃଷକର ଦୁଃଖ, ଯୁବକର ସପ୍ନ, ମହିଳାର ସଂଗ୍ରାମ କହେ
ଜାଗ୍ରତ କରେ ନିଦ୍ରିତ ଜନତା କୁ , ଦେଇ ଆଶାର
ନୂଆ ବାର୍ତ୍ତା,
ଅକ୍ଷରର ଲେଖାଦୃନୀତିଗ୍ରସ୍ତଙ୍କ ଦିଏ ପାହାନ୍ତିଆ ଝଟକା।
ପ୍ରତି ଓଡ଼ିଆର ହୃଦୟରେ ବାଜେ ଏହାର ଧ୍ୱନି,
ସତ୍ୟର ନିର୍ଭୀକ ସ୍ୱରରେ ଅକ୍ଷର ରଚେ ନୂଆ
କାହାଣୀ ।
ଅକ୍ଷର ଓଡ଼ିଆ ଜାତିର ଆତ୍ମାର ପ୍ରତିଧ୍ୱନି,
ଲେଖେ ସାଧୀନତାର ଅମର ବାଣୀ
ପ୍ରେରଣା ଦେଇ ଯୁବମନକୁ ଦେଖାଏ ନୂଆ ସପ୍ନ ,
ଯୁଗ ଯୁଗ ପାଇଁ ଜାଗ୍ରତ, ନିର୍ଭୀକ ଓ ନିଷ୍ଠାବାନ
ବୃଦ୍ଧଙ୍କ ଅଭିଜ୍ଞତାରେ ରଚେ ଇତିହାସର ପାଠ।
ନୂଆ ଦିଗନ୍ତ ଖୋଲେ ଯୁବକଙ୍କ ପାଇଁ ସଫଳତାର ପଥ।
ଅକ୍ଷରର ପ୍ରତି ଶବ୍ଦ ହେଉଛି ସତ୍ୟର ଅସ୍ତ୍ର, ନ୍ୟାୟର ଢାଲ,
ଓଡ଼ିଶାବାସୀଙ୍କ ହୃଦୟେ ଜାଗେ ନିର୍ଭୀକତା ସ୍ୱରର ତାଳ।
ଅକ୍ଷର ଗଣତନ୍ତ୍ରର ରକ୍ଷକ ଓଡ଼ିଶାର ଗୌରବ,
ସତ୍ୟର ଏହି ଯାତ୍ରା ରହୁ ଅବିରତ ,ଅଜେୟ ଓ
ଅଟଳ।
ଚିରଦିନ ରହୁ ଜାଗ୍ରତ ଏହି ଅକ୍ଷର ଖବରର ସୌରଭ
ସତ୍ୟର ନିର୍ଭୀକ ସ୍ୱରରେ ଲେଖା
ହେଉ ଓଡିଶାରଗୌରବ ।

- ରାଜକିଶୋର ଶତପଥି
କେନ୍ଦୁଝର

ସତ୍ ସାହିତ୍ୟ

ଏଥର 'ସତ୍ ସାହିତ୍ୟ' କ୍ରମରେ ସକୀୟ ସୃଜନ ଉତ୍କର୍ଷ ଓ ଆଧାତ୍ମିକତା ପାଇଁ ସୁଖ୍ୟାତ ସାରସତ ବ୍ୟକ୍ତିତ୍ୱ ଡକ୍ଟର ପ୍ରଦୀପ କୁମାର ଚୌଧୁରୀଙ୍କ 'ଯୋଗୀ' ବିଷୟକ ସଂକ୍ଷିପ୍ତ ଅଥଚ ସାଗଗର୍ଭକ ଉପସ୍ଥାପନା !!



ବିଶ୍ୱାସ, ଆଶା ଓ ପ୍ରେମ

ଯିଏ ସବୁ ସାଂସାରିକ କର୍ମରେ ବୁଡ଼ି ରହି ମଧ ଈଶ୍ୱରଙ୍କ ପ୍ରତି ଅହରହ ଧ୍ୟାନ ରଖିଥାଏ, ସେ ହିଁ ପ୍ରକୃତ ଯୋଗୀ ।

ଡକ୍ଟର ପ୍ରଦୀପ କୁମାର ଚୌଧୁରୀ
ଭି ଏ ୩୪/୪, ୟୁନିଟ: ୨, ଭୁବନେଶ୍ୱର: ୭୫୧୦୦୯

କାକୁଡ଼ି ଓ କବିତା

ଧାଡ଼ିଏ ଗପ



କାକୁଡ଼ି ଚୋରାଇ କୋରଡା
ମାଡ଼ ଖାଇଥିବା ସେ ଚୋରଟିକୁ
କବି ସତ୍ୟେନ୍ଦୁ ଖୋଜି ଚାଲିବାର
କାରଣ ହେଲା ତାକୁ କବିତା
ଚୋରାଇବା ଶିଖାଇ ଦେଲେ
ବିଚରା ଆଉ ମାଡ ନଖାଇ ବଙ
ପ୍ରଭାବିତ ସ୍ରଷ୍ଟାଟିଏ ଭାବେ ଢେର୍
କାଟତି ପାଇ କୋରଡା ମାଡର
ବେଦନା ଭୁଲିଯାଆନ୍ତା !

● ସତ୍ୟନାରାୟଣ ଗନ୍ତାୟତ
'ସୁହାସିତମ୍', କସ୍ତୁରୀ ନଗର,
ରାୟଗଡ଼ା : ୭୬୫୦୦୧

ଚିଠି ଟିଏ... ମୌସୁମୀ କୁ



ଶ୍ରୀମତୀ ଶର୍ମିଷ୍ଠା ସାହୁ
କଟକ

ପ୍ରିୟର ମୌସୁମୀ ଆଉ
ଦିନ କେଇଟା ପରେ
ତୁମେ କଣ ସତରେ ହଜିଜିବ
ସେଇ ଦଶରା ର ଭିଡ଼ରେ ?
ତୁମେ ଗଲା ପରେ
ମୋ ଲୁହ କୁ ଲୁଚେଇବାର
ନାହିଁ ଆଉ କୋଉ ମିଛ ବାହାନା
କଥାଦିଅ ମୌସୁମୀ,
ଏଥର ମେଲାଣି ବେଳେ
ରଚିବନି ଆଉ ତାଣ୍ଡବ
ମୋ ଭାଗର ଅଭିମାନ ରେ
ଦେବନି ଆଉ କାହାକୁ ଭାଗ
ପାର୍ବଣ ରେ ମୋତେ
ସଜେଇ ହେବାର ଦେଖି
ବେଶି ଈର୍ଷା କରିବନି
ନିର୍ଜୀବ ମୂର୍ତ୍ତି ଆଗରୁ
ଅନ୍ତରାତ୍ମା ର ଜିଅନ୍ତା ରାବଣକୁ
ପୋଡିବାର ଗୁରୁମନ୍ତ୍ର
ଦେବାକୁ ଭୁଲିବନି
ଜାଣିଚି ମୌସୁମୀ
ତୁମକୁ ଶେଷଥର ଦେଖିବାରେ
ଏ କୁହୁଡି ନିଶ୍ଚୟ ଆଣିବ ବାଧା...
ହେଲେ ଏ କାହାଣୀ କଣ
ଏଇଠି ରହିବ ଅଧା ?
ଭାବୁଛି ମୋ ପ୍ରଶ୍ନ ର
ଉତ୍ତର ନିଶ୍ଚୟ ଦେବ
ଇତି ତୁମର ସଖୀ 'ମୁଁ'

ଜାଗିଉଠ କବିବର



ଗୀତାଞ୍ଜଳି ପୃଷ୍ଟି
କଟକ

ଜାଗିଉଠ ଜାଗିଉଠ କବିବର
ଉନ୍ନତ କର ଶିର
ସାଧନା ତୁମର ସମାଜ ହିତରେ
ବାର୍ତ୍ତାଦେଉ ବାରବାର।

ନାରୀର ସମ୍ମାନ ରଖିବ ଅକ୍ଷୁଣ୍ଣ
ଆସୁ ଯେତେ ବାଧାବିଘ୍ନ
ଜନନୀ,ଭଗିନୀ,ଜାୟା ରୂପେ ଯିଏ
ପୂରଣ କରୁଛି ସପ୍ନ।

ଅଶ୍ଳୀଳତା ପାଇଁ କର ଆନ୍ଦୋଳନ
ସମାଜ ସୁଧୁରି ଯାଉ
ସାହିତ୍ୟ ନାମରେ ନଗ୍ନ ଉତ୍ପୀଡ଼ନ
ନକରୁ କେ' ନର ଆଉ।

ସାଭିମାନ ଆମ ଜନ୍ମ ଅଧିକାର
ନସହିବା ପ୍ରତିରୋଧ
ଜାତି ରୂପକ ଏ ତରଣୀ ବାହୁଛୁ
ନ ରଖି ମନରେ ଖେଦ।

ସମୟ ଆସିବ ବୁଝିବ ଏ ଜାତି
ଯାଚି ଦେବ ପୁରସ୍କାର
ଆଜି ଯିଏ ଗର୍ବେ କରୁଛି କଟାକ୍ଷ
କରୁଛି ବି ତିରସ୍କାର।

ମୁଁ ନିଖୋଜ ଶିଶୁ କହୁଛି

ମୁଁ ନିଖୋଜ ଶିଶୁ କହୁଛି
ସେଦିନ,
ମୋ ବା' ର ମାଡ଼ ଖାଇ
ଚାଲି ଆସିଥିଲି ,
ଜାଣି ନ ଥିଲି ଯିବି କେଉଁଠି .... ? ? ?
ଆଜି ବାରୁଦ ଗଦାରେ
ଖୋଜୁଛି ମୋ ପରିଚୟ ,
ମେସିନଗନ୍ ଆଉ ଡିନାମାଇଟ
ଖେଳରେ ମୁଁ ଭାରି ମାହିର ...
ମୁଁ ପ୍ରଜାକୋର୍ଟର ରାଜା
ବନ୍ଧୁକ ମୁନରେ ଶୁଣାଏ ସଜା ,
ଭୋକ ବିକଳରେ
ଭଉଣୀ ଭାଗର
ବାସି ପଖାଳ ଖାଇ
ବୋଉର ଅଗ୍ନିବର୍ଷୀ ଗାଳିକୁ ତ
ହଜମ କରିଦେଇଥିଲି ..
ହେଲେ ହାରି ଯାଇଥିଲି
ମୋ ବା' ପାଖରେ ...
ତା ନାଲି ଆଖିର ଭୟରେ
ଚାଳ ଡେଇଁ ଗୋଡ଼ କାଢ଼ିଥିଲି .....
ମୁଁ ସେହି ନିଖୋଜ ଶିଶୁ କହୁଛି କ୍ଷ
ମୁଁ ନିଖୋଜ ଶିଶୁ କହୁଛି
ସେଦିନ,
ମୋ ରୋଗୀଣାବୋଉର
ଚିକିତ୍ସା ପାଇଁ କଉଡ଼ି ଖୋଜୁ ଖୋଜୁ
ସହର ଭିତରେ ଯାଇଥିଲି ହଜି,
ବୋଉ ଆଉ ବଞ୍ଚିଲାନି
ବା'ତ ଆଗରୁ ଚାଲି ଯାଇଥିଲା,
ମୁଁ ତ ନିରୁଦ୍ଦିଷ୍ଟ ହୋଇଗଲି .... ! ! !
ଆଜି ଏ ଚାକଚକ୍ୟ ସହରର
ମୁଁ ଏକ ବେଶ୍ ଚର୍ଚ୍ଚିତ ଚେହେରା ...
ବିତ୍ତଶାଳୀ, କ୍ଷମତାଶାଳୀ
ଆଉ ପ୍ରଭାବୀଙ୍କ
ଭଦ୍ରତାର ଖୋଳ ଭିତରେ
ଜମାଟ ବାନ୍ଧିଥିବା
ଶ୍ଲିଷ୍ଟତାହିନ କ୍ଷୁଧା
ମେଣ୍ଟାଉଥିବା
ସର୍ବଶ୍ରେଷ୍ଠ ଅପସରା ...
ମୋ ଉଷୁମ ଦେହରେ
ତୃଷ୍ଣା ମେଣ୍ଟେଇବାକୁ
ବାଜି ଲଗାଇଛି ଏ ସହର,
ମୋତେ ସହରୀ ସଭ୍ୟତା ଖୋଜୁଛି
ମୋତେ ନାମୀ ଦାମୀ ସବୁ ଖୋଜୁଛି
ସେହି ନିଖୋଜ ଶିଶୁ ମୁଁ କହୁଛି...
ସେହି ନିଖୋଜ ଶିଶୁ ମୁଁ କହୁଛି
ସେଦିନ
ଦଙ୍ଗା ମୁହଁରୁ ବର୍ତ୍ତିଯାଇଥିବା
ମୁଁ ସେହି ନିର୍ବୋଧ ଶିଶୁ,
ଆଜି ଚରସ ବେପାରୀଙ୍କ ସର୍ଦ୍ଦାର,
ନକଲି ବନ୍ଧୁକ କାରଖାନାର ମାଲିକ ,
ଆଉ ବୋମା ଆକ୍ରମଣର
ମାଷ୍ଟର ମାଇଣ୍ଡ,
ସହରରେ ମୋର ବଡ଼ ପରିଚୟ
କୁଆଡେ ମୁଁ ଦୁର୍ଦ୍ଧାନ୍ତ ସୁପାରି କିଲର ,
ଗୃହ ବିଭାଗର ମୁଣ୍ଡ ବିନ୍ଧୁଛି
ସୁରକ୍ଷା ବାହିନୀ ମୋତେ ଖୋଜୁଛି
ସେଦିନର ନିଖୋଜ ଶିଶୁ ମୁଁ କହୁଛି
ସେଦିନର ନିଖୋଜ ଶିଶୁ ମୁଁ କହୁଛି
ପ୍ରତିଦିନ ମୁଁ ଜୁଝୁଛି ....
ନିତିଦିନ ବାଟ ହୁଡୁଛି .....
ନିଖୋଜ ଶିଶୁ ମୁଁ କହୁଛି
ନିଖୋଜ ଶିଶୁ ମୁଁ କହୁଛି ....

-ରବୀନ୍ଦ୍ରନାଥ ଯୋଷୀ,
ନୂଆପଡ଼ା

ଭିନ୍ନ ଏକ ରାତି



ଅର୍ଜୁନ ସାହୁ
ନୟାଗଡ଼

ଜହ୍ନପୋକ ରାତିରେ
ନିର୍ଜନ ସହରରେ
ନିରବଚ୍ଛିନ୍ନ ତାରକାଙ୍କ ସହ
ଭିନ୍ନ ଏକ ଭାବନାରେ..।

ନିଃଶବ୍ଦ ଆକାଶ,
ଶାନ୍ତ ପରିବେଶ,
କୋଳାହଳ ମନ ମଧ୍ୟରେ
ନିଜକୁ ଖୋଜେ ମୁଁଟ
ଅତୀତର ଭଗ୍ନ ସ୍ତୁପରେ..।


ସଂଘର୍ଷର ସେ' ବାଲି ଘରେ
ଜୀବନ ଏଠି ଚାଲେ ଶୂନ୍ୟ ପଥେ
ତଥାପି ଏଠି ବଞ୍ଚିବାକୁ ହୁଏ
ସାର୍ଥପରତାର ବିଷ ବୃକ୍ଷରେ..।

ରାତି ପାହିଗଲେ,
ନିର୍ମଳ ହୁଏ ଆକାଶ।
ବିଶାଳ ପରିଧି ତାର
ଆକାର ଅଟେ ନିରାକାର,
ଏଠି ସକାଳର ସୂର୍ଯ୍ୟୋଦୟ ହୁଏ
ତ୍ୟାଗ ଓ ବଳିଦାନର ଉଚ୍ଛ୍ୱାସରେ।

ଜୀବନ ତ ଛାଇ ଆଲୁଅର ଖେଳ,
ଅନ୍ତରର ଦୁଃଖକୁ ମାରିବାକୁ ହୁଏ,
ଭିନ୍ନ ଏକ ହସ ମଧ୍ୟରେଟ
ଚାପିବାକୁ ହୁଏ ଦୁଃଖର ପାହାଡ଼
ସାମାଜିକ ଓ ଦାୟିତ୍ୱବୋଧତାର
ବୋଝ ଆଳରେ।

ହସ ଓ କାନ୍ଦର ଗହଳିରେ
ଲୁହ ପିଇଯାଏ ଓଠ
ଆଖିର ବାହାନାରେ.... ।

କାଶତଣ୍ଡୀ



ଶାଶ୍ୱତୀ ଗୁରୁ
ଭୁବନେଶ୍ୱର

ସତରେ କ'ଣ ଓହ୍ଲାଇ ଆସିଛି
ଆକାଶୁ ମେଘମାଳା,
ଧରଣୀର ବୁକୁ ଢାଙ୍କି ଦେଇ
ଧଳା ଧଳା ମେଘର ମାଳା।

ଶରତ ଆକାଶ ନୀଳ ହସେ,
ପବନେ ଖେଳେ ଶୀତଳତା,
କାଶଫୁଲର ଧଳା ହସରେ
ସଜେ ଧରଣୀର ସୁନ୍ଦରତା।

କେତେ ନିର୍ମଳ, କେତେ କୋମଳ,
ଆଗମନ ତା'ର କେତେ ବିରଳ,
ନିରବେ ଆସି ମନ ଛୁଇଁଯାଏ,
ପ୍ରକୃତି ହୁଏ ଅପୂର୍ବ ସୁନ୍ଦର।

ମା' ଦୁର୍ଗା ଆସିବାର ବାର୍ତ୍ତା ନେଇ
ଦୋଳେ ସିଏ ମୃଦୁ ପବନେ,
ସ୍ୱାଗତ ପାଇଁ ଚାମର ହଲାଏ
ଧଳା ପୁଷ୍ପର ଅଭିନନ୍ଦନେ।

ସମସ୍ତେ କୁହନ୍ତି ତା'କୁ
କାଶତଣ୍ଡୀ, ଶରତର ରାଣୀ,
ମୋ ଆଖିରେ ସିଏ ଲାଗେ
ସର୍ଗରୁ ଓହ୍ଲାଇଥିବା ଅପସରୀ।

ତା'ର ଧଳା ପାଖୁଡ଼ିରେ
ଲୁଚିଥାଏ ଶାନ୍ତିର ଭାଷା,
ତା'ର ମୃଦୁ ଦୋଳନରେ
ଜାଗିଉଠେ ମନର ଆଶା।

ନିର୍ମଳ, କୋମଳ, ଶାନ୍ତ ମନରେ
ଭରିଦିଏ ଅପାର ଖୁସି,
କାଶତଣ୍ଡୀ ଆସି କହିଯାଏ
''ମା' ଆସୁଛନ୍ତି, ହସ ଧରଣୀ !''

ଶରତର ଏଇ ଧଳା ସପ୍ନ
ପ୍ରକୃତିର ଅମୂଲ୍ୟ ଦାନ,
କାଶତଣ୍ଡୀର ହସରେ ଆଜି
ପବିତ୍ର ହେଉ ମହଉତ୍ତଧାମ।

କାଶତଣ୍ଡୀ କେବଳ ଫୁଲ ନୁହେଁ,
ଶରତର ଏକ ଶୁଭ ସନ୍ଦେଶ
ମା' ଦୁର୍ଗାଙ୍କ ଆଗମନର,
ଆନନ୍ଦର, ଆଶାର ଓ
ପବିତ୍ରତାର ବିଶେଷ।

କାଲିପରି ଆଜି ବି



ବୈଷ୍ଣବ ମେହେର
ନୂଆପଡ଼ା

କାଲିପରି ଆଜି ବି
ଦିନ ଆସେ
ପୁଣି ଗଡ଼ି ଯାଇ
ଅନ୍ଧାର ଘୋଟେ।

ଅତଳ ଅନ୍ଧାରରେ ବି
ବିଗବିଗ ଡେଣାଝାଡ଼େ
ଜୁଲୁଜୁଲିଆ...
ବିରାଟ ବିରାଟ ଗଛ ଉପରେ
ନିଜର ଉପସ୍ଥିତି ଜାହିର କରେ।

ସବୁଦିନ, ପ୍ରାୟ ଏକାପରି
ଝରକା ପାଖରେ ବସି
ଟିଁଟିଁ ଜଣାଇ ଦିଏ ଘରଚଟିଆ
ଅନ୍ଧାର ଯାଇଛି
ସୂରୁଜୁ ଉଇଁଛି।

ଦିନ ସରେ
ରାତି ସରେ
ସରେ ନି ସବୁଜ ଦେହ
ନିତିପ୍ରତି ଉଇଁ ଥାଏ ଜୀବନ
କାଲିପରି ଆଜି ବି।

କାହା ମନେ ଦୁଃଖ ଦେବାନି ଭାଇ

ରବିନାରାୟଣ ମିଶ୍ର
ଭଦ୍ରକ

ଦୁନିଆଁଟା ଅଟେ ଈଶ୍ୱରଙ୍କ ସୃଷ୍ଟି
ଜୀବନଟା କ୍ଷଣସ୍ଥାୟୀ
ସବୁରି ଜୀବନ ପାଣିର ଫୋଟକା
କେହି ନୁହେଁ ଚିରସ୍ଥାୟୀ ।୧।
ସଂସାରେ ଦୁର୍ଲ୍ଲଭ ମନୁଷ୍ୟ ଜନମ
ଆସିଅଛି ଯିବ ଏକା,
ଭୋଗିବାକୁ ହେବ କରମର ଫଳ
ଯା ଅଛି କପାଳେ ଲେଖା ।୨।
ଏତେ ବଡ଼ ଏହି ଦୁନିଆଁରେ ପୁଣି
ସଭିଙ୍କୁ କରି ନିଜର,
ଜୀବନ ସଂଗ୍ରାମେ ହୃଦୟ ଜିଣିଲେ
ପର ହେବେ ଆପଣାର ।୩।
ଏ ମର ଶରୀର ମାଟିରେ ମିଶିବ
ଜୀବନ ଯୁଦ୍ଧର ଶେଷେ,
ତେଣୁ ହେ ମାନବ ହିଂସାକ୍ରୋଧ ଭାବ
ଭୁଲି ଯାଅ ଅବଶେଷେ ।୪।

ମୁଁ ନାରୀ

ସରୋଜିନୀ ସେନାପତି

ରାଶି ରାଶି ବାଲୁକାର ବିସ୍ତୀର୍ଣ୍ଣ ବକ୍ଷରେ
ସାଗରର ମଥା ପିଟା କ୍ରନ୍ଦନ ।
ଅନନ୍ତ ଆକାଶର ନୀଳିମା ମଞ୍ଚରେ
ଆଶ୍ୱାସନାର ଖଣ୍ଡେ ଭସା ବାଦଲ ।
ହୃଦୟର ଆବିଳତା ଅବଳାର
ଦେଖେ କିଏ ଶୁଣେ କିଏ
ଆର୍ତ୍ତ ଚିତ୍କାର ଚିତ୍ତ ତାର
ସେଇଠି ଗୁଞ୍ଜରି ମରିଯାଏ ।
ନିମିଷକେ ଅପଲକ ନୟନର
ଅକୁହା ପରିଭାଷା ତାର
ବହିଯାଏ ଗଣ୍ଡତଟ ଦେଶେ
ବିଲପି ଦୁଇ ଧାର ।
ତଥାପି ଅବୁଝା ହୋଇ ପଡ଼େ
ଏ ଯୁଗର ଅହଲ୍ୟାଟି
ଆପେ ଆପେ ପାଷାଣି ପାଲଟେ
ପ୍ରତୀକ୍ଷାର ଦୀପ ଟିଏ ଜାଳି ।
ଆଜିବି ପୁରୁଷ ଜଳାଏ ଅଗ୍ନିର ଝାସରେ
ସତୀତ୍ୱର ଦ୍ୱାହି ଦେଇ
ଉପେକ୍ଷିତା ନାୟିକାର ଜୀବନରେ
ଈଶ୍ୱରର ସ୍ଥାନ ଦାବି କରି ।

ପ୍ରକୃତିର ଅମୃତ ଆୟୁର୍ବେଦର ତ୍ରୀରତ୍ନ



ବାଡ଼ି ବଗିଚାରେ ଅମୃତ ଲୁଚିଛି, ପ୍ରକୃତିର ବରଦାନ
ଗଙ୍ଗ ଶିଉଳି, ଅମରପୋଇ ଯେ ଗୁଳୁଚି ଆମର ପ୍ରାଣ,
ଚିହ୍ନିଲେ ତାହାକୁ ରହିବନି ରୋଗ, ମିଳିବ ନୂଆ ଜୀବନ
ପ୍ରକୃତି କୋଳରେ ଭରି ରହିଅଛି ଆରୋଗ୍ୟର ସମ୍ମାନ ?

ଶରତ ପ୍ରଭାତେ ମହକ ବିଞ୍ଚଇ ଶୁଭ୍ର ଗଙ୍ଗ ଶିଉଳି
ବାତର ବେଦନା ଦୂରେଇ ଚାଲିବ ପତ୍ରର କାଢ଼ା ଢାଳି।
ଆଣ୍ଠୁଗଣ୍ଠି ବିନ୍ଧା ସାୟାଟିକା କଷ୍ଟ ନିମିଷକେ ହୁଏ ଦୂର
ପୁରୁଣା ଜ୍ୱରକୁ ମୂଳରୁ ହୁଡ଼ାଇ ଦିଏ ସେ ଶାନ୍ତି ଭାର ?

ପତ୍ରରୁ ଯାହାର ଜୀବନ ଉଧୁଏ ନାମ ତାର ଅମରପୋଇ
ପାଷାଣଭେଦିନୀ ଶକ୍ତି ଅଛି ତାର ପଥୁରୀ ଦିଏ ତରଳାଇ।
ମୂତ୍ର ନଳୀର ଜ୍ୱାଳା ଛାଡ଼ିଯାଏ କ୍ଷତ ବି ହୁଏ ଭଲ
ଈଶ୍ୱରଙ୍କ ଏହି ସବୁଜ ପତ୍ରଟି ସତେ ଯେ ସଞ୍ଜୀବନୀ ତୁଲ୍ୟ ?

ଅମୃତାର ଲତା ମହିମା ଅପାର ଗୁଳୁଚି ନାମ ତା' ଜଗତେ
ଡେଙ୍ଗୁ ଜ୍ୱର ଆସି ପ୍ଲେଟଲେଟ୍ ହ୍ରାସେ ଶକ୍ତି ଜଗାଏ ରକ୍ତେ।
ତ୍ରିଦୋଷ ନାଶକ ବଳ ବଢ଼ାଏ ଯେ ମଧୁମେହ କରେ ବଶ
ରୋଗପ୍ରତିରୋଧକ ଅମୃତ ଝରଣା ଦୀର୍ଘ କରଇ ଆୟୁଷ ?
ଜୟ ଶମ୍ଭୁ ?

ତନୁଜ କୁମାର ମଲଣା

ଉପସ୍ଥାପନା
ନିରଞ୍ଜନ ନାୟକ
ମୋ: ୯୪୩୭୩୧୭୪୧୭

ସୃଜନ ସାକ୍ଷର

ସୋମବାର ୫।୧୦।୨୦୨୬

ଅକ୍ଷର AKHYARA ODISHA ଓଡ଼ିଶା

ଆଲୋ ସୂର୍ଯ୍ୟମୁଖୀ

ଆଲୋ ସୂର୍ଯ୍ୟମୁଖୀ କାହାକୁ ତୁ ଦେଖି
ହସୁଛୁ ହଲାଇ ମଥା
ତୁହି ପରା ମୋର ପ୍ରଥମ ପ୍ରେମିକା
କହ ତୁ'ଲୋ ସତ କଥା ।
ହଳଦୀ ମେଖଳା ଦେହକୁ ଦେଖାଉ
କାହାକୁ ତୁ କହି ଦିଏ
ସଦାବେଳେ ଖାଲି ଆକାଶକୁ ଚାହୁଁ
ଆକାଶେ ଅଛିକି କିଏ ?
ସକାଳ ବେଳାରେ ଚାହୁଁ ପୂର୍ବ ଆଡେ
ସନ୍ଧ୍ୟାରେ ପଶ୍ଚିମ ଦିଗ
କାହାର ପଥକୁ କରୁ ଅନୁସଣ
କିଏ ଅଛି ତୋର ସାଙ୍ଗ ।
ଶରୀର ତୋହର କେଡେ ଯେ କୋମଳ
ସୁନ୍ଦରତା ଭରପୁର
ଯିଏ ସେ ଦେଖଇ ତା' ମନ ଲାଖଇ
ଫୁଲ ମଧ୍ୟେ ଯାଦୁକର ।
ଗ୍ରୀଷ୍ମ ଋତୁ ହେଲେ ଖରା ବଢିଗଲେ
କେତେ ଫୁଲ ଝଡି ପଡେ
ତୋ' ରୂପ ଯୌବନ ହୁଏ ଶତ ଗୁଣ
ଯେତେ ବେଶି ତାତି ବଢେ ।

ରମେଶ ଚନ୍ଦ୍ର ନାୟକ
କେଶରପୁର, ବକ୍ସି ବଜାର,କଟକ
୭୯୭୮୧୫୧୭୧୦

ଅହଂକାର

ଅହଂକାର ଏକ ଭିନ୍ନ ପୃଥିବୀର ଅସରନ୍ତି
କଳାରାତି,
ଯହିଁ ଉଦ୍ଗିରଣ ଆଶା ପ୍ରତ୍ୟାଶାର
ଜ୍ୱାଳାମୁଖୀ ଅସରନ୍ତି ।
ପ୍ରୀତିର ମନ୍ଦିର ବିବର୍ଣ୍ଣ ଖୋଳପା ପ୍ରାପ୍ତିର
ଶ୍ରାବଣଟିଏ,
ଉଣା ହେଲେ ହାୟ ଆଡରଷା ମେଘ
ଉଦରରୁ ଝରୁଥାଏ ।

ମଉଳି ଯାଉଛି ଗୋଲାପୀ ଓଠରେ
ମନଲୋଭା ମିଠାଭାବ,
ସାର୍ଥ ସଂକୀର୍ତ୍ତନ କୋଳାହଳମୟ ସର୍ତ୍ତର
ବେସୁରା ରାଗ ।
କାହିଁଗଲା ଚିଠି ଭିଜା ପ୍ରତ୍ୟୁତ୍ତର
କମନୀୟ କୁଞ୍ଜବନେ ?
ଫିକା ପଡିନିକି ଫଗୁଣର ରଙ୍ଗ
ପ୍ରେମକାନ୍ଥେ ପ୍ରତିକ୍ଷଣେ ?

ଛାତି ତଳେ ନାହିଁ ମଧୁର ଶ୍ୱାସର ଋତୁ
ଛଳଛଳପଣ,
ବିଦଗ୍ଧ ଭାବକୁ ଲୁଟି ନେଇଛନ୍ତି ବିରାଡି
ବୈଷ୍ଣବଗଣ ।
ଓଠାରେ କାହିଁ କାଶତଣ୍ଡୀ ହସ
ଆଳାପର ଆବାହନୀ,
ଜୀବନ ହୋଇଛି ପ୍ରଖର ତାତିର
ଜାଙ୍ଗଲିକ ପାପ ଧ୍ୱନି ।

ଲୁହ ବଦଳରେ ଲୁହ ଟୋପେ ପାଇଁ
ତମେ କି ହୋଇଛ ଲୁହ ?
ଏଇ ଅହଂକାର ରଚିପାରେ କେବେ
ତମ ସହ ଜାଣ ଦ୍ରୋହ ।

ସୁଜିତ କୁମାର ମିଶ୍ର
ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୬୮୩୮୬୭୭୪୨

ଜୟ ମା 'ସିଂହ ବାହିନୀ

ଜୟ ମା ସିଂହ ବାହିନୀ
ଜୟ ମନ୍ଦାର ମାଳିନୀ
ଜୟ ବିନ୍ଧ୍ୟଗିରି ବାସିନୀ ମା ଦୁର୍ଗା
ଜୟ ଦୁର୍ଗତି ନାଶିନୀ ।

ଜୟ ରୁଦ୍ରାଣୀ ଭବାନୀ
ଜୟ ମାତା କାତ୍ୟାୟିନୀ
ଆପଦ ନାଶିନୀ ଅଭୟ ଦାୟିନୀ
ମହାମାୟୀ ନାରାୟଣୀ ।

ଜୟ ଅପର୍ଣ୍ଣା ଭବାନୀ
ସର୍ବ ମଙ୍ଗଳା ଜନନୀ
ଜୟ ମା ଚଣ୍ଡୀକା ଜୟ ମା ଅମ୍ବିକା
ମହିଷାସୁର ମର୍ଦ୍ଦିନୀ ।

ଜୟ ମା ଉମା ମୃଡାନୀ
ଦର୍ପୀ ନୃ ମୁଣ୍ଡ ମାଳିନୀ
ଅଯୋନି ସମ୍ଭୁତା ମହା ଯୋଗେଶ୍ୱରୀ
ଜୟ ମା ବିଶ୍ୱ ଜନନୀ ।

ଜୟ ତ୍ରିପୁର ମୋହିନୀ
ଖଣ୍ଡା ଖର୍ପର ଧାରିଣୀ
ଦିବ୍ୟାସ୍ତ୍ର ଧାରିଣୀ ଭୈରବୀ ଡାକିନୀ
ଜୟ ଶଙ୍କର ଘରଣୀ

ବସନ୍ତ କୁମାର ପ୍ରଧାନ
ହରିହରପୁର, ଛେଣ୍ଡିପଦା, ଅନୁଗୁଳ

ସଂପର୍କ

ଉତ୍ତମ ସଂପର୍କ ଗଢ଼ିବାକୁ ହେଲେ
ଦରକାର ନାହିଁ ଧନ
ସଂପର୍କ ଗଢ଼ିବା ପାଇଁ ଆବଶ୍ୟକ
ସୁନ୍ଦର ଗୋଟିଏ ମନ ।।
ମନ ଖାଲି ନୁହଁ ବିଶ୍ୱାସ ବି ମଧ୍ୟ
ଆବଶ୍ୟକ ହୋଇଥାଏ
ତାକୁ ନେଇ ଯିଏ ହୃଦୟ ଜିତିଲା
ସଂପର୍କଟା ଜିତିଯାଏ ।।
ଅଜଣା ଅଚିହ୍ନା ହୋଇଥିଲେ ମଧ୍ୟ
ଚିନ୍ତା କରିବାର ନାହିଁ
ବିଶ୍ୱାସ ଥିଲେ ତ ସଂପର୍କର ସେତୁ
ଆପେ ଆପେ ଯିବ ହୋଇ ।।
ଯେମିତି ବିଶ୍ୱାସେ ଶ୍ରୀରାମ ସୁଗ୍ରୀବ
ହୋଇଥିଲେ ଦୁହେଁ ମିତ୍ର
ମା ସୀତା ଦେବୀଙ୍କୁ ଉଦ୍ଧାର ପାଇଁକି
ବାହାର କରିଲେ ସୂତ୍ର ।।
ଅଜଣା ହୋଇବି ରାମଙ୍କୁ ସୁଗ୍ରୀବ
ସହଯୋଗ କରିଥିଲା
ତାଙ୍କ ପାଇଁ ନିଜେ କେତେ ବଳିଦାନ
ଦେବାକୁ ଯେ ପଡ଼ିଥିଲା ।।
ଭରସା ବଳରେ ରାବଣର ଭାଇ
ସାହାଯ୍ୟକୁ ଲୋଡ଼ିଥିଲେ
ସେହି ଭରସାରେ ଲଙ୍କାକୁ ଶ୍ରୀରାମ
ଯିବାକୁ ସମର୍ଥ ହେଲେ ।।
ଭାଇର ଶତ୍ରୁକୁ ଶତ୍ରୁ ଭାବିଲାନି
ଭରସାରେ ବିଭୀଷଣ
ଲଙ୍କାକୁ ଦମନ କରିବା ପାଇଁକି
ବତାଇଲା ବାଟ ଜାଣ ।।
ବିଶ୍ୱାସ ଭରସା ଥରେ ଭାଙ୍ଗିଗଲେ
ଆଉ ଯୋଡ଼ିହେବ ନାହିଁ
ତେଣୁ ଏଇକଥା ଦୁନିଆରେ ଚାଲ
ଚିନ୍ତା କରି ମୋର ଭାଇ ।।
ବିଶ୍ୱାସ ଭରସା ଥିଲେ ଅଜଣାବି
ହୃଦୟରେ ରହିଯାଏ
ଚିରଦିନ ପାଇଁ ନିଜଠୁ ନିଜର
ଆମର ହୋଇକି ରହେ
ଆମର ହୋଇକି ରହେ ।।

ଦୀପକ କୁମାର ନାୟକ
ଢେଙ୍କାନାଳ

ବେଶ୍ୟା କେବେ ଚରିତ୍ରହୀନ ନୁହେଁ

କିଏ କହିଲା
ବେଶ୍ୟା ଚରିତ୍ରହୀନ ?
କେବଳ ତା'ର ପେଶାକୁ ଦେଖି
ତା'ର ଚରିତ୍ରର ରାୟ ଲେଖିଦେବା,
ଏତେ ସହଜ କି ମଣିଷର ମନକୁ
ବୁଝିବା ?
ହଁ, ସେ ତା'ର ଦେହକୁ ବଜାରରେ
ରଖେ,
କିନ୍ତୁ ତା'ର ଆତ୍ମାକୁ କିଏ ମାପିଛି ?
ତା'ର ଆଖିରେ ଲୁଚିଥିବା ଲୁହକୁ
କେବେ କିଏ ପଢ଼ିଛି ?
ତା'ର ନିରବତା ପଛରେ
କେତେ ଅଭାବ, କେତେ ଅନିଚ୍ଛା,
କେତେ ଭଙ୍ଗା ସପ୍ନ
ଏବଂ କେତେ ନିରୁପାୟତା ଅଛି
ସେ ପ୍ରଶ୍ନ କେବେ କରିଛି ଏହି ସମାଜ ?
ଯେଉଁ ସମାଜ
ତା'କୁ ଆଙ୍ଗୁଠି ଦେଖାଏ,
ସେହି ସମାଜର କିଛି ମୁହଁ
ରାତିର ଅନ୍ଧାରରେ
ତା'ର ଦୁଆର ଖୋଜେ ।
ଦିନରେ ତା'କୁ
'ଅପବିତ୍ର' କହୁଥିବା ମଣିଷ
ରାତିରେ ତା'ର ଦେହର
ମୂଲ୍ୟ ଧାର୍ଯ୍ୟ କରେ
ଏ କି ଚରିତ୍ରର ପବିତ୍ରତା ?
ସେ ଯଦି ବେଶ୍ୟା,
ତେବେ ତା'ର ଦୁଆରକୁ ଯାଉଥିବା
ସେହି ପୁରୁଷ କିଏ ?
ସେ ଯଦି ଚରିତ୍ରହୀନ,
ତେବେ ତା'ର ଦେହକୁ
କିଣୁଥିବା ମଣିଷର
ଚରିତ୍ରର ନାମ କ'ଣ ?
ଚରିତ୍ର କ'ଣ
ନାରୀର ଶରୀର ଉପରେ
ସମାଜର ଲଗାଇଦିଆ ଏକ ମୋହର ?
ନା ମଣିଷର ଚିନ୍ତା,
ବିବେକ ଓ ମାନବିକତାର
ଏକ ନିର୍ମଳ ପ୍ରତିଛବି ?
ଯିଏ ନିଜ ପରିବାରକୁ
ଭୋକରୁ ବଞ୍ଚାଇବା ପାଇଁ
ନିଜ ଜୀବନକୁ ବଳି ଦିଏ,
ତା'କୁ ତୁମେ ଚରିତ୍ରହୀନ କହିବ ?
ଆଉ ଯିଏ
ମିଥ୍ୟା କହି, ପ୍ରତାରଣା କରି,
ଅନ୍ୟର ଅଧିକାର ଛଡ଼ାଇ,
ନିଜ ସାର୍ଥ ପାଇଁ
ମଣିଷର ବିଶ୍ୱାସକୁ ହତ୍ୟା କରେ
ତା'କୁ କ'ଣ କହିବ ?

ଅରୁଣା ମିଶ୍ର
ଓଡ଼ିଆ ଅଧ୍ୟାପିକା
ବାଗବାହାଲୀ, ଖାରୀ

ଆସୁଅଛି ଦଶହରା

ଆଶ୍ୱିନ ମାସରେ ନଅ ଦିନ ଧରି
ଆସୁଅଛି ଦଶହରା
ଓଡିଶା ରାଜ୍ୟରେ ଶକ୍ତିପୀଠଠାରେ
ହୋଇବ କେତେ ଯାତରା (୧)
ଜାକଜମକରେ ପାଳନ ହୋଇବ
ବାଜୁଥିବ ନାନା ବାଜା
ଗାଆଁଠୁ ସହର ମହାଆଡ଼ମ୍ବରେ
ହୋଇଯିବ ଦୁର୍ଗାପୂଜା (୨)
ନାଟକ ଦେଖିବେ ଅନିଦ୍ରା ହୋଇକି
ବସି କରି ହେବେ ଠୁଳ
ରାତି ହୋଇଗଲେ ଗାଆଁ ଲୋକମାନେ
କହୁଥିବେ ଦେଖି ଚାଲ (୩)
ରୂପା ଥାଳି ପରି ଜହ୍ନ ଉଇଁଥିବ
ସଫା ଦିଶୁଥିବ ବାଟ
ଠେଙ୍ଗା ବାଡ଼ି ଧରି ରାତିରେ ଚାଲିବେ
ଦେଖିବା ପାଇଁକି ନାଟ (୪)
ଭକତି ମନରେ ଲୋକ ଭକ୍ତ ହୋଇ
କରିବେ ଦେବୀ ଦର୍ଶନ
ଦେବୀ ଦୁର୍ଗା ମାଆ ପାଣିରେ ପଡିବେ
ଶୁଣ ଏକାଦଶୀ ଦିନ (୫)

ଦଶରଥ ମାଝୀ
କୁରୁମାଚୁଆଁ, କଳାହାଣ୍ଡି
୮୨୪୯୨୧୨୪୭୨

ମୁଁ ପରା ସ୍କୁଲ୍ ଶିକ୍ଷକ କହୁଛି

ପାଠ ପଢେଇବା କାମସିନା ମୋର
ଅନ୍ୟାନ୍ୟ ଦାୟିତ୍ୱ ମୁଁ ନେଉଛି
ସରକାରଙ୍କର ଗେହ୍ଲାପୁଅ ମୁଁ ଯେ
ଜଞ୍ଜାଳେ ଘୋଷାରି ହେଉଛି
ମୁଁ ପରା ସ୍କୁଲ୍ ଶିକ୍ଷକ କହୁଛି ।।
ପ୍ରବେଶିକା ଦେଇ ପ୍ରଶିକ୍ଷଣ ନେଇ
ମାଷ୍ଟରଟିଏ ମୁଁ ହେଇଛି
ସିଟି ଫିଟି ସାରି ଆଠବର୍ଷ ପରେ
ନୌକରି ଖଣ୍ଡେ ମୁଁ ପାଇଛି
ମୁଁ ପରା ସ୍କୁଲ୍ ଶିକ୍ଷକ କହୁଛି ।।
ଶିକ୍ଷକ ନଥିଲି ଆରମ୍ଭରୁ ମୁହିଁ
ଶିକ୍ଷା ସହାୟକ ବି ହୋଇଛି
ଦିନଯାକ ଖଟି ମାସ ଶେଷକୁ ମୁଁ
ଦରମା ନ' ହଜାର ପାଉଛି
ମୁଁ ପରା ସ୍କୁଲ ଶିକ୍ଷକ କହୁଛି ।।
ନ' ହଜାରରେ ଛଅବର୍ଷ କାଳ
କାଟିବି କେମିତି ଭାବୁଛି
ଘରଭଡ଼ା ପୁଣି ଗାଡିର ତେଲକୁ
ଦରମା ନିଅଣ୍ଟ ହେଉଛି
ଅଳପ ଧନ ଓ ବିକଳ ମନରେ
ପାର୍ଟ୍ ଟାଇମ୍ ଜବ୍‌ଟେ ଖୋଜୁଛି
ମୁଁ ପରା ସ୍କୁଲ୍ ଶିକ୍ଷକ କହୁଛି ।।
ନ'ହଜାରରେ ନଅ ପ୍ରକାର କାମ
ସରକାର ମୋତେ ଦେଇଛି
ଗାଁ ଗଣ୍ଡାବୁଲି ନାଗରିକଙ୍କୁ ଖୋଜୁଛି
ଭୋଟର ଲିଷ୍ଟ ତିଆରି କରି ମୁଁ
ଘରେଘରେ ବୁଲି ବାଣ୍ଟୁଛି
ମୁଁ ପରା ସ୍କୁଲ ଶିକ୍ଷକ କହୁଛି ।।
ଶିକ୍ଷକଟେ ହୋଇ ଯାହା ମୁଁ କରୁଛି
ସେକଥା ଏକା ମୁଁ ଜାଣିଛି
ପିଅନ କାମବି ଖୁସିରେ କରଇ
ବାଡି ବଗିଚାରେ ଖଟୁଛି
ଆତ୍ମ ସମ୍ମାନକୁ ଜଳାଞ୍ଜଳି ଦେଇ
ନାନାଦି କାମ ମୁଁ କରୁଛି
ପଇସା ଖିଆ ମାଷ୍ଟ୍ରେ ବୋଲି
ଲୋକେ କୁହାକୁହି ହୁଅନ୍ତି
ମୁଁ ପରା ସ୍କୁଲ ଶିକ୍ଷକ କହୁଛି ।।
ଖରା ବରଷାରେ ଘରଘର ବୁଲି
ଜନ ଗଣନା ମୁଁ କରୁଛି
ଭାରତବର୍ଷର ଶ୍ରେଷ୍ଠ ସରକାର
ଆଖିରେ କଳାପଟି ବାନ୍ଧିଛି
ସାକ୍ଷରତା ହାର ଧ୍ୱଜା ସେ ଉଡାଏ
ସେହି ସାକ୍ଷରଙ୍କୁ ମୁଁ ଗଢୁଛି
ତଥାପି ଦୁଃଖରେ ମୁଁ ରହୁଛି
ମୁଁ ପରା ସ୍କୁଲ୍ ଶିକ୍ଷକ କହୁଛି ।।
ସରକାର ପଛେ ନବୁଝୁ ମୋ କଥା
ଶିକ୍ଷାର ସେତୁ ମୁଁ ଯୋଡୁଛି
ସେତିକିରେ କଣ ସରୁଛି
ସ୍କୁଲ୍ ବହି ଛାଡି ଆଣ୍ଠେଇ ପେଟେଇ
ଅନ୍ୟାନ୍ୟ ପରୀକ୍ଷା ମୁଁ ଦେଉଛି
କିଏ ବା ମୋକଥା ଶୁଣୁଛି
ମୁଁ ପରା ହତଭାଗା ସ୍କୁଲ
ଶିକ୍ଷକଟେ କହୁଛି ।।

ପ୍ରଶାନ୍ତ କୁମାର ନାୟକ
ଭୁବନେଶ୍ୱର
୮୨୪୯୬୫୦୪୧୪

ନମଃ ନମଃ ଦେବଶିଳ୍ପୀ

ଆସ ଦେବଶିଳ୍ପୀ ପ୍ରଭୁ ଚତୁର୍ଭୁଜ
ଆସ ପ୍ରଭୁ ପ୍ରଭୁଧାମ
ତୁମ ଆଗମନେ ମଣ୍ଡପ ତୋରଣ
ଦିଶେ ବଡ ଶୋଭାବନ ।
କନ୍ୟା ସଂକରାନ୍ତି ଶୁଭ ମୁହୂର୍ତ୍ତରେ
ଆସ ପ୍ରଭୁ ଅବତରି
ବଟାଳି ମାର୍ତ୍ତୁଳ ପବିତ୍ର ପୁସ୍ତକ
କମଣ୍ଡଳୁ ହସ୍ତେ ଧରି ।
ଶିଳ୍ପୀ ଜଗତର ଆରାଧ୍ୟ ଦେବତା
ସକଳ ଶିଳ୍ପର ସ୍ରଷ୍ଟା
ଦେବଲୋକ ଯନ୍ତ୍ରୀ ସୁଦକ୍ଷ ବିଦ୍ୟାଣୀ
ନବ ନିର୍ମାଣର ଦ୍ରଷ୍ଟା ।
ସରଗପୁରୀର ଅମରାବତୀ ଯେ
ତୁମ ଶ୍ରେଷ୍ଠ କାରିଗରୀ
ସୁବର୍ଣ୍ଣ ଲଂକାର ସୁରମ୍ୟ ପ୍ରାସାଦ
କିଏ ହେବ ତା'ର ସରି ।
ଦେବାଦେବୀଂକର ଯାତାୟାତ ଯାନ
ପ୍ରତିରକ୍ଷା ଅସ୍ତ୍ରଶସ୍ତ୍ର
ଦ୍ୱାରକା ଭୁବନ ପ୍ରଭୁ ଜଗନ୍ନାଥ
ତୁମରି କଳ୍ପନା ମାତ୍ର ।
ଭବ୍ୟ ଇନ୍ଦ୍ରପ୍ରସ୍ଥ ବ୍ରହ୍ମାଙ୍କ ଭବନ
ସବୁ ତୁମରି ସର୍ଜନା
ଲିପିବଦ୍ଧ ତୁମ କଳା ଓ ସୁରଭି
ଅତୁଳନୀୟ ଉପମା ।
କୃଷ୍ଣଙ୍କ ନିର୍ଦ୍ଦେଶେ ସଖା ସୁଦାମାଙ୍କ
ନଅର ତୋଳିଲ ଯାଇଁ
ଚଉଦିଗ ଆଜି ଚଳ ଓ ଚଞ୍ଚଳ
ତୁମ ଆଗମନ ପାଇଁ ।

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର
୭୩୫୫୬୩୪୩୪୬

ଚନ୍ଦ୍ରମୁଖୀ

ଝରିଯାଏ ମୃଦୁ ମଧୁର ଜ୍ୟୋସ୍ନା ରୁପେଲି
ନୀଳ ନଭରୁ,
ଲାଜେ ଲାଜେ ଚାହେଁ ଚପଳ ବିଳାସୀ
ଚନ୍ଦ୍ରାଲୋକରେ ଦୂରୁ ।
ବିଜନ ବେଳାର ସ୍ମୃତି ସବୁଆଜି କ୍ଷଣକେ
ମହକି ଯାଏ,
ନୀରବେ ନିଶିଥେ ତୁମରି ସୁରଭି ଝଙ୍କୃତ
ହେଉଥାଏ ।
ନେତ୍ରର ନୀଳିମା ବୁକୁରେ ଗୋପନେ
ଗୁନ୍ଥିଛ ପ୍ରେମର ହାର,
ଅନୁରାଗ ରଙ୍ଗେ ରଞ୍ଜିତ ପ୍ରୀତି ଲାବଣ୍ୟ
ଲହରୀ ଧାର ।
ତୁମେ ମୋର ଚାରୁ ଚନ୍ଦ୍ରମୁଖୀ ଗୋ ଶାନ୍ତ
ଶଶୀର କାନ୍ତି,
ମନର ବିଜନ ବନେ ଭରିଦିଅ ନନ୍ଦନ
ବନର ଶାନ୍ତି ।
ଆଖିରେ ଆଖିଏ ଅନୁରାଗ ଭରି ରଖିଛି
ତୁମରି ପାଇଁ,
ହୃଦୟର ପ୍ରତି ସ୍ପନ୍ଦନ ଖାଲି ତୁମ ନାମ
ଦିଏ କହି ।

ଡ. ଶୁଭେନ୍ଦୁ ମେହେର
ଯାଲୋଏ, ସୁବର୍ଣ୍ଣପୁର
୯୯୩୮୪୩୩୬୬୪

ମାଟିର ବନ୍ଧନ

ଏ ମାଟିରେ ମୋର ହୋଇଛି ଭୂମିଷ୍ଠ
ଏ ମାଟି ଜନନୀ ମୋର.....
ଏ ମାଟି ମହାନ କରୁଛି ବନ୍ଦନ
ଏ ମାଟି ପ୍ରାଣ ଆଧାର..... !!
ଏ ମାଟିରେ ବାଲ୍ୟ କୈଶୋର ଯୌବନ
କଟିଛି ବାର୍ଦ୍ଧକ୍ୟ ମୋର.....
ଜନମ ଏଇଠି ମରଣ ଏଇଠି
ଏଇତ ସରଗ ପୁର..... !!
ଏମାଟିରେ ଗଢି କୁଡିଆ ଖଣ୍ଡିକ
ମୁଣ୍ଡ ଗୁଞ୍ଜିଅଛି ମୁହିଁ....
ଏ ମାଟି କର୍ଷଣେ ଉପୁଜାଇ ଶସ୍ୟ
ପେଟ ପାଲୁଅଛି ତହିଁ..... !!
ଏ ମାଟି ରେ ଅଛି ପାଣି ଓ ପବନ
ଜୀବନ ଧାରଣ ପାଇଁ.....
ଏ ମାଟି ମହତ୍ତ୍ୱ କି ଗୁଣ ଗାଇବି
ବର୍ଣ୍ଣିବାକୁ ଭାଷା ନାହିଁ..... !!
ଏ ମାଟିରେ ଅଛି ସବୁଜ ବନାନୀ
ନଭଶ୍ଚୁମ୍ବି ପରବତ.....
କୁଳୁକୁଳୁ ନାଦେ ବହୁଛି ନିର୍ଝର
ଚିରସ୍ରୋତା ଯେ ସରିତ..... !!
ଏ ମାଟିକୁ ମେଘ ଚୁମ୍ବେ ବାରଂବାର
ଶୀତ ଗ୍ରୀଷ୍ମର ଋତୁ....
ସୂର୍ଯ୍ୟ ଚନ୍ଦ୍ର ତାରା ଦିଅନ୍ତି ଦର୍ଶନ
ଏ ମାଟି ବନ୍ଧନ ହେତୁ..... !!
ଜନମ ମରଣ ବନ୍ଧନ ଏ ମାଟି
ଏ ମାଟି ପାଇଁ ଶହୀଦ.....
ହୋଇଛନ୍ତି କେତେ ବୀର ଯୋଦ୍ଧା ଗଣ
ସର୍ଣ୍ଣାକ୍ଷରେ ଲିପିବଦ୍ଧ..... !!

କେଶବ ଚନ୍ଦ୍ର ନାୟକ
ମାଲକାନଗିରି

ରାଧାଷ୍ଟମୀ ଆଉ ଉତ୍କଳ ସଂସ୍କୃତି

ଭାଦ୍ରବ ଶୁକ୍ଳ ଅଷ୍ଟମୀ ତିଥିରେ, ଧରା
ଅଭିଷିକ୍ତ ହେଲା,
ବ୍ରଜରାଜ-ତନୟା ପ୍ରେମ-ସରୂପିଣୀ,
ରାଧିକା ଆବିର୍ଭାବିଲା ।

'ରାଧେ ରାଧେ' ଗାଏ ଉତ୍କଳ ମୃତ୍ତିକା,
ହରିନାମ ସଂକୀର୍ତ୍ତନେ,
ଆହ୍ଲାଦିନୀ ଶକ୍ତି ରୂପେ ବିରାଜିତ,
ଜଗନ୍ନାଥ ଶ୍ରୀଚରଣେ ?

ଶ୍ରୀକ୍ଷେତ୍ର ଧାମରେ ଦାରୁବ୍ରହ୍ମ ସଙ୍ଗେ,
ତୁମେ ଅଭିନ୍ନ ଯେ ତତ୍ତ୍ୱ,
'ଗୀତଗୋବିନ୍ଦେ' କବି ଜୟଦେବ,
ଗାଆନ୍ତି ତବ ମହତ୍ତ୍ୱ ।

କାର୍ତ୍ତିକ ମାସେ ରାଧା-ଦାମୋଦର,
ବେଶେ ପ୍ରଭୁ ମନ୍ଦହାସେ,
ତୁମରି ଭକ୍ତିର ଅମୃତ ସୁରଭି, ଉତ୍କଳ
ପ୍ରାଣେ ପ୍ରକାଶେ ?

ମଠ-ମନ୍ଦିରେ ଦୀପାବଳି ଶୋଭା,
କାଂସ୍ୟ-ମୃଦଙ୍ଗର ତାଳ,
ଦୂର୍ବାଷ୍ଟମୀର ବ୍ରତେ ପୂଣ୍ୟବତୀ, ବାନ୍ଧନ୍ତି
ସ୍ନେହ-ଅଞ୍ଚଳ ।

ତାଳ ନବମୀର ନୈବେଦ୍ୟ ସମ୍ଭାର,
ସଂସ୍କୃତି କରେ ଉଦ୍ଭାସିତ,
କବିସୂର୍ଯ୍ୟଙ୍କ ଚମ୍ପୂ ସଙ୍ଗୀତରେ,
ପ୍ରକୃତି ସୁଆନ୍ଦୋଳିତ ?

ତନୁଜ କୁମାର ମଲଣା

ଚିଲିକା

ଉତ୍କଳର ବୁକୁରେ ତୁ
ସୌନ୍ଦର୍ଯ୍ୟର ଗନ୍ତାଘର
ହରୁଅଛୁ ଧ୍ୟାନ ଦେଶ ବିଦେଶର,
ତୁ ଏକ ବୃହତ ଲବଣାକ୍ତ ହ୍ରଦ
ଏସିଆ ମହାଦେଶର ।।

ତୋ ଶରୀରେ ଶୋଭାପାଏ
କେତେ ଦ୍ୱୀପ ଖଣ୍ଡ
ମାଲୁଦ , ବାଲୁଦ ପୁଣି
କାଳିଜାଇ ସାନକୁଦ,
ଭାଲେରି ପର୍ବତେ ଯେବେ
ରବି ଅସ୍ତ ଯା'ନ୍ତି
ତୋର ନୀଳ ଜଳରାଶି
ଲାଲିମାରେ ଶୋଭନ୍ତି ।।

ଜାତି ପ୍ରଜାତିର କେତେଯେ ବିହଙ୍ଗ
ବକ୍ଷେ ତୋର ଭାସନ୍ତି
ସେଥିପାଇଁ କାଳେ ତୋତେ
ପକ୍ଷୀ ଅଭୟାରଣ୍ୟ କହନ୍ତି ।।

ମୋ କଳ୍ପନାଠୁ ବେଶୀ ତୋର
ସୌନ୍ଦର୍ଯ୍ୟ ରାଜିର ଗାଥା ,
ଦେଖିଦେଲେ ବାରେ ତୋ କମନୀୟ ରୂପକୁ
ହରିନେଉ ମନର ଯେତେ ବ୍ୟଥା ।।

ପ୍ରଶାନ୍ତ କୁମାର ନାୟକ
ଭୁବନେଶ୍ୱର

ଅସଜଡ଼ା

ଅସଜଡା ଜୀବନକୁ
ସଜାଡି ସଜାଡି
ବୟସର ଅପରାହ୍ନରେ ପହଞ୍ଚିଲିଣି ,
କେତେ
ସପ୍ନ ସବୁ ଲୁଚି ପଡୁଛନ୍ତି
ଆଶ୍ ?ନୀର କୁହୁଡି ଭିତରେ
କେତେ ଶିଶିର ବିନ୍ଦୁ
ପୁଣି ଚମକି ଉଠୁଛନ୍ତି
ଆଶାର ଆଲୋକରେ ।।
ଭାଙ୍ଗି ଗଲେ ହୃଦୟର କୋହରେ
ଜଖମ ଭରିହୁଏ
ବାଲିଘର,ତାସଘର
କେତେ ଉଦାହରଣ ଦେଇ ମନକୁ
ବୁଝାଏ
ବେସୁରିଆ ମନ ବି ମାନିଯାଏ,
ଠିକ୍ ହୋଇଯିବ
ସମୟ ଆସିବ,
ଜିଇଁଠିବ ହସ ଖେଳିବ
ମଲା ଜହ୍ନ ଆକାଶରେ ।।
ଉଡାଣ ଭରିବାକୁ ମନକରୁଥିବା
ଛିନ୍ନ ବିଚ୍ଛିନ୍ନ ହେଇଥିବା
ପୁରୁଣା ସନ୍ତକସବୁ
ଆଖି ଖୋଲିଲେଣି
ଗଜାମୁଗ ପରି ମୁଣ୍ଡତ ଟୁଙ୍ଗାରି
ଜୀବନ ସଂଚାରିବାକୁ ,
ପୁଣି ବାନ୍ଧିହେବାକୁ
ସଜେଇ କେତେ ରକମେ
ପ୍ରେମ ସହ,ସ୍ନେହ ଭରି
ଆପଣାଙ୍କ ଭିତରେ ।।

ଡିସମ୍ବର ମେହେର
ଗଣ୍ଡାବାହାଲି, ନୂଆପଡା
୭୮୯୪୭୮୮୧୩୫

ପ୍ରଶ୍ନଟିଏ ଈଶ୍ୱରଙ୍କୁ

ଏହି ଜୀବନର ଭଲମନ୍ଦ ପ୍ରଭୁ
ତୁମକୁ ତ ପ୍ରଭୁ ଜଣା
ତୁମେ କହିପାର ନିର୍ଭୁଲ ଭାବରେ
କାହିଁକି ମୁଁ ବାଟବଣା ?

ସତକଥା ଯାହା ଜାଣିଅଛି ମୁହିଁ
ସେକଥା କହିବି ନାହିଁ
କାହିଁକି କହିବି କେହି ଶୁଣିବେନି
ରହିବେ ମୋ ମୁହଁ ଚାହିଁ
ପରତେ ବିଶ୍ୱାସ କରିବେନି ମୋତେ
ଅମଣିଷେ ମୁହିଁ ଗଣା ।

ତୁମେ ଅନ୍ତର୍ଯ୍ୟାମୀ ନିଶ୍ଚେ ଜାଣିଥିବ
ମୋ ଜୀବନ ସୁଖଦୁଃଖ
ମୋ ମନ ଅବସ୍ଥା ବୁଝିପାରିବ ହେ
ଚାହିଁଦେଲେ ମୋର ମୁଖ
ତୁମ ମୋ ଭିତରେ ବିବାଦ ତ ନାହିଁ
ନାହିଁ ଭୁଲ ବୁଝାମଣା ।

ମୋ ଜୀବନେ ଯେଉଁ ଘଟଣା ଘଟିଛି
ତୁମେ ତା'ର ମୁକସାକ୍ଷୀ
ଯେଉଁ ପରିବେଶ ପରିସ୍ଥିତି ଥିଲା
ତାହା ନୁହେଁ ମନଲାଖି
ସେହି ଅବସ୍ଥାର ମୁକାବିଲା କରି
ପେଲିଅଛି ମୁହିଁ ଘଣା ।

ମୁଁ ଦେଖୁଛି ଲୋକେ ମନ୍ଦକର୍ମ କରି
ଭଲରେ ଅଛନ୍ତି ପରା
ଖରାପ କର୍ମ ମୁଁ ସେମିତି କରିନି
ଆଜି କିନ୍ତୁ ସର୍ବହରା
ଲୋକେ କହୁଛନ୍ତି ପ୍ରାରବ୍ଧ ଭୋଗୁଛି
ଶେଷରେ ଖାଇବି ହଣା ।

ସଭିଏଁ କହନ୍ତି ତୁମେ ଦୟାମୟ
ଝରାଅ କରୁଣା ଝର
ସେତେବେଳେ କିଛି କରି ପାରିଲନି
ଏବେ ହେଲେ କିଛି କର
ନିରବ ହୋଇଲେ ନିଶ୍ଚୟ ହୋଇବ
ପ୍ରଭୁ ମୋର ମନ ଉଣା ।

ନିରଞ୍ଜନ ସାହୁ
ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ, ୯୯୩୮୭୪୧୫୮୩

ମନ ମୋର ଭାରି ବାଧେ

ଲୁହ ଆଞ୍ଜୁଳାରେ ତୁମ ଛବି ଦେଖେ
ମନ ମୋର ଭାରି ବାଧେ
ସେଇଦିନୁ ଛାଡ଼ି ରହିଗଲ କେଣେ
ପ୍ରାଣ ମୋର ଅଛି ଅଧେ
ମନ ମୋର ଭାରି ବାଧେ..... । ୦ ।

ତୁଟା ସପନକୁ ରାତି ମୋର ସରେ
ଦୁଃଖ ହୁଏନାହିଁ ସୁଖ
ଫିଟା କବାଟଟା ଖୋଲିଯାଏ ଫାଳେ
ଦିଶୁନାହିଁ ତୁମ ମୁଖ
ଏତେ ଦିନ ପରେ ଭାବ ଅଭାବକୁ
ରହିଗଲା କିଛି ବୋଧେ
ମନ ମୋର ଭାରି ବାଧେ..... । ୧ ।

ଖବରଟେ ହେଲେ ଦେଇଥାନ

ଅକ୍ଷର
AKHYARA ODISHA ଓଡ଼ିଶା

ଆଟଲାଣ୍ଟିକ ମହାସାଗର ଉପରେ ବିମାନ ନିଖୋଜ, ଆସିଲା ପାଇଲଟ୍‌ଙ୍କ ଶେଷ କଲ୍



ନୂଆଦିଲ୍ଲୀ : ଆଟଲାଣ୍ଟିକ ମହାସାଗର ଉପରେ ଉଡ଼ାଣ ଭରୁଥିବା ଏକ ବିମାନ ନିଖୋଜ ହୋଇଯାଇଛି, ଯାହା ଏକ ମେଡିକାଲ ଜେଟ ଅର୍ଥାତ ଏୟାର ଆମ୍ବୁଲାନ୍ସ ଅଟେ। ଏଥିରେ ୬ ଜଣ ଲୋକ ଯାତ୍ରା କରୁଥିଲେ, ଯେଉଁମାନେ ବୋଷ୍ଟନ ଯାଉଥିଲେ। ବିମାନର ଭଗ୍ନାଂଶ ମିଳିଥିବା ନେଇ ଖବର ମଧ୍ୟ ଆସୁଛି, ମାତ୍ର ଏପର୍ଯ୍ୟନ୍ତ ଏହାର କୌଣସି ଆନୁଷାନିକ ପୁଷ୍ଟି ହୋଇନାହିଁ। ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (FAA) ବିମାନଟି ରାଡାରରୁ ଅଦୃଶ୍ୟ ହେବାର ଖବର ପାଇବା କ୍ଷଣି ସତର୍କ ସୂଚନା (ଆଲର୍ଟ) ଜାରି କରିଥିଲା। ଏହା ପରେ ଆମେରିକୀୟ ତଟରକ୍ଷୀ ବାହିନୀ (US Coast Guard) ନିଜର ଅନୁସନ୍ଧାନକାରୀ ବିମାନ ଏବଂ ସାମୁଦ୍ରିକ ଜାହାଜଗୁଡ଼ିକୁ ମହାସାଗରରେ ନିୟୋଜିତ କରିଛନ୍ତି। ତଟରକ୍ଷୀ ବାହିନୀ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ସେମାନେ ନାନଟକେଟ (Nantucket) ର ଦକ୍ଷିଣ ଦିଗରେ ସମୁଦ୍ର ପାଣିରେ ଭଗ୍ନାଂଶ ଦେଖିବାକୁ ପାଇଛନ୍ତି, କିନ୍ତୁ ଏହା କାହାର ସେନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ ଅନୁଯାୟୀ, ରାତି ପ୍ରାୟ ୧:୨୦ ସମୟରେ ଆଲର୍ଟ ଜାରି କରାଯାଇଥିଲା। ନିଖୋଜ ହୋଇଥିବା ବିମାନଟି କାନାଡ଼ାରେ ପଞ୍ଜୀକୃତ ଏକ 'ଗଲ୍‌ଫଷ୍ଟ୍ରିମ ଏ୧୦୦' ଜେଟ ଥିଲା, ଯାହାକୁ 'ଲ୍ୟାଟିଚ୍ୟୁଡ ଏୟାର ଆମ୍ବୁଲାନ୍ସ' ପରିଚାଳନା କରୁଥିଲା। ଏହି ବିମାନଟି ୬ ଜଣ ଯାତ୍ରୀଙ୍କୁ ନେଇ ଶନିବାର ସ୍ଥାନୀୟ ସମୟ ରାତି ପ୍ରାୟ ୧୨:୪୧ ରେ ବର୍ମୁଡାର ଏଲ.ଏଫ. ୱାଡେ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଭରିଥିଲା ଏବଂ ବୋଷ୍ଟନ ଲୋଗାନ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିବାର ଥିଲା। କିନ୍ତୁ ଅବତରଣ ପୂର୍ବରୁ ଆଟଲାଣ୍ଟିକ ମହାସାଗର ଉପରେ ଏୟାର ଟ୍ରାଫିକ କଣ୍ଟ୍ରୋଲ ସହିତ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା ଏବଂ ଦେଖୁଦେଖୁ ବିମାନଟି ଏଟିସିର ରାଡାରରୁ ଅଦୃଶ୍ୟ ହୋଇଯାଇଥିଲା। ନିକଟବର୍ତ୍ତୀ ନାନଟକେଟ ଠାରୁ ପ୍ରାୟ ୮୦ ମାଇଲ ଦକ୍ଷିଣରେ ବିମାନଟି ନିଖୋଜ ହୋଇଯାଇଥିଲା ଏବଂ ରାଡାରରୁ ମଧ୍ୟ ଅପସାରିତ ହୋଇଯାଇଥିଲା। ପାଇଲଟଙ୍କ ସହ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିନଥିଲା।

ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ ଅନୁଯାୟୀ, ଏୟାର ଟ୍ରାଫିକ କଣ୍ଟ୍ରୋଲ ୟୁନିଟ ଏବଂ ପାଇଲଟଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପର ଅଡିଓ ସାମ୍ନାକୁ ଆସିଛି। ସେହି ଅନୁଯାୟୀ, ପାଇଲଟ ବିମାନରେ ଥିବା ଯାନ୍ତ୍ରିକ ତ୍ରୁଟି ବିଷୟରେ ଜଣାଇଥିଲେ ଏବଂ ଜରୁରୀକାଳୀନ ଅବତରଣ (ଇମର୍ଜେନ୍ସି ଲ୍ୟାଣ୍ଡିଂ) ପାଇଁ କହିଥିଲେ। ରେକର୍ଡିଂ ଅନୁଯାୟୀ, ଏଟିସି କଣ୍ଟ୍ରୋଲର ପାଇଲଟଙ୍କୁ ପଚାରିଥିଲେ ''ଆପଣ କହିଛନ୍ତି କି ଆପଣ କୌଣସି ଭିଜୁଆଲ କିମ୍ବା ଉପକରଣ ବିନା ଆସୁଛନ୍ତି ? ଆପଣ ପ୍ରକୃତରେ ଏହା ହିଁ କହିଛନ୍ତି କି ?'' ପାଇଲଟଙ୍କ ଉତ୍ତର ସ୍ପଷ୍ଟ ଭାବେ ଶୁଣାଯାଇନଥିବାରୁ କଣ୍ଟ୍ରୋଲର ପୁଣି ପଚାରିଥିଲେ ଯେ କ୍ରୁ ସଦସ୍ୟମାନେ କୌଣସି ଜରୁରୀ ପରିସ୍ଥିତି ଘୋଷଣା କରିଛନ୍ତି କି ? କିନ୍ତୁ କୌଣସି ଉତ୍ତର ଆସିବା ପୂର୍ବରୁ ହିଁ ବିମାନର ସମ୍ପର୍କ ରାଡାର ଏବଂ ରେଡିଓ ଉଭୟରୁ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଯାଇଥିଲା।

ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ ଅନୁଯାୟୀ, ବିମାନରେ ୨ ଜଣ ପାଇଲଟ, ୨ ଜଣ ମେଡିକାଲ କର୍ମଚାରୀ ଏବଂ ୨ ଜଣ ରୋଗୀଙ୍କୁ ମିଶାଇ ସମୁଦାୟ ୬ ଜଣ ଲୋକ ସବାର ଥିଲେ। କିନ୍ତୁ ଏଟିସି ସହିତ ସମ୍ପର୍କ ବିଚ୍ଛିନ୍ନ ହେବା ପୂର୍ବରୁ ପାଇଲଟ ବିମାନର ବିଦ୍ୟୁତ ବ୍ୟବସ୍ଥା ଠପ ହୋଇଯିବା ଏବଂ ବୈଷୟିକ ତ୍ରୁଟି ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପର୍କ ବିଚ୍ଛିନ୍ନ ହେବା ପୂର୍ବରୁ ବିମାନଟି ୨୪,୦୦୦ ଫୁଟ ଉଚ୍ଚତାରେ ଉଡୁଥିଲା। କିନ୍ତୁ ମାତ୍ର ୨ ମିନିଟ ମଧ୍ୟରେ ହିଁ ବିମାନଟି ଦ୍ରୁତ ଗତିରେ ପ୍ରାୟ ୧୩,୦୦୦ ଫୁଟ ତଳକୁ ଖସି ଆସିଥିଲା। ଏହା ପରେ ମାସାଚୁସେଟ୍‌ସ ଉପକୂଳ

ବାର ବର୍ଷର 'ମନ୍ କି ବାତ୍'



ପ୍ରଧାନମନ୍ତ୍ରୀଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ' ଆଜି ବାର ବର୍ଷର ଯାତ୍ରା ପୂରଣ କରିଛି। ୨୦୧୪ ମସିହାରେ ବିଜୟାଦଶମୀ ଅବସରରେ ଏହି କାର୍ଯ୍ୟକ୍ରମରେ ଏହି କାର୍ଯ୍ୟକ୍ରମର ପ୍ରଥମ ପ୍ରସାରଣ ହୋଇଥିଲା ଏବଂ ଦୀର୍ଘ ବାର ବର୍ଷର ଯାତ୍ରା ମଧ୍ୟରେ ଏହା ଦେଶର ଜନଜୀବନ, ସାମାଜିକ ପରିବର୍ତ୍ତନ, ସୃଜନଶୀଳତା, ସେବା ଓ ସାଧାରଣ ଲୋକଙ୍କ ସଫଳତାକୁ ଆଲୋକିତ କରିବାର ଏକ ମଞ୍ଚ ଭାବରେ ନିଜର ସ୍ଥାନ ସୃଷ୍ଟି କରିଛି। ସମ୍ପ୍ରତି ଏହାର ୧୩୮ତମ ପର୍ବ ପ୍ରସାରିତ ହୋଇଛି। ଅର୍ଥାତ୍ ଗୋଟିଏ ମାସିକ କାର୍ଯ୍ୟକ୍ରମ ଭାବେ ଆରମ୍ଭ ହୋଇଥିବା ଏହି ଧାରା ଏକ ଦଶନ୍ଧିରୁ ଅଧିକ ସମୟ ଧରି ନିରନ୍ତର ଭାବେ ଜାରି ରହିଛି। ରେଡିଓ ମାଧ୍ୟମରେ ଦେଶର ନାଗରିକଙ୍କ ସହ ଯୋଗାଯୋଗର ଏହି ପ୍ରୟାସର ବିଶେଷତା ହେଉଛି, ଏଥିରେ କେବଳ ଶାସନ କିମ୍ବା ସରକାରୀ କାର୍ଯ୍ୟକଳାପର ଆଲୋଚନା ନୁହେଁ ବରଂ ଦେଶର ବିଭିନ୍ନ କୋଣରେ ନିଜ ନିଜ କ୍ଷେତ୍ରରେ ପରିବର୍ତ୍ତନ ଆଣୁଥିବା ସାଧାରଣ ଲୋକଙ୍କ ପ୍ରେରଣାଦାୟକ କାହାଣୀକୁ ସାମ୍ନାକୁ ଆଣିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ବାର ବର୍ଷର ଏହି ଯାତ୍ରାକୁ ଦେଖିଲେ ଏକ କଥା ସ୍ପଷ୍ଟ ହୁଏ ଯେ ଭାରତ ଭଳି ବିଶାଳ ଓ ବିବିଧତାପୂର୍ଣ୍ଣ ଦେଶରେ ରେଡିଓ ଏବେ ମଧ୍ୟ ଲୋକଙ୍କ ନିକଟରେ ଭାବନା, ସୂଚନା ଓ ପ୍ରେରଣା ପହଂଚାଇବାର ଏକ ପ୍ରଭାବଶାଳୀ ମାଧ୍ୟମ ଭାବେ ରହିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଦେଶର ବିଭିନ୍ନ ସ୍ଥାନରେ ଘଟୁଥିବା ସକାରାତ୍ମକ ପରିବର୍ତ୍ତନର ଉଦାହରଣଗୁଡିକୁ ଦେଶବାସୀଙ୍କ ସାମ୍ନାରେ ରଖିଆସିଛନ୍ତି। ଶିକ୍ଷା କ୍ଷେତ୍ରରେ ନୂଆ ପ୍ରୟାସ, ସ୍ୱାସ୍ଥ୍ୟସେବାରେ ମାନବିକ ଉଦ୍ୟମ, ପରିବେଶ ସୁରକ୍ଷାରେ ଲୋକଙ୍କ ଭୂମିକା, ନୂତନ ଚିନ୍ତାଧାରା ଓ ନବସୃଜନ, ସାମାଜିକ ସେବାରେ ବ୍ୟକ୍ତି ଓ ସଙ୍ଗଠନର ପ୍ରୟାସ ଭଳି ବିଭିନ୍ନ ବିଷୟ ଏହି କାର୍ଯ୍ୟକ୍ରମରେ ସ୍ଥାନ ପାଇଛି। ଏହାର ଅର୍ଥ ହେଉଛି, ଦେଶର ଉନ୍ନତିକୁ କେବଳ ବଡ ପ୍ରକଳ୍ପ, ବଡ ଅର୍ଥନୈତିକ ଘୋଷଣା କିମ୍ବା ସରକାରୀ ଯୋଜନାର ସୀମାରେ ଦେଖିବା ପରିବର୍ତେ ଛୋଟ ଛୋଟ ଉଦ୍ୟମ, ବ୍ୟକ୍ତିଗତ ସଫଳତା, ସାମାଜିକ ଦାୟିତ୍ୱ ଓ ସାମୂହିକ ପ୍ରଚେଷ୍ଟାର ଆଇନାରେ ମଧ୍ୟ ଦେଖିବାର ଏକ ଦୃଷ୍ଟିକୋଣ ଏଠାରେ ଦେଖାଯାଇଛି। ଦେଶର କୌଣସି ଏକ ପ୍ରାନ୍ତରେ ଜଣେ ଶିକ୍ଷକଙ୍କ ପ୍ରୟାସ, କୌଣସି ଅଂଚଳରେ ଜଣେ ସାମାଜିକ କର୍ମୀଙ୍କ ସେବା, କୌଣସି ଗାଁରେ ପରିବେଶ ସୁରକ୍ଷା ପାଇଁ ଲୋକଙ୍କ ଉଦ୍ୟମ କିମ୍ବା କୌଣସି ଯୁବକଙ୍କ ନୂତନ ଚିନ୍ତା ଯେତବଳେ ଜାତୀୟ ସ୍ତରର ଏକ ମଞ୍ଚରେ ଆଲୋଚିତ ହୁଏ, ସେତବଳେ ସ୍ଥାନୀୟ ପ୍ରୟାସର ଗୁରୁତ୍ୱ ଅଧିକ ଦୃଶ୍ୟମାନ ହୋଇଥାଏ।

'ମନ କି ବାତ'ର ବାର ବର୍ଷର ଯାତ୍ରାର ଏହି ଦିଗଟି ବିଶେଷ ଭାବେ ଉଲ୍ଲେଖନୀୟ। କାରଣ ଦେଶର ପରିବର୍ତ୍ତନର କାହାଣୀ କେବଳ ରାଜଧାନୀ କିମ୍ବା ବଡ଼ ସହରରେ ଲେଖାଯାଉନାହିଁ, ଦେଶର ଗାଁ, ସହର, ପାହାଡ଼, ସମୁଦ୍ରତଟ ଓ ବିଭିନ୍ନ ଅଂଚଳରେ ନିଜ ନିଜ ସାମର୍ଥ୍ୟ ଅନୁଯାୟୀ ଲୋକମନେ ମଧ୍ୟ ନିଜ ଭୂମିକା ନିଭାଉଛନ୍ତି। ଏହି ମାସିକ କାର୍ଯ୍ୟକ୍ରମ ସେହି ପ୍ରୟାସଗୁଡିକୁ ଜାତୀୟ ଆଲୋଚନାର ଅଂଶ କରିବାର ଅବସର ଦେଇଛି। ଶିକ୍ଷା କଥା ଆସିଲେ କେବଳ ପାଠପଢା ନୁହେଁ, ଶିକ୍ଷାକୁ ସାମାଜିକ ପରିବର୍ତ୍ତନର ମାଧ୍ୟମ ଭାବେ ଦେଖିବାର ପ୍ରୟାସ ମଧ୍ୟ ଏଥିରେ ଉଲ୍ଲେଖଯୋଗ୍ୟ ହୋଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ସେବାଭାବ, ଲୋକସଚେତନତା ଓ ମାନବିକ ପ୍ରୟାସର କାହାଣୀକୁ ଆଗକୁ ଅଣାଯାଇଛି। ପରିବେଶ ସୁରକ୍ଷା ପରି ବିଷୟରେ ସାଧାରଣ ନାଗରିକଙ୍କ ଭୂମିକା ଏକ ବଡ ପରିବର୍ତ୍ତନର ଆଧାର ହୋଇପାରେ ବୋଲି ଯେଉ ଧାରଣା, ତାହାକୁ ମଧ୍ୟ ବିଭିନ୍ନ ଉଦାହରଣ ମାଧ୍ୟମରେ ସାମ୍ନାକୁ ଅଣାଯାଇଛି। ନବସୃଜନ କ୍ଷେତ୍ରରେ ଯୁବପିଢିର ଚିନ୍ତାଧାରା, ସାମାଜିକ ସେବା କ୍ଷେତ୍ରରେ ନିସାର୍ଥ ଉଦ୍ୟମ ଏବଂ ଦେଶର ବିଭିନ୍ନ ଅଂଚଳର ସାଧାରଣ ଲୋକଙ୍କ ସୃଜନଶୀଳ ପ୍ରଚେଷ୍ଟା ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ବିସ୍ତୃତ କରିଛି। ଏହି ଦୃଷ୍ଟିରୁ ଦେଖିଲେ 'ମନ କି ବାତ' କେବଳ ଏକ ରେଡିଓ କାର୍ଯ୍ୟକ୍ରମ ନୁହେଁ, ବରଂ ଦେଶର ବିଭିନ୍ନ ସ୍ଥାନରେ ଘଟୁଥିବା ପ୍ରେରଣାଦାୟକ ଘଟଣାକୁ ଏକ ବ୍ୟାପକ ଶ୍ରୋତାବର୍ଗଙ୍କ ନିକଟକୁ ନେଇଯିବାର ଏକ ସଞ୍ଚାର ମଞ୍ଚ ଭାବେ ଏହାକୁ ଦେଖାଯାଇପାରେ। ବାର ବର୍ଷର ଅବଧି ମଧ୍ୟରେ ଏହି କାର୍ଯ୍ୟକ୍ରମର ଆଉ ଏକ ଦିଗ ହେଉଛି ଏହାର ବହୁ ମାଧ୍ୟମିକ ପ୍ରସାରଣ ବ୍ୟବସ୍ଥା। ଏହା ଆକାଶବାଣୀ ଓ ଦୂରଦର୍ଶନର ବିଭିନ୍ନ ଜାଲ ମାଧ୍ୟମରେ ପ୍ରସାରିତ ହେଉଛି। ଏହା ସହିତ ଆକାଶବାଣୀ ସମ୍ବାଦର ଅଧିକାରିକ ଜାଲସ୍ଥଳ ଓ ମୋବାଇଲ ପ୍ରୟୋଗ ମାଧ୍ୟମରେ ମଧ୍ୟ ଏହା ଉପଲବ୍ଧ ହେଉଛି। ଏହାର ସଜୀବ ପ୍ରସାରଣ ଆକାଶବାଣୀ ସମ୍ବାଦ, ଦୂରଦର୍ଶନ ସମ୍ବାଦ, ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଓ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ବିଭିନ୍ନ ଭିଡିଓ ମଞ୍ଚରେ ମଧ୍ୟ ହୋଇଥାଏ। ଏହା ଦର୍ଶାଏ ଯେ ଏକ ପୁରୁଣା ଗଣମାଧ୍ୟମ ଭାବେ ପରିଚିତ ରେଡିଓକୁ ଆଧୁନିକ ପ୍ରସାରଣ ମାଧ୍ୟମ ସହିତ ଯୋଡି ଅଧିକ ବ୍ୟାପକ ଶ୍ରୋତା ଓ ଦର୍ଶକଙ୍କ ନିକଟରେ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି। ଏହାର ପ୍ରଥମ ପ୍ରସାରଣ ବିଜୟାଦଶମୀ ଅବସରରେ ୨୦୧୪ ମସିହାରେ ହୋଇଥିବାବଳେ ଆଜି ବାର ବର୍ଷ ପରେ ଏହା ୧୩୮ତମ ପର୍ବର ମାଇଲଖୁଂଟ ଅତିକ୍ରମ କରିଛି। ଏହି ଦୀର୍ଘ ଯାତ୍ରାରେ ନିୟମିତତା ଏହାର ଏକ ପ୍ରମୁଖ ପରିଚୟ ହୋଇଛି। ପ୍ରତି ମାସରେ ଦେଶର ବିଭିନ୍ନ ସ୍ଥାନରୁ ଆସୁଥିବା ପ୍ରେରଣାଦାୟକ କାହାଣୀ, ନୂଆ ପ୍ରୟାସ ଓ ସାମାଜିକ ସେବାର ଉଦାହରଣକୁ ଜାତୀୟ ସ୍ତରରେ ଉଲ୍ଲେଖ କରିବା ଏହାର ଏକ ନିର୍ଦ୍ଦିଷ୍ଟ ଧାରାହୋଇରହିଛି। ଏହା ମାଧ୍ୟମରେ ଦେଶର ନାଗରିକଙ୍କୁ ଉନ୍ନତିର ଯାତ୍ରାରେ ସକ୍ରିୟ ଭାଗୀଦାର ହେବାକୁ ଉତ୍ସାହିତ କରାଯାଉଛି ବୋଲି କାର୍ଯ୍ୟକ୍ରମର ଉଦ୍ଦେଶ୍ୟରେ ଉଲ୍ଲେଖ ରହିଛି। ଏଠାରେ ଭାଗିଦାରୀର ଅର୍ଥ କେବଳ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ନୁହେଁ, ନିଜ ଅଞ୍ଚଳର ସମସ୍ୟାକୁ ବୁଝିବା, ନିଜ ସାମର୍ଥ୍ୟ ଅନୁଯାୟୀ ସମାଧାନ ଖୋଜିବା, ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ଓ ସାମାଜିକ ଦାୟିତ୍ୱ ନିଭାଇବା ଭଳି ଦିଗକୁ ମଧ୍ୟ ଏହି ଆଲୋଚନା ବ୍ୟାପିଛି। ଦେଶର ଉନ୍ନତି ଯଦି କୋଟି କୋଟି ନାଗରିକଙ୍କ ସାମୂହିକ ପ୍ରୟାସର ଫଳ, ତେବେ ସେହି ପ୍ରୟାସର ଛୋଟ ଛୋଟ ଉଦାହରଣକୁ ଚିହ୍ନଟ କରିବା ମଧ୍ୟ ଜନସଂଚାରର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। 'ମନ୍ କି ବାତ'ର ବିଷୟବସ୍ତୁରେ ଏହି ଦୃଷ୍ଟିକୋଣ ପ୍ରତିଫଳିତ ହୋଇଥିବା କୁହାଯାଇଛି। ବାର ବର୍ଷର ଯାତ୍ରାରେ ଏହି କାର୍ଯ୍ୟକ୍ରମ ଦେଶର ବିଭିନ୍ନ ଅଂଚଳର ଲୋକଙ୍କ ପ୍ରୟାସକୁ ଏକ ବଡ଼ ଜାତୀୟ ପରିଦୃଶ୍ୟରେ ରଖିବାର ଅବସର ପାଇଛି। ଏହାର ମାଧ୍ୟମରେ ଜଣେ ବ୍ୟକ୍ତିଙ୍କ ସଫଳତା ଅନ୍ୟ ଜଣେ ବ୍ୟକ୍ତିଙ୍କ ପାଇଁ ପ୍ରେରଣାର କାରଣ ହୋଇପାରେ, ଜଣେ ଅଂଚଳର ଉଦ୍ୟମ ଅନ୍ୟ ଅଞ୍ଚଳର ଲୋକଙ୍କୁ ନୂଆ ଚିନ୍ତା ଦେଇପାରେ ଏବଂ ଏକ ଛୋଟ ସାମାଜିକ ପଦକ୍ଷେପ ବଡ଼ ଆଲୋଚନାର ଅଂଶ ହୋଇପାରେ। ଏହି ଅର୍ଥରେ ଦେଶର ବିକାଶ ଯାତ୍ରାକୁ କେବଳ ସଂଖ୍ୟା କିମ୍ବା ପ୍ରକଳ୍ପରେ ନୁହେଁ, ମଣିଷର ଉଦ୍ୟମ ଓ ସାମାଜିକ ଅବଦାନରେ ଦେଖିବାର ଏକ ପ୍ରୟାସ ଏହି କାର୍ଯ୍ୟକ୍ରମରେ ରହିଛି। ଏହି ବାର ବର୍ଷର ଅବସର ଆଉ ଏକ ପ୍ରଶ୍ନ ମଧ୍ୟ ଆମ ସାମ୍ନାରେ ରଖେ-ଏକ ଦେଶର ବିକାଶ କେବଳ ସରକାରଙ୍କ ଦାୟିତ୍ୱ କି, ନା ପ୍ରତ୍ୟେକ ନାଗରିକଙ୍କ ମଧ୍ୟ ଏଥିରେ ନିଜସ ଭୂମିକା ରହିଛି ? 'ମନ କି ବାତ'ର ବିଭିନ୍ନ କାହାଣୀ ମାଧ୍ୟମରେ ଦ୍ୱିତୀୟ ଧାରଣାଟିକୁ ଗୁରୁତ୍ୱ ଦିଆଯାଇଥିବା ଦେଖାଯାଏ।

ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ନବସୃଜନ ଓ ସାମାଜିକ ସେବା ଭଳି କ୍ଷେତ୍ରରେ ସାଧାରଣ ଲୋକଙ୍କ ଭୂମିକାକୁ ସାମ୍ନାକୁ ଆଣିବା ମାଧ୍ୟମରେ ନାଗରିକ ସହଭାଗିତାର ଧାରଣାକୁ ଆଲୋଚନାରେ ରଖାଯାଇଛି। ଏହି କାର୍ଯ୍ୟକ୍ରମର ବାର ବର୍ଷ ପୂର୍ତି କେବଳ ଏକ ପ୍ରସାରଣ ଯାତ୍ରାର ସମୟସୀମା ନୁହେଁ, ଏହା ଦେଶର ବିଭିନ୍ନ ପ୍ରାନ୍ତର ଲୋକଙ୍କ ପ୍ରୟାସକୁ ଏକ ଜାତୀୟ ମଞ୍ଚରେ ଆଲୋଚନା କରିବାର ଏକ ଦୀର୍ଘ ଅବଧିର ପ୍ରକ୍ରିୟାକୁ ସୂଚିତ କରେ। ଏହି ଅବସରରେ 'ମନ କି ବାତ'ର ୧୩୮ତମ ପର୍ବ ପର୍ଯ୍ୟନ୍ତ ଯାତ୍ରାକୁ ଦେଖିଲେ ରେଡିଓ ମାଧ୍ୟମରେ ଜନସମ୍ପର୍କ ଓ ଜନଭାଗିତାକୁ ଯୋଡିବାର ଏକ ନିରନ୍ତର ପ୍ରୟାସର ଚିତ୍ର ମିଳେ। ଏକ ପଟେ ଦେଶର ବିଭିନ୍ନ ଅଂଚଳର ପ୍ରେରଣାଦାୟକ ଲୋକଙ୍କ କାହାଣୀ ଏଥିରେ ସ୍ଥାନ ପାଉଛି, ଅନ୍ୟପଟେ ଏହି କାହାଣୀଗୁଡିକ ଦେଶର ଅନ୍ୟ ନାଗରିକଙ୍କ ନିକଟରେ ପହଂଚିବାର ସୁଯୋଗ ପାଉଛି। ଏହି ପ୍ରକ୍ରିୟା ଏକ ଅଂଚଳର ଅଭିଜ୍ଞତାକୁ ଅନ୍ୟ ଅଂଚଳର ଅଭିଜ୍ଞତା ସହିତ ଯୋଡିବାର ଅବସର ସୃଷ୍ଟି କରେ। ଭାରତର ବିବିଧତା ମଧ୍ୟରେ ଏପରି ଯୋଗାଯୋଗର ନିଜସ ଗୁରୁତ୍ୱ ରହିଛି। ଆଜି 'ମନ କି ବାତ' ବାର ବର୍ଷ ପୂରଣ କରିଥିବାବଳେ ଏହାର ମୂଳ ବିଷୟ ଭାବେ ରହିଆସିଛି ଲୋକଙ୍କ କାହାଣୀ, ଲୋକଙ୍କ ଉଦ୍ୟମ ଓ ଦେଶର ବିଭିନ୍ନ ସ୍ଥାନରେ ଘଟୁଥିବା ସକାରାତ୍ମକ ପରିବର୍ତନ। ବିଜୟାଦଶମୀର ଏକ ଦିନରେ ଆରମ୍ଭ ହୋଇଥିବା ଏହି ମାସିକ ପ୍ରସାରଣ ଆଜି ୧୩୮ତମ ପର୍ବରେ ପହଂଚିବା ନିୟମିତତାର ଏକ ଦୀର୍ଘ ଅଧ୍ୟାୟକୁ ପ୍ରତିଫଳିତ କରୁଛି। ଏହାର ପ୍ରସାରଣ ମାଧ୍ୟମ ମଧ୍ୟ ସମୟ ସହିତ ବ୍ୟାପକ ହୋଇଛି।

ଆକାଶବାଣୀ ଓ ଦୂଦଦର୍ଶନରୁ ଆରମ୍ଭ କରି ଜାଲସ୍ଥଳ, ମୋବାଇଲ ପ୍ରୟୋଗ ଓ ଭିଡିଓ ପ୍ରସାରଣ ମଞ୍ଚ ପର୍ଯ୍ୟନ୍ତ ଏହାର ପହଂଚ ବିସ୍ତାରିତ ହୋଇଛି। ଫଳରେ ଏନେଇ କାର୍ଯ୍ୟକ୍ରମକୁ ବିଭିନ୍ନ ମାଧ୍ୟମରେ ଶୁଣିବା ଓ ଦେଖିବାର ସୁଯୋଗ ଉପଲବ୍ଧ ହୋଇଛି। ବାର ବର୍ଷର ଏହି ଯାତ୍ରା ଆମୁକ ଏହି ସତ୍ୟ ମଧ୍ୟ ମନେ ପକାଇଥାଏ ଯେ ଦେଶର ଅଗ୍ରଗତିର କାହାଣୀରେ ପ୍ରତ୍ୟେକ ନାଗରିକଙ୍କ ଉଦ୍ୟମର ନିଜସ ମୂଲ୍ୟ ରହିଛି। ଜଣେ ଛାତ୍ରଙ୍କ ନୂଆ ପ୍ରୟାସ, ଜଣେ ଶିକ୍ଷକଙ୍କ ନିଷ୍ଠା, ଜଣେ ସେବାକର୍ମୀଙ୍କ ମାନବିକତା, ଜଣେ ନବସୃଜନକାରୀଙ୍କ ଚିନ୍ତା କିମ୍ବା ପରିବେଶ ପାଇଁ କାମ କରୁଥିବା ଜଣେ ସାଧାରଣ ନାଗରିକଙ୍କ ପଦକ୍ଷେପ ଏସବୁ ମିଶି ଏକ ବଡ ଦେଶର ଛୋଟ ଛୋଟ କିନ୍ତୁ ଅର୍ଥପୂର୍ଣ୍ଣ ପରିବର୍ତନର ଚିତ୍ର ଗଢିଥାଏ। 'ମନ କି ବାତ'ର ବାର ବର୍ଷର ଯାତ୍ରା ସେହି ଚତ୍ରକୁ ଦେଶବାସୀଙ୍କ ସାମ୍ନାରେ ରଖିବାର ଏକ ଦୀର୍ଘ ପ୍ରୟାସ ଭାବେ ଦେଖାଯାଇପାରେ।

ଆଜି ଏହାର ବାର ବର୍ଷ ବର୍ଷ ପୂର୍ତିରେ ସବୁଠାରୁ ବଡ ବାର୍ତା ହେଉଛି-ଦେଶର ବିକାଶର ଯାତ୍ରା କେବଳ ଶାସନ ବ୍ୟବସ୍ଥାର ଯାତ୍ରା ନୁହେଁ, ଏହା ନାଗରିକଙ୍କ ଚିନ୍ତା, ପରିଶ୍ରମ, ସୃଜନଶୀଳତା ଓ ସେବାର ମଧ୍ୟ ଯାତ୍ରା। ଏହି ଭାବନାକୁ ନେଇ ୨୦୧୪ର ବିଜୟଦଶମୀରୁ ଆରମ୍ଭ ହୋଇଥିବା 'ମନ କି ବାତ' ଆଜି ୧୩୮ତମ ପର୍ବ ପର୍ଯ୍ୟନ୍ତ ଆସି ପହଞ୍ଚିଛି। ବାର ବର୍ଷ ପରେ ମଧ୍ୟ ଏହାର କେନ୍ଦ୍ରରେ ରହିଛି ଦେଶ, ଦେଶର ଲୋକ ଓ ଦେଶର ବିଭିନ୍ନ କୋଣରୁ ଉଠିଆସୁଥିବା ପରିବର୍ତ୍ତନର କାହାଣୀ। ଏହି କାହାଣୀଗୁଡିକ ମାଧ୍ୟମରେ ନାଗରିକଙ୍କୁ ଦେଶର ବିକାଶ ଯାତ୍ରାରେ ସକ୍ରିୟ ଭାବେ ଯୋଡିବାର ଉଦ୍ଦେଶ୍ୟ ଏହାର ମୂଳ ଆଧାର ଭାବେ ରହିଛି। ସେହି କାରଣରୁ ବାର ବର୍ଷର ଏହି ଯାତ୍ରାକୁ କେବଳ ଏକ ରେଡିଓ କାର୍ଯ୍ୟକ୍ରମର ସମୟସୀମା ଭାବରେ ନୁହେଁ, ବରଂ ଦେଶର ବିଭିନ୍ନ ପ୍ରାନ୍ତର ଲୋକଙ୍କ ପ୍ରୟାସ, ଅନୁଭବ ଓ ଅବଦାନକୁ ଏକ ବ୍ୟାପକ ଜନମଞ୍ଚରେ ଆଣିବାର ଏକ ଦୀର୍ଘ ଯାତ୍ରା ଭାବେ ଦେଖିବାକୁ ହେବ।

ଶେଖ ହାସିନା ବାଂଲାଦେଶ ଫେରିବା ସମ୍ଭାବନା ଉଜ୍ଜ୍ୱଳ



ନୂଆଦିଲ୍ଲୀ/ଢାକା: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ପ୍ରତ୍ୟାବର୍ତ୍ତନ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେଇ ଭାରତ କହିଛି ଯେ ତାଙ୍କ ଫେରିବା ପା

ଅକ୍ଷର
AKHYARA ODISHA ଓଡ଼ିଶା

ସୁଭଦ୍ରା ଦେଲା ନୂଆ ପରିଚୟ

ଡାଲି ମେସିନ୍ ସ୍ଥାପନ କରି ସାବଲମ୍ବୀ ହେଲେ ବବିତା



ଅନୁଗୋଳ, ୪।୧୦ (ଅକ୍ଷର ଓଡ଼ିଶା): ଅନୁଗୋଳ ବ୍ଲକ ଅନ୍ତର୍ଗତ ବସଲା ପଞ୍ଚାୟତର ଶ୍ରୀମତୀ ବବିତା ସାହୁ ସୁଭଦ୍ରା ଯୋଜନାର ଜଣେ ସଫଳ ହିତାଧିକାରୀ ଭାବେ ନିଜ ଉଦ୍ୟମରେ ସାବଲମ୍ବୀ ହୋଇପାରିଛନ୍ତି। ଯୋଜନାରୁ ମିଳିଥିବା ସହାୟତା ରାଶିକୁ ସଠିକ୍ ଭାବେ ବିନିଯୋଗ କରି ସେ ନିଜର ଏକ ଡାଲି ପ୍ରକ୍ରିୟାକରଣ ମେସିନ୍ ସ୍ଥାପନ କରିଛନ୍ତି।ଏହି ଉଦ୍ୟମ ମାଧ୍ୟମରେ ବବିତା ନିଜ ପାଇଁ ରୋଜଗାରର ଏକ ନୂଆ ମାଧ୍ୟମ ସୃଷ୍ଟି କରିବା ସହ ଆତ୍ମନିର୍ଭରତାର ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କର ଏହି ସଫଳତା ଗ୍ରାମାଞ୍ଚଳର ଅନ୍ୟ ମହିଳାମାନଙ୍କୁ ମଧ୍ୟ ନିଜସ୍ୱ ଉଦ୍ୟମ ଆରମ୍ଭ କରିବା ଏବଂ ସାବଲମ୍ବୀ ହେବା ପାଇଁ ପ୍ରେରଣା ଯୋଗାଇଛି।ସରକାରୀ ଯୋଜନାର ସହାୟତାକୁ ସଠିକ୍ ଦିଗରେ ବିନିଯୋଗ କଲେ ଜଣେ ମହିଳା କିପରି ନିଜ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିପାରନ୍ତି, ବବିତା ସାହୁଙ୍କ ଉଦ୍ୟମ ତାହାର ଏକ ଉଦାହରଣ ପାଲଟିଛି।

ରଣପୁର ପଞ୍ଚାୟତ ସମିତି ପକ୍ଷରୁ ସେବା ସଂକଳ୍ପ ଅଭିଯାନ



ରଣପୁର, ୪।୧୦ (ଯଦୁନାଥ ସାମନ୍ତରାୟ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ୍ରମେ ଓ ରଣପୁର ପଞ୍ଚାୟତ ସମିତି ଆନୁକୂଲ୍ୟରେ ଏବଂ ରଣପୁର ମଣ୍ଡଳ ଉର୍ନ୍ନୟନ ଅଧିକାରୀ ମନୋଜ କୁମାର ନାୟକଙ୍କ ଆବାହକତ୍ୱରେ ଶନିବାର ଦିନ କାସନ୍ଦ ପଞ୍ଚାୟତରେ ସେବା ସଂକଳ୍ପ ଅଭିଯାନ ୨୦୨୬ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମ ୧ରୁ ୬ଅକ୍ଟୋବର ପର୍ଯ୍ୟନ୍ତ ପଥପ୍ରାନ୍ତ ନାଟକ ମାଧ୍ୟମରେ ଗ୍ରା।ମାଞ୍ଚଳର ଲୋକମାନଙ୍କୁ ସଚେତନତା କରାଯିବ। ଏହି ସଚେତନତା କାର୍ଯ୍ୟକ୍ରମକୁ ବାନ୍ଧମୁଣ୍ଡା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ କୁମାର ବଳିୟାରସିଂହଙ୍କ ସଂଯୋଜନାରେ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଯଥା -ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୂର୍ଯ୍ୟ ଘର ଯୋଜନା,ୟୁପିଆଇ ସୁବିଧା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ସ୍ୱାସ୍ଥ୍ୟ ସଚେତନତା, ଗ୍ରାମ୍ୟ ପରିମଳ, ଆଲୋକୀକରଣ, ସମ୍ପର୍କରେ ଗ୍ରାମାଞ୍ଚଳର ଲୋକମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ନିରବଚ୍ଛିନ୍ନ ସାର୍ବଜନୀନ ଜୀବନ, ଲୋକସେବା ଏବଂ ରାଷ୍ଟ୍ର ନିର୍ମାଣ ଯାତ୍ରାକୁ ସମ୍ମାନ ଜଣାଇବାଏହାର ମୁଖ୍ୟ ଲକ୍ଷ୍ୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ (ସେପ୍ଟେମ୍ବର ୧୭) ଅବସରରେ ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି ଏହା ୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଦୀର୍ଘ ଏକ ମାସ ଧରି ଚାଲିବ । ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସାଧାରଣ ଜନତା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ଏହି ପଥପ୍ରାନ୍ତ ନାଟକ କାର୍ଯ୍ୟକ୍ରମକୁ କାସନ୍ଦ ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି କୃଷ୍ଣ ଚନ୍ଦ୍ର ସାମନ୍ତରାୟ ସହଯୋଗ କରି ପରିଚାଳନା କରିଥିଲେ। କେନ୍ଦ୍ର ଓ ରାଜ୍ୟ ବିଜେପି ସରକାରଙ୍କ ଜନ ସଚେତନତା କାର୍ଯ୍ୟକ୍ରମକୁ କାସନ୍ଦ ଗ୍ରାମବାସୀ ମାନେ ଭୁୟସୀ ପ୍ରଶଂସା କରିଥିଲେ।

ନୂଆଖାଇ ଭେଟଘାଟ



ବୋଡ଼େନ, ୪।୧୦(ଅକ୍ଷର ଓଡିଶା): ନୂଆପଡ଼ା ଜିଲ୍ଲା ବେ ବୋଡ଼େନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନୀ ପାଳନ ଓ ଏହି ଅବସରରେ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଗୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତି ଭାବେ ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥି ରୂପେ ବିଡ଼ିଓ ଚିନ୍ମୟ କୁମାର ସାଗର,ଝାଙ୍କର ମୋହନ ମାଝୀ ଯୋଗଦାନ କରିଥିଲେ । ଅଧ୍ୟାପିକା ସନମତୀ ମହାନନ୍ଦ ଅତିଥି ପରିଚୟ ପର୍ବ ସମ୍ଭାଳି ଥିବାବେଳେ ପ୍ରାଧାପକ ସାମୁଏଲ ଦାନୀ ମଞ୍ଚ ପରିଚାଳନା କରିଥିଲେ ।ଝାଙ୍କର ଶ୍ରୀ ମାଝୀ ମାଁ ଦ୍ୱାରଶନି ନିକଟରେ ପୂଜାର୍ଚ୍ଚନା କରି ନବାନ୍ନ ଅର୍ପଣ କରି ମୁଖ୍ୟ ଅତିଥି, ଅଧ୍ୟାପକ, ଅଧ୍ୟାପିକା, ଛାତ୍ର ଛାତ୍ରଛାତ୍ରୀ ମାନଙ୍କୁ ନବାନ୍ନ ଭକ୍ଷଣ କରାଇ ସମସ୍ତଙ୍କ ଶୁଭ କାମନା କରିଥିଲେ। ଜିଲ୍ଲାପାଳ ଶ୍ରୀ ଦାସ ଛାତ୍ର ଛାତ୍ରୀ ମାନଙ୍କୁ ନୂଆଖାଇ ଭେଟଘାଟ ଅବସରରେ ନୂଆପଡ଼ା ଜିଲ୍ଲାକୁ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଗଠନ, ସଚ୍ଛତା ଆଧାରରେ ସ୍ୱଚ୍ଛ ପରିବେଶ ନିର୍ମାଣ,ପ୍ରବାସୀ ଶ୍ରମିକ ନିରାକରଣ,ଶିଶୁ ଶ୍ରମିକ ନିର୍ମାଣ କରିବା ଉପରେ ବୁଝାଇବା ସହ ଆଗାମୀ ପିଢ଼ି ପାଇଁ କଣ ସବୁ ଖରାପ ପ୍ରଭାବ ପକାଇ ପାରେ ତା'ରି ଉପରେ ନିଜ ବକ୍ତବ୍ୟ ରଖି ଥିଲେ, ପୁଣି ଛାତ୍ର ଛାତ୍ରୀ କିଭଳି ଭାବରେ ମେଧା ସାଜି ପାରିବେ ତାହା ଓ ମେଧା ହେବା ପାଇଁ ଗରିବୀ ପ୍ରତିବନ୍ଧକ ନୁହେଁ ଉଦାହରଣ ଉଦାହରଣ ସହ ବୁଝାଇ ଛାତ୍ର ଛାତ୍ରୀଙ୍କୁ ଭଲ ମଣିଷ ହେବାକୁ ଉତ୍ସାହିତ କରିବା ଦେଖିବାକୁ ମିଳିଥିଲା ଜିଲ୍ଲାପାଳକ ପାଳଙ୍କ ବକ୍ତବ୍ୟରୁ । ପ୍ରତ୍ୟେକ କ୍ଷେତ୍ରରେ ଯୁବ ପିଢ଼ି ଆଗକୁ ଆସି ନୂଆପଡ଼ା ଜିଲ୍ଲାକୁ ଏକ ନମ୍ବର ଜିଲ୍ଲାରେ ପରିଣତ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ । ନୂଆପଡ଼ା ଜିଲ୍ଲା ପାଇଁ ବିଭିନ୍ନ କ୍ଷେତ୍ରରେ ଉନ୍ନତି ଆଣିବା ଦୃଷ୍ଟିରୁ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କୁ ଆଜି ବିଜୁ ପଟ୍ଟନାୟକ ଚ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ପରେ ସମସ୍ତଙ୍କୁ ବିମୋହିତ କରି ପକାଇଥିଲା ଛାତ୍ର ଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ।ଅଧ୍ୟାପକ ଉପେନ୍ଦ୍ର ବଞ୍ଜାରା, ମଦନ ମୁଣ୍ଡ, ଚନ୍ଦନ ସାହୁ,ଶଙ୍କର ମେହେର, ପରମେଶ୍ୱର ପଣ୍ଡା,ଅଧ୍ୟାପକ ଓ ଅଧ୍ୟାପିକା ଏବଂ କର୍ମଚାରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

ନିର୍ମାଣ ଗୁଣବତ୍ତା ନେଇ ଗ୍ରାମବାସୀଙ୍କ ପ୍ରଶ୍ନ



ରାଇଘର, ୪।୧୦ (ଭୁବନେଶ୍ୱର ସୁନାନୀ): ନୂଆ ରାସ୍ତା ଗାଁକୁ ଯୋଡ଼ିବ, ଯାତାୟାତ ସହଜ ହେବ ଏହି ଆଶାରେ ଲୋକେ ନିର୍ମାଣ କାମକୁ ଦେଖିଥିଲେ। ହେଲେ କାମ ସରିବାର ଛଅ ମାସ ମଧ୍ୟ ନପୂରୁଣୁ ରାସ୍ତାର କିଛି ଅଂଶ ମାଟି ତଳେ ଦବିଯିବା ଅଭିଯୋଗ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁରାବେଢା ପଞ୍ଚାୟତ ର ସୋନପୁର ଆଦିବାସୀ ଗ୍ରାମରେ ନିର୍ମିତ କଲଭର୍ଟ ଓ ରାସ୍ତା କାମକୁ ନେଇ ଏଭଳି ଅଭିଯୋଗ ଉଠିଛି। ଗ୍ରାମର ମହିଳାମାନେ କାମର ଗୁଣବତ୍ତା ଓ ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠାଇଛନ୍ତି ।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କଲଭର୍ଟ କାମ ସରିଥିଲେ ମଧ୍ୟ ନିର୍ମାଣର ଗୁଣବତ୍ତା ନେଇ ସନ୍ଦେହ ରହିଛି। ଏହା ସହିତ କଲଭର୍ଟ ସଂଲଗ୍ନ ରାସ୍ତା ମଧ୍ୟ ଆବଶ୍ୟକ ମାନଦଣ୍ଡ ଅନୁଯାୟୀ ହୋଇନଥିବା ଅଭିଯୋଗ ହୋଇଛି। ରାସ୍ତାର କିଛି ଅଂଶ ମାତ୍ର ୮ରୁ ୯ ହାତ ପର୍ଯ୍ୟନ୍ତ କରାଯାଇଥିବା ବେଳେ, କାମ ସରିବାର ଅଳ୍ପଦିନ ମଧ୍ୟରେ ଏହାର କିଛି ଅଂଶ ମାଟି ତଳକୁ ଦବିଯାଇଥିବା ଗ୍ରାମବାସୀ କହିଛନ୍ତି ।ଏହି ଘଟଣାକୁ ନେଇ ରାସ୍ତାର ସ୍ଥାୟୀତ୍ୱ ସହ ନିର୍ମାଣ କାମର ଗୁଣବତ୍ତା ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ନିମ୍ନମାନର କାମ ହୋଇଥିବା ନେଇ ଗ୍ରାମର କେତେକ ମହିଳା ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଦାବି, ସମ୍ପୃକ୍ତ ବିଭାଗ ଘଟଣାସ୍ଥଳକୁ ଯାଇ କଲଭର୍ଟ ଓ ରାସ୍ତାର ନିର୍ମାଣ ମାନ, ବ୍ୟବହୃତ ସାମଗ୍ରୀ ଓ କାମର ସ୍ଥାୟୀତ୍ୱ ଯାଞ୍ଚ କରୁ।

ଜୋଲକୋ ନଦୀ ବ୍ରିଜ୍ ଆପ୍ରୋଚ୍ ରୋଡ୍‌ରେ ଫ୍ଲାଏ ଆଶ୍ ବ୍ୟବହାରକୁ ନେଇ ପ୍ରଶ୍ନ

ନଦୀ ଓ ପାନୀୟଜଳ ଉତ୍ସର ସୁରକ୍ଷା ନେଇ ଉଠିଲା ଚିନ୍ତା

ତୁରନ୍ତ ସ୍ଥଳ ଯାଞ୍ଚ ଓ ତଥ୍ୟ ସାର୍ବଜନୀନ କରିବାକୁ ଦାବି

କେସିଙ୍ଗା, ୪।୧୦ (ଅକ୍ଷର ଓଡ଼ିଶା): କଳାହାଣ୍ଡି ଜିଲ୍ଲା କେସିଙ୍ଗା ନିକଟସ୍ଥ ଜୋଲକୋ ନଦୀ ଉପରେ ନିର୍ମିତ ସେତୁର ଆପ୍ରୋଚ୍ ରୋଡ୍/ଆଡ଼ିବନ୍ଧରେ ଫ୍ଲାଏ ଆଶ୍‌କୁ ଫିଲିଂ ସାମଗ୍ରୀ ଭାବେ ବ୍ୟବହାର କରାଯାଉଥିବା ନେଇ ଗୁରୁତର ପ୍ରଶ୍ନ ଉଠିଛି। ଜାତୀୟ ରାଜପଥ ବିଭାଗ, କେସିଙ୍ଗା ଅଧୀନରେ ଚାଲିଥିବା ଏହି କାମ ନଦୀ ଓ ସେତୁ ନିକଟରେ ହେଉଥିବାରୁ ଏହାର ଗୁଣବତ୍ତା, ତକନିକୀ ମାନଦଣ୍ଡ, ଜଳନିଷ୍କାସନ ବ୍ୟବସ୍ଥା ଓ ପରିବେଶ ସୁରକ୍ଷାକୁ ନେଇ ସ୍ୱଚ୍ଛତା ଆବଶ୍ୟକ ହୋଇପଡ଼ିଛି। ଫ୍ଲାଏ ଆଶ୍ ବ୍ୟବହାର କରାଯାଉଥିବା ସ୍ଥାନ ନଦୀକୂଳ ଓ ସେତୁ ନିକଟରେ ଥିବାରୁ ଏହାକୁ ନିର୍ଦ୍ଧାରିତ ତକନିକୀ ଡିଜାଇନ୍, ଗୁଣବତ୍ତା ନିୟନ୍ତ୍ରଣ, ଯଥାଯଥ କମ୍ପାକ୍ସନ୍, ଡ୍ରେନେଜ୍ ଏବଂ ପରିବେଶ ସୁରକ୍ଷା ବ୍ୟବସ୍ଥା ଅନୁସରଣ କରି କରାଯାଉଛି କି ନାହିଁତାହା ଯାଞ୍ଚ ହେବା ଜରୁରୀ ।ଏହା ସହିତ ଅଞ୍ଚଳବାସୀଙ୍କ ପାନୀୟଜଳ ଉତ୍ସକୁ ନେଇ ମଧ୍ୟ ଗୁରୁତର ଚିନ୍ତା ପ୍ରକାଶ ପାଇଛି। ଆଖପାଖ ଅଞ୍ଚଳର ଲୋକେ ତେଲ ନଦୀର ଜଳକୁ ବିଭିନ୍ନ ଆବଶ୍ୟକତାରେ ବ୍ୟବହାର କରୁଥିବା ବେଳେ, ରେତ ନଦୀ ତେଲ ନଦୀରେ ମିଶୁଥିବା ସ୍ଥାନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଫ୍ଲାଏ ଆଶ୍‌ରୁ ନିର୍ଗତ ଦୂଷିତ ଜଳ, ରନଅଫ୍, ସିପେଜ୍ କିମ୍ବା ଲିଚେଟ୍ ଯଦି ନିୟନ୍ତ୍ରଣ ବାହାରକୁ ଯାଇ ନଦୀ ବ୍ୟବସ୍ଥାରେ ପ୍ରବେଶ କରେ, ତେବେ ଜଳର ଗୁଣବତ୍ତା ପ୍ରଭାବିତ ହେବାର ଆଶଙ୍କା ରହିଛି।

ତେଣୁ ଫ୍ଲାଏ ଆଶ୍ ବ୍ୟବହାର ନେଇ ଜାତୀୟ ରାଜପଥ ବିଭାଗ ପକ୍ଷରୁ ସମସ୍ତ ତକନିକୀ ଓ ପରିବେଶୀୟ ତଥ୍ୟ ସ୍ପଷ୍ଟ କରାଯିବା ଆବଶ୍ୟକ ବୋଲି ଦାବି ହୋଇଛି ।ଏହି ପରିପ୍ରେକ୍ଷୀରେ ଜାତୀୟ ରାଜପଥ ବିଭାଗ, କେସିଙ୍ଗା ପକ୍ଷରୁ ତୁରନ୍ତ ଜୋଲକୋ ନଦୀ ବ୍ରିଜ୍ ଓ ଏହାର ଆପ୍ରୋଚ୍ ରୋଡ୍‌ରେ ଚାଲିଥିବା ଫ୍ଲାଏ ଆଶ୍ ଫିଲିଂ କାମର ସ୍ଥଳ ଯାଞ୍ଚ କରାଯାଇ ଏହା ଅନୁମୋଦିତ ଡିଜାଇନ୍, ନିର୍ଦ୍ଧାରିତ ତକନିକୀ ମାନଦଣ୍ଡ ଓ ପରିବେଶୀୟ ନିୟମ ଅନୁଯାୟୀ ହେଉଛି କି ନାହିଁ, ତାହା ସ୍ପଷ୍ଟ କରିବାକୁ ଦାବି ହୋଇଛି। ବିଶେଷକରି ଫ୍ଲାଏ ଆଶ୍‌ର କୌଣସି ଅଂଶ, ବର୍ଷାଜଳ ସହିତ ମିଶିଥିବା ରନଅଫ୍, ସିପେଜ୍ କିମ୍ବା ଲିଚେଟ୍ ନଦୀ ବ୍ୟବସ୍ଥାରେ ପ୍ରବେଶ କରିବାର ସମ୍ଭାବନା ରହିଛି କି ନାହିଁ, ତାହାର ବିଶେଷ ଯାଞ୍ଚ କରାଯିବା ଆବଶ୍ୟକ ।ଯଦି ଯାଞ୍ଚ ସମୟରେ ଅନୁମୋଦିତ ଡିଜାଇନ୍ କିମ୍ବା ତକନିକୀ ମାନଦଣ୍ଡରୁ କୌଣସି ବ୍ୟତିକ୍ରମ, ଅପର୍ଯ୍ୟାପ୍ତ ଡ୍ରେନେଜ୍/କଣ୍ଟେନମେଣ୍ଟ ବ୍ୟବସ୍ଥା କିମ୍ବା ନଦୀଜଳ ଓ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି କୌଣସି ବିପଦ ଚିହ୍ନଟ ହୁଏ, ସୁଧାରମୂଳକ ପଦକ୍ଷେପ ନିଆଯିବା ସହ ଦାୟୀ ପକ୍ଷ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦାବି କରାଯାଇଛି। ଜନସାର୍ଥରେ ନଦୀ, ଚାଷଜମି ଓ ପାନୀୟଜଳ ଉତ୍ସର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ବିଭାଗ ଏହି ମାମଲାରେ ସ୍ପଷ୍ଟ ଜବାବ ଦେବା ଆବଶ୍ୟକ।

ରୋଜଗାର ବଢ଼ିଲେ ରୋକିହେବ ଦାଦନ: ସାରଙ୍ଗଡରେ ସାକର ବ୍ଲକସ୍ତରୀୟ ବୈଠକ

କନ୍ଧମାଳ, ୪।୧୦:(ଅକ୍ଷର ଓଡିଶା)କନ୍ଧମାଳ ଜିଲ୍ଲାକୁ ଦାଦନମୁକ୍ତ କରିବା ସହ ସ୍ଥାନୀୟ ଅଞ୍ଚଳରେ ରୋଜଗାର ଓ ଜୀବିକାର ସୁଯୋଗ ବୃଦ୍ଧି କରିବା ଲକ୍ଷ୍ୟରେ କ ନୂଆଗାଁ ବ୍ଲକର ସାରଙ୍ଗଡ଼ ସ୍ଥିତ କୁଇ ସମାଜ ଗୃହ ଠାରେ ଏକ ବ୍ଲକସ୍ତରୀୟ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ସୋସିଆଲ ୱର୍କର୍ସ ଆସୋସିଏସନ୍ ଅଫ୍ କନ୍ଧମାଳ ପକ୍ଷରୁ ଆୟୋଜିତ ଏହି ବୈଠକରେ ଦାଦନ ସମସ୍ୟାର କାରଣ, ପ୍ରଭାବ ଓ ଏହାର ଦୀର୍ଘମିଆଦି ସମାଧାନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ସାକ ସଭାପତି ଆମନ ଚନ୍ଦ୍ର ନାୟକ ବୈଠକରେ ଅଧ୍ୟକ୍ଷତା କରିଥିବାବେଳେ ସଦସ୍ୟ-ସମ୍ପାଦକ ହୃଷୀକେଶ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଦୁଃଖଦ ଭାବେ ପ୍ରାଣ ହରାଇଥିବା ୧୫ ଜଣ ଶ୍ରମିକଙ୍କ ସ୍ମୃତିରେ ବୈଠକ ଆରମ୍ଭରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ସ୍ଥାନୀୟ ଅଞ୍ଚଳରେ ନିରନ୍ତର ରୋଜଗାର ସୃଷ୍ଟି, ଯୁବପିଢ଼ିଙ୍କୁ ଆତ୍ମନିଯୁକ୍ତି ଓ କ୍ଷୁଦ୍ର ଉଦ୍ୟୋଗ ପାଇଁ ତାଲିମ, ପ୍ରୋତ୍ସାହନ ଏବଂ ବଜାର ସୁଯୋଗ ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଅଞ୍ଚଳରେ ଅଧିକ ରୋଜଗାର ସୃଷ୍ଟି କରିବା ସହ ଯେଉଁ କାର୍ଯ୍ୟଗୁଡ଼ିକ ଯାନ୍ତ୍ରିକ ମାଧ୍ୟମରେ କରାଯାଉଛି, ସେଥିରେ ସମ୍ଭବ ସ୍ଥଳେ ସ୍ଥାନୀୟ ଶ୍ରମିକଙ୍କୁ ନିୟୋଜିତ କରି କାମର ସୁଯୋଗ ସୃଷ୍ଟି କରିବା ନେଇ ମତ ପ୍ରକାଶ ପାଇଥିଲା। ବାହାର ରାଜ୍ୟକୁ କାମ ପାଇଁ ଯାଉଥିବା ଶ୍ରମିକମାନଙ୍କ ନିମନ୍ତେ ସରକାରୀସ୍ତରରେ ଉଚିତ ପଦକ୍ଷେପ ନେବା ସହ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ରୋଜଗାର ଓ ଜୀବିକା ସୁଯୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଆଲୋଚନା ହୋଇଥିଲା। ଏଥିସହ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ, ମୂଲ୍ୟବୃଦ୍ଧି ଓ ବଜାର ସଂଯୋଗ ମାଧ୍ୟମରେ ସ୍ଥାନୀୟ ରୋଜଗାର ସୃଷ୍ଟି ପାଇଁ ଉପଯୁକ୍ତ ମଣ୍ଡି ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ସ୍ଥାନୀୟ ସମ୍ବଳର ସଠିକ୍ ବ୍ୟବହାର, କୃଷି ଓ ଜଙ୍ଗଲଜାତ ଦ୍ରବ୍ୟର ମୂଲ୍ୟବୃଦ୍ଧି, କ୍ଷୁଦ୍ର ଓ ଗୃହଭିତ୍ତିକ ଉଦ୍ୟୋଗ ସ୍ଥାପନ ଏବଂ ଆବଶ୍ୟକ ଭିତ୍ତିଭୂମିର ବିକାଶ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସାରଙ୍ଗଡ ସରପଞ୍ଚ ବରୁଣ କହଁରଙ୍କ ସମେତ ରାଜୀବ ପ୍ରଧାନ, ଯୁବରାଜ ମଲ୍ଲିକ, ଅରୁଣ କୁମାର ନାୟକ, ଗଜେନ୍ଦ୍ର ପ୍ରଧାନ, ବିଜୟ ଚନ୍ଦ୍ର ପ୍ରଧାନ, ତ୍ରିନାଥ ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ସାମାଜିକ କର୍ମୀ, ସମାଜସେବୀ, ବୁଦ୍ଧିଜୀବୀ ଓ ସାମ୍ବାଦିକମାନେ ଯୋଗଦେଇଥିଲେ। ସାକ ସଦସ୍ୟା ସସ୍ମିତା ମଲ୍ଲିକ ଓ ମୀନାକ୍ଷୀ ପ୍ରଧାନ, ସଦସ୍ୟ ବିବେକାନନ୍ଦ ପ୍ରଧାନ, କୋଷାଧ୍ୟକ୍ଷ ସାମନ୍ତ ଶେଖର ନାୟକ ଓ ପରମାନନ୍ଦ ପ୍ରଧାନ ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାକ ସଦସ୍ୟ ସନ୍ତୋଷ ଦିଗାଲ ଧନ୍ୟବାଦ ଅର୍ପଣ କରିଥିଲେ।

ରୋମାଞ୍ଚକର ଗ୍ରାଣ୍ଡ ଫାଇନାଲ ଆଜି ବିଜୟ ହୋଇଛି କଟକ ଦଳ

ସୁବର୍ଣ୍ଣପୁର, ୪।୧୦(ସଂଗ୍ରାମ ମହାପାତ୍ର): ୬୫ତମ ସୁବର୍ଣ୍ଣପୁର ଜୋନ୍‌ରେ ସାହାଣୀ କପ୍ ଫୁଟବଲ୍‌ର ରୋମାଞ୍ଚକର ଗ୍ରାଣ୍ଡ ଫାଇନାଲ ଆଜି ବିଜୟ ହୋଇଛି କଟକ ଦଳ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ର ଶେଷ ମୁହୂର୍ତ୍ତର ୮୮ତମ ମିନିଟ୍‌ରେ ବିଜୟ ବେହେରାଙ୍କ ଗୋଲ୍‌ରେ ବରଗଡ଼କୁ ହରାଇ କଟକ ଚାମ୍ପିଅନ୍ ହେଇଥିଲା। ଫାଇନାଲରେ ବିଜୟ ବେହେରା ହେଲେ ମ୍ୟାନ୍ ଅଫ୍ ଦି ମ୍ୟାଚ୍।

ଯାଜପୁର ଜିଲ୍ଲା ଶ୍ରମ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅସନ୍ତୋଷ

ଲେବର କାର୍ଡ ମିଳିବାରେ ବିଳମ୍ବ

ଧର୍ମଶାଳା,୪।୧୦ (ଅକ୍ଷର ଓଡିଶା): ରାଜ୍ୟ ସରକାର ନିର୍ମାଣ ଶ୍ରମିକ ଓ ଦିନମଜୁରିଆଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଯାଜପୁର ଜିଲ୍ଲାରେ ଏହା ପ୍ରହସନରେ ପରିଣତ ହୋଇଛି। ଅନଲାଇନ ଜରିଆରେ ଲେବର କାର୍ଡ (ଶ୍ରମିକ କାର୍ଡ) ପଞ୍ଜୀକରଣ ଓ ନବୀକରଣ ପାଇଁ ଆବେଦନ କରିବାର ମାସ ମାସ ବିତିଯାଇଥିଲେ ସୁଦ୍ଧା ସାଧାରଣ ଗରିବ ଲୋକଙ୍କୁ କାର୍ଡ ମିଳୁନାହିଁ। ଜିଲ୍ଲା ଶ୍ରମ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟଶୈଳୀ ଓ ଚରମ ଅବହେଳା ଯୋଗୁଁ ଶହ ଶହ ଗରିବ ଶ୍ରମିକ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି ।ଅଭିଯୋଗ ଅନୁଯାୟୀ, ଜିଲ୍ଲାର ବିଭିନ୍ନ ବ୍ଲକରୁ ନିର୍ମାଣ ଶ୍ରମିକମାନେ ଜନସେବା କେନ୍ଦ୍ର ମାଧ୍ୟମରେ ସମସ୍ତ ଆବଶ୍ୟକୀୟ କାଗଜପତ୍ର ଦେଇ ଅନଲାଇନ ଆବେଦନ କରୁଛନ୍ତି। ମାତ୍ର ଆବେଦନ କରିବାର ଦୀର୍ଘ

କେନ୍ଦୁଝରରେ 'ନମୋ ସେବା ଗାଥା' କାର୍ଯ୍ୟକ୍ରମ ଅନୁଷ୍ଠିତ



କେନ୍ଦୁଝର:୦୪/୧୦(ଦିଲ୍ଲୀପ କୁମାର ସାହୁ) - ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜୀବନ, ସଂଘର୍ଷ ଏବଂ ୨୫ ବର୍ଷର ନିରବଚ୍ଛିନ୍ନ ଜନସେବାକୁ ପ୍ରଦର୍ଶିତ କରି ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ କେନ୍ଦୁଝର ପ୍ରେକ୍ଷାଳୟ ଠାରେ ଗତ ଶନିବାର ଦିନ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ୱତନ୍ତ୍ର 'ନମୋ ସେବା ଗାଥା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥ ଷ୍ଟାଗ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ମୋଦୀଜୀଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟ ଏବଂ ଜନସେବାରେ ତାଙ୍କର ଯାତ୍ରାକୁ ଦର୍ଶାଉଥିବା ଏକ ଆକର୍ଷଣୀୟ ନାଟକ ଉପସ୍ଥାପନ କରାଯାଇଥିଲା। ଏହି ନାଟ୍ୟ ରୂପାନ୍ତର ମାଧ୍ୟମରେ କଳାକାରମାନେ ବିଗତ ୨୫ ବର୍ଷ ମଧ୍ୟରେ ଜନଜୀବନରେ ତାଙ୍କର ଉତ୍ସର୍ଗୀକୃତ ମନୋଭାବ, ପ୍ରତିବଦ୍ଧତା ଏବଂ ଦୀର୍ଘ ଦିନର ସଂପୃକ୍ତିକୁ ଉପସ୍ଥାପନ କରିଥିଲେ।ଏହି କାର୍ଯ୍ୟକ୍ରମରେ ସାଂସଦ ଅନନ୍ତ ନାୟକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝରଗଡ଼ ପୌରପାଳିକାର ପୌରଧକ୍ଷା ନିକୁ ସାହୁ, କାର୍ଯ୍ୟକ୍ରମର ସଂଯୋଜକ ଅନୁବ୍ରତ ବେହେରା, କେନ୍ଦୁଝର ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି, ବିଦ୍ୟାଳୟ ତଥା ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସାଧାରଣ ଜନତା ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।ଏହି ଅବସରରେ ଅତିଥିମାନେ ଜନସେବାର ଗୁରୁତ୍ୱ, ସମାଜ ମଙ୍ଗଳ ପାଇଁ ଉତ୍ସର୍ଗୀକୃତ ମନୋଭାବ ଓ ନିଷ୍ଠା ଉପରେ ଆଲୋକପାତ କରିଥିଲେ। ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନର ବିଭିନ୍ନ ପର୍ଯ୍ୟାୟ ଏବଂ ସେବା ତଥା ରାଷ୍ଟ୍ର ଗଠନ ଉପରେ ତାଙ୍କର ନିରନ୍ତର ଗୁରୁତ୍ୱକୁ ଜୀବନ୍ତ ଭାବେ ଚିତ୍ରଣ କରିଥିବାରୁ ଏହି ନାଟ୍ୟ ଉପସ୍ଥାପନାକୁ ଦର୍ଶକମାନେ ଉଚ୍ଚ ପ୍ରଶଂସା କରିଥିଲେ।ଏହି 'ନମୋ ସେବା ଗାଥା' କାର୍ଯ୍ୟକ୍ରମ ତାଙ୍କର ୨୫ ବର୍ଷର ଜନସେବାକୁ ସ୍ମରଣ କରିବା ସହ ଲୋକଙ୍କ ପ୍ରତି ଉତ୍ସର୍ଗୀକୃତ ମନୋଭାବ, ଅଧ୍ୟବସାୟ ଏବଂ ସେବା ମନୋଭାବ ଭଳି ମୂଲ୍ୟବୋଧକୁ ରେଖାଙ୍କିତ କରିବାର ଏକ ମାଧ୍ୟମ ସାଜିଥିଲା।

ଫର୍ମ-୬ରୁ ଅତିରିକ୍ତ ଘୋଷଣାନାମା ହଟାଇଲେ ଭାରତ ନିର୍ବାଚନ ଆୟୋଗ

କେନ୍ଦୁଝର:୦୪/୧୦(ଦିଲ୍ଲୀପ କୁମାର ସାହୁ) - ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ସାମିଲ କରାଇବାର ସୁଯୋଗ ଅବ୍ୟାହତ ରହିଛି। ଏଥିପାଇଁ ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଆବେଦନ କରିପାରିବେ ।ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣରୁ ଭୋଟର ତାଲିକାରୁ ବାଦ ପଡ଼ିଥାଏ, ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ-୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ। ସେହିପରି ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା/ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥିଲା କି ନାହିଁ ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ।ଏ ସମ୍ପର୍କିତ ଅତିରିକ୍ତ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଫର୍ମ-୬ରୁ ହଟାଇ ଦେଇଛନ୍ତି । ଏହା ଫଳରେ ଏସଆଇଆର-୨୦୨୬ ପରେ ଭୋଟର ତାଲିକାରେ ନାମ ସାମିଲ କରାଇବାକୁ ଇଚ୍ଛୁକ ଯୋଗ୍ୟ ନାଗରିକମାନେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ଅତିରିକ୍ତ ତଥ୍ୟ କିମ୍ବା ଘୋଷଣାନାମା ବିନା ସାଧାରଣ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରିପାରିବେ।ତେବେ, କେବଳ ଫର୍ମ-୬ ଦାଖଲ କରିବା ଦ୍ୱାରା ଆବେଦନକାରୀଙ୍କ ନାମ ସ୍ୱତଃସ୍ଫୁର୍ତ୍ତ ଭାବେ ଭୋଟର ତାଲିକାରେ ସାମିଲ ହେବ ନାହିଁ। ନାମ ସାମିଲ ପୂର୍ବରୁ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ଆବେଦନରେ ଦିଆଯାଇଥିବା ତଥ୍ୟର ନିର୍ଦ୍ଧାରିତ ଯାଞ୍ଚ ପ୍ରକ୍ରିୟା ପୂର୍ବଭଳି ଜାରି ରହିବ।ସମ୍ପୃକ୍ତ ନିର୍ବାଚନ କର୍ତ୍ତୃପକ୍ଷ ଆବେଦନରେ ଦିଆଯାଇଥିବା ତଥ୍ୟ ଏବଂ ଆବଶ୍ୟକୀୟ ଦସ୍ତାବିଜ ଯାଞ୍ଚ କରିବା ପରେ ଆଇନ ଓ ନିର୍ଦ୍ଧାରିତ ନିୟମ ଅନୁଯାୟୀ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେବେ। ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରି କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବ ନାହିଁ।ଏଥିସହିତ, ଫର୍ମ-୬ ମାଧ୍ୟମରେ ନାମ ସାମିଲ କରିବାର ସାଧାରଣ ବ୍ୟବସ୍ଥା ଅବ୍ୟାହତ ରହିଛି। ତେଣୁ ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ବର୍ତ୍ତମାନର ଭୋଟର ତାଲିକାରେ ନାହିଁ ସେମାନେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରି ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ ।ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଏବଂ ଏହାର ଶୁଦ୍ଧତା, ସ୍ୱଚ୍ଛତା ବଜାୟ ରଖିବା ସହିତ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ଭାବେ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ପ୍ରାପ୍ତ ସମସ୍ତ ଆବେଦନର ନିର୍ଦ୍ଧାରିତ ନିୟମ ଅନୁଯାୟୀ ଯାଞ୍ଚ କରାଯିବ ।ଭାରତ ନିର୍ବାଚନ ଆୟୋଗ ଓ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କେନ୍ଦୁଝର ବାସୀଙ୍କ ସୂଚନା ଓ ଏହି ବ୍ୟବସ୍ଥାର ଉପଯୋଗ କରିବା ନିମନ୍ତେ ନିବେଦନ କରାଯାଇଛି।

ପାର୍ବଣ ଋତୁରେ ସକ୍ରିୟ ହେଉଛନ୍ତି ନକଲି ଖବର ଦାତା

ହାଟଡିହି: ୦୪/୧୦ (ଅମୀୟବରାଳ) : ଏବେ ପାର୍ବଣ ଋତୁ ଆରମ୍ଭ ହେଉଥିବା ବେଳେ ରାଜ୍ୟ ରାଜଧାନୀ ରୁ ସକ୍ରିୟ ହୋଇ ପ୍ରତି ବ୍ଲକ ମ୍ୟୁନିସପାଲିଟି ରେ ଏବେ ସକ୍ରିୟ ହେଉଛନ୍ତି ମିଛ ଖବର ଦାତା। ସରକାର ଙ୍କ ମିଛ ଖବର ପ୍ରଚାର ପ୍ରସାର କରିବା ପାଇଁ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ପରେ ବି ରୋକ୍ ଲାଗୁନି ମିଛ ଖବର ଦାତା ଙ୍କ କାର୍ଯ୍ୟ କଳାପ ଉପରେ । ସେହିପରି ଆନନ୍ଦପୁର ଉପଖଣ୍ଡ ରେ ଏବେ କିଛି ତଥା କଥିତ ସାମ୍ବାଦିକ ବୋଲି ନିଜକୁ ପରିଚୟ ଦେଇ ବିଭିନ୍ନ କାର୍ଯ୍ୟଳୟ ସମ୍ମୁଖରେ ଡେରା ପକାଉ ଥିବା ଅଧିକାରୀ ମାନେ ଚର୍ଚ୍ଚା କରୁଛନ୍ତି। ବିଗତ ଦିନରେ ଉକ୍ତ ଚାନ୍ଦା ଆଦାୟକାରୀ ମାନେ ବିଭିନ୍ନ ଆଇନଗତ ମାମଲା ରେ ଜଡ଼ିତ ହୋଇ ଜେଲ ରହି କୋର୍ଟ ରୁ ବେଲ ରେ ବାହାରି ବିଭିନ୍ନ ଚକ୍ରାନ୍ତ କରି ଭାଇରାଲ କରିବାକୁ ଧମକ ଦେଉଥିବା ଶୁଣିବାକୁ ମିଳୁଛି। ଅନ୍ୟ ପକ୍ଷରେ କିଛି ଖବର କାଗଜ ବାଣ୍ଟିବା କୁ ହକର ସୀକୃତି ଆଣି ସାମ୍ବାଦିକ କହୁଥିବା ବେଳେ କେହି କୃଷକ ସାଥିରେ, କେହି ପୁଣି ଗାଡ଼ି ଭଡ଼ା କରୁ ଥିବା ଯୁବକ ମଧ୍ୟ ଆମେ ସାମ୍ବାଦିକ ବୋଲି କହି ଅଫିସ ଆଗରେ ଡେରା ପକାଉ ଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ଆଗାମୀ ଦିନରେ ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ପୋଲିସ କୁ ପ୍ରକୃତ ସୀକୃତି ମିଳିଥିବା ତଥ୍ୟ ଭିତ୍ତିକ ସୂଚନା ଦିଆଯିବା ର ଆବଶ୍ୟକତା ରହିଛି। ଯାହା ଫଳରେ ପ୍ରକୃତ ସାମ୍ବାଦିକ ମାନଙ୍କ ସ୍ୱାଭିମାନ ଅକ୍ଷୁର୍ଣ୍ଣ ରହିବା ସହ ବିଭ୍ରାନ୍ତି କାରୀ ମାନଙ୍କର ପ୍ରକୃତ ଚରିତ୍ର ଲୋକଲୋଚନ କୁ ଆସି ପାରିବ। ଦରକାର ପଡ଼ିଲେ କୌଣସି ଖବର ସରବରାହ ସଂସ୍ଥା ନାଁ ରେ ଜଦି କେହି କାହାକୁ ମାନସିକ ଯନ୍ତ୍ରଣା ଦେଉଥାଏ ତାହା ବିରୋଧ ରେ ପୋଲିସ ଦୃଢ଼ କାର୍ଯ୍ୟନଷ୍ଠାନ ଗ୍ରହଣ କରି ପାରିବ ବୋଲି ଉପଖଣ୍ଡ ପୋଲିସ ଅଧିକାରୀ କହିଛନ୍ତି।

ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ସ୍ୱାମୀ ମୃତ ଏବଂ ସ୍ତ୍ରୀ ଗୁରୁତର



କେନ୍ଦୁଝର:୦୪/୧୦(ଦିଲ୍ଲୀପ କୁମାର ସାହୁ) - ଆଜି ସକାଳେ କେନ୍ଦୁଝରଗଡ଼ ସହର ସନ୍ନିକଟ ନରଣପୁର ଘଡ଼ଘଡ଼ି ଶିବ ମନ୍ଦିର ପାଖ ରେଲୱେ ଓଭରବ୍ରିଜ ଉପରେ ଘଟିଯାଇଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଦୁର୍ଘଟଣାରେ ବାଇକରେ ଯାଉଥିବା ସ୍ୱାମୀ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ, ସ୍ତ୍ରୀ ଗୁରୁତର ହୋଇଛନ୍ତି।ପ୍ରାପ୍ତ ସୂଚନାନୁଯାୟୀ ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ବଡ ମସିଣାବିଲୁକ୍ଷ ଗ୍ରାମର ଯଶୋବନ୍ତ ଦଳେଇ (୫୦) ତାଙ୍କ ସ୍ତ୍ରୀ ଶିବାନୀ ସହିତ ବାଇକ୍ ଯୋଗେ କେନ୍ଦୁଝରଗଡ଼ ଅଭିମୁଖେ ଯାଉଥିଲେ କ୍ଷ ତେବେ ୨୦ ନମ୍ବର ଜାତୀୟ ରାଜପଥ ନରଣପୁର ଘଡ଼ଘଡ଼ି ମନ୍ଦିର ନିକଟରେ ଏକ ପିକ୍‌ଅପ ଗାଡି ଦୃତବେଗରେ ଆସି ତାଙ୍କୁ ପଛପଟରୁ ଧକ୍କା ଦେଇଥିଲା କ୍ଷ ଫଳରେ ଘଟଣାସ୍ଥଳରେ ଯଶୋବନ୍ତଙ୍କର ମୃତ୍ୟ ହୋଇଯାଇ ଥିବାବେଳେ ତାଙ୍କ ସ୍ତ୍ରୀ ଆହତ ହୋଇଛନ୍ତି କ୍ଷ ଯଶୋବନ୍ତ ବଡ ମସିଣାବିଲକ୍ଷ ଗ୍ରାମ ପଞ୍ଚାୟତ ହାଇସ୍କୁଲରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ କ୍ଷ ଉକ୍ତ ଖବରର ଗ୍ରାମରେ ଶୋକରଛାୟା ଖେଳାଇଦେଇଛି କ୍ଷ ଏହି ଖବର ପ୍ରଚାରିତ ହେବାପରେ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଶୋକାବିଭୁତ ହେବାସହ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

ଅକ୍ଟୋବର ମାସ ପାଇଁ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଘୋଷିତ



କେନ୍ଦୁଝର:୦୪/୧୦(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଅକ୍ଟୋବର ମାସ ପାଇଁ 'ଯୁଗ୍ମ ଅଭିଯୋଗ ଶୁଣାଣି' କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଓଡ଼ିଶା ସରକାରଙ୍କ ଜନ ଅଭିଯୋଗ ଓ ପେନସନ ପ୍ରଶାସନ ବିଭାଗର ନିର୍ଦ୍ଦେଶକ୍ରମେ ଆୟୋଜିତ ହେବାକୁ ଥିବା ଏହି ଶିବିରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଧାସଳଖ ଜନସାଧାରଣଙ୍କ ଅଭିଯୋଗ ଶୁଣିବେ। ଏହି ଶୁଣାଣି ସୋମବାର ଗୁଡ଼ିକ ସକାଳ ୧୦:୦୦ ଟାରୁ ଅପରାହ୍ନ ୧:୦୦ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଅନୁଯାୟୀ ୦୫ ଅକ୍ଟୋବର ୨୦୨୬ ପ୍ରଥମ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଦରବାର ହଲ ଠାରେ, ୧୨ ଅକ୍ଟୋବର ୨୦୨୬ ଦ୍ୱିତୀୟ ସୋମବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଝୁମ୍ପୁରା, ୨୬ ସେପ୍ଟେମ୍ବର ୨୦୨୬ ତୃତୀୟ ସୋମବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଟଣାଠାରେ ଅନୁଷ୍ଠିତ ହେବ। ଜନସାଧାରଣଙ୍କ ସୁବିଧା ପାଇଁ ଏହି ଶିବିରଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଶେଷ ଭାବେ ଅସୁସ୍ଥ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ବସିବା ସହ ପାନୀୟ ଜଳର ସମସ୍ତ ସୁବିଧା ଯୋଗାଇ ଦେବାକୁ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ, ଶିବିରରେ ଗ୍ରହଣ କରାଯାଉଥିବା ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ ସୂତ୍ରରେ ପକାଇବା ପାଇଁ ଏହାକୁ ସରକାରୀ 'ଜନ ଶୁଣାଣି ପୋର୍ଟାଲ' ରେ ପଞ୍ଜିକରଣ କରିବାକୁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ ରହିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଅଞ୍ଚଳବାସୀଙ୍କୁ ନିଜ ନିଜର ଅଭିଯୋଗ ନେଇ ଏହି ଶିବିରରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି।

ବିନା ଅନୁମତିରେ ବ୍ୟବସାୟିକ ଘର ଟ୍ରାଫିକ ସମସ୍ୟା ଗୁରୁତର



କେନ୍ଦୁଝର:୦୪/୧୦(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ସହରର ମେଡିକାଲ ରୋଡରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଲାଗିରହିଥିବା ବେଳେ, ଉକ୍ତ ରାସ୍ତାପାର୍ଶ୍ୱରେ ବିନା ଅନୁମତିରେ ଏକ ବ୍ୟବସାୟିକ ଘର ନିର୍ମାଣ ପୌର ପ୍ରଶାସନ ପାଇଁ ଚିନ୍ତାର ବିଷୟ ହୋଇଛି । ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଏକ ଘରୋଇ ପ୍ଲାନ ଅନୁମୋଦନ ଥିବା କୋଠାରେ ଏକ ହୋଟେଲ ଖୋଲିବା ପାଇଁ ପ୍ରସ୍ତୁତି ଚାଲିଛି । ଏହା ଆଜି ଉଦ୍‌ଘାଟନ ହେବ ବୋଲି ଜଣାପଡିଛି। ସେହି ବ୍ୟବସାୟିକ କୋଠାରେ ପାର୍କିଂ ବ୍ୟବସ୍ଥା ନଥାଇ ହୋଟେଲ ଖୋଲିଲେ ଅଧିକ ସମସ୍ୟା ସୃଷ୍ଟି କରିବ। ସେହିପରି ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଏହି ହୋଟେଲ ଖୋଲିଲେ ପିଲାମାନଙ୍କ ପାଠ ପଢାରେ ବ୍ୟାଘାତ ସୃଷ୍ଟି ହେବାର ଆଶଙ୍କା ରହିଛି। ଏଠାରେ ସୂଚନାଯୋଗ୍ୟ ଯେ, ଉକ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବାଳିକା ଛାତ୍ରୀନିବାସ ରହିଛି । ହୋଟେଲ ହେଲେ ଭିତଜମି ଅନ୍ତେବାସୀ ନାବାଳିକା ଛାତ୍ରୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ ନିଶ୍ଚୟ। ସେଠାରେ ଏବେ ହୋଟେଲ ନଥାଇ ସ୍କୁଲ ନିକଟରେ ସବୁବେଳେ ଭିଡ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି । ଏଭଳି ସମସ୍ୟା ଯୋଗୁଁ ପୂର୍ବରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟାଉନ ଥାନା ଅଧିକାରୀ ଏବଂ କେନ୍ଦୁଝରଗଡ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ପ୍ରଧାନ ଶିକ୍ଷକ ଲିଖିତ ଭାବେ ଜଣାଇବା ପରେ ସ୍କୁଲ ସମ୍ମୁଖରୁ ବ୍ୟବସାୟୀଙ୍କୁ ହଟାଯାଇଥିଲା । ଏହାଛଡା ସ୍କୁଲ ସମ୍ମୁଖରେ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର ଷ୍ଟଲ ଯଥା ହସ୍ତକଳା ପ୍ରଦର୍ଶନୀ, ମହିଳା ସାମଗ୍ରୀ ବିକ୍ରୀ, ଏସଏଚ୍‌ଜିଙ୍କ ଦ୍ୱାରା ଖାଦ୍ୟ ସାମଗ୍ରୀ ବିକ୍ରୀପାଇଁ ଷ୍ଟଲ ଆଦି ଖୋଲାଯାଏ । ଏଣୁ ଉକ୍ତ ସ୍ଥାନରେ ହୋଟେଲ ହେଲେ ଅଧିକ ଭିଡ ହୋଇ ଟ୍ରାଫିକ ସମସ୍ୟା ଗୁରୁତର ହେବା ସହ ପିଲାଙ୍କ ପାଠ ପଢାରେ ବ୍ୟାଘାତ ସୃଷ୍ଟିହେବ। ହୋଟେଲ ହେଲେ ବହୁ ସଂଖ୍ୟାରେ ଗାଡିମୋଟର ରାସ୍ତା ଉପରେ ରହିବ ଏବଂ ଗାଡି ଚଳାଚଳରେ ସମସ୍ୟା ସୃଷ୍ଟି କରିବ। ବେଆଇନ ଭଣ୍ଡା ବ୍ୟାବସାୟିକ ଅନୁମୋଦନ ନଥାଇ ହୋଟେଲ ଉଦ୍‌ଘାଟନ ହେଉଥିବା ବେଳେ, ସ୍ଥାନୀୟ ପୌର ପ୍ରଶାସନ ନିରବଦ୍ରଷ୍ଟା ସାଜିବା ଭିନ୍ନ ଏକ ଦି ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ଯଦି ହୋଟେଲ୍ ମାଲିକ ଘରୋଇ ନକ୍ସା ଅନୁମୋଦନ ଆଣି ସେହି ସ୍ଥାନକୁ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରୁଛନ୍ତି କିମ୍ବା ପାର୍କିଙ୍ଗ୍ ବ୍ୟବସ୍ଥା ଆଦୌ କରିନାହାନ୍ତି, ତେବେ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ ଏବଂ ଓଡ଼ିଶା ମ୍ୟୁନିସିପାଲ କର୍ପୋରେସନ ଆକ୍ଟ ଅନୁସାରେ ସେହି ହୋଟେଲ୍ ବା ବ୍ୟାବସାୟିକ କୋଠାକୁ ବେଆଇନ ଘୋଷଣା କରାଯାଇ ସିଲ୍ କରାଯାଇପାରିବ। ଗୁରୁତର ଉଲ୍ଲଂଘନ କ୍ଷେତ୍ରରେ ବେଆଇନ କୋଠାକୁ ଭାଙ୍ଗିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇପାରେ। ପ୍ରଶାସନ ପଦକ୍ଷେପ ନନେଲେ ଆଗାମି ଦିନରେ ଟ୍ରାଫିକ ସମସ୍ୟା ଯୋଗୁଁ ଆମ୍ବୁଲାନ୍ସ, ସ୍କୁଲ ଗାଡି ଯିବା ଆସିବାରେ ସମସ୍ୟା ହେବ। ଏନେଇ ପ୍ରକଳ୍ପ ନିର୍ଦ୍ଦେଶକ ସହରାଞ୍ଚଳ ଉନ୍ନୟନ ସଂସ୍ଥା ସୁକାନ୍ତ ମାଝୀଙ୍କୁ ପଚାରିବାରୁ ପାର୍କିଂ ବ୍ୟବସ୍ଥା ନଥିଲେ ପୌରପାଳିକା ପକ୍ଷରୁ ବାଣିଜ୍ୟିକ ବିଲ୍ଡିଂ ପ୍ଲାନ ଅନୁମୋଦନ ଦିଆଯିବ ନାହିଁ। ବିନା ଅନୁମତିରେ ମେଘା ହେରିଟେଜ ହୋଟେଲ ବ୍ୟବସାୟ ଆରମ୍ଭ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ବ୍ୟକ୍ତିଙ୍କ ପରଲୋକ

ହାଟଡିହି ୦୪/୧୦ (ଅମୀୟବରାଳ) - ହାଟଡିହି ବ୍ଲକ ବଞ୍ଚୋ ଗ୍ରାମର ତଉଲି ବରାଳ ୯୬ ବର୍ଷର ବୟଜ୍ୟେଷ୍ଠ ବ୍ୟକ୍ତିଙ୍କ ପରୋଲକ ହୋଇଯାଇଛି।ସେ ଜଣେ ପରିଶ୍ରମୀ ସଫଳ ଚାଷୀ ଭାବେ ନିଜର ପରିଚୟ ସୃଷ୍ଟି କରିଥିଲେ।ଦୀର୍ଘ ଜୀବନକାଳ ମଧ୍ୟରେ ଶ୍ରୀ ବରାଳ ନିଜ ପରିବାର ସହିତ କୃଷିକାର୍ଯ୍ୟକୁ ଆପଣାଇ ନିଷ୍ଠା ଓ ପରିଶ୍ରମର ସହିତ ଜୀବନ ଅତିବାହିତ କରିଥିଲେ। ତାଙ୍କର ସରଳ ଜୀବନଶୈଳୀ, ପରିଶ୍ରମୀ ମନୋଭାବ ,ମେଳାପୀ ଓ ମିଷ୍ଟଭାଷୀ ସ୍ୱଭାବ ପାଇଁ ସେ ପରିବାରବର୍ଗ ଓ ଗ୍ରାମବାସୀଙ୍କ ନିକଟରେ ଗ୍ରହଣୀୟ ଥିଲେ। ତାଙ୍କ ବିୟୋଗରେ ପରିବାର ଜଣେ ମୁଖ୍ୟ ଅଭିଭାବକଙ୍କୁ ହରାଇଥିବାବେଳେ ମୃତ୍ୟୁ ସମୟରେ ବଡ଼ ପୁଅ ବିଷ୍ଣୁ ପ୍ରସାଦ ବରାଳ, ସାନ ପୁଅ ବିନୋଦ ବରାଳ, ଝିଅ ଝୁନୁଲତା ବରାଳ, ନାତି ଜ୍ୟୋତି ବରାଳ, ବିଶ୍ୱଜିତ ବରାଳ ଓ ସୁବାଶିଷ ବରାଳଙ୍କ ଉପସ୍ଥିତ ଥିବା ବେଳେ ଆତ୍ମୀୟସ୍ୱଜନଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପା

ଅସନ ଅର୍ଜୁନ ଗଛ ଥିବା ସ୍ଥାନରେ ପୁଣି ଚାରାରୋପଣ

ହରିଚନ୍ଦନପୁର, ୦୪/୧୦ (ଶୂନ୍ୟରଞ୍ଜନ ଘଣା): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ସୁନାଟାଙ୍ଗିରି ଗ୍ରାମ ପଞ୍ଚାୟତର ସୁନାଟାଙ୍ଗିରି ଗ୍ରାମରେ 'ଏକ ପେଡ୍ ମା କେ ନାମ' ପ୍ଲାଣ୍ଟେସନ ଡ୍ରାଇଭ୍ ଅଧୀନରେ ଚାରାରୋପଣକୁ ନେଇ ପ୍ରଶ୍ନ ଉଠିଛି ।ଗତ ୦୯/୦୯/୨୦୨୬ ତାରିଖରେ ପାରାବାସ ଚିକିଣିଆ ହୁଡ଼ି ତଳ ପଦାରେ ଚାରାରୋପଣ କରାଯାଇଥିବା ବେଳେ, ଚାରାରୋପଣ ଆରମ୍ଭ ପୂର୍ବରୁ ଉକ୍ତ ସ୍ଥାନରେ ଅସନ ଓ ଅର୍ଜୁନ ଭଳି ଗଛ ରହିଥିବା ଅଭିଯୋଗ ହୋଇଛି । ଏହା ସତ୍ତ୍ୱେ ସେହି ସ୍ଥାନରେ ପୁନର୍ବାର ଚାରାରୋପଣ କିଭଳି କରାଗଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ।ଚାରାରୋପଣ ପାଇଁ କେଉଁ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିଥିଲେ ଏବଂ କାହା ନିର୍ଦ୍ଦେଶ କିମ୍ବା ଅନୁମତିକ୍ରମେ ଏହି ସ୍ଥାନରେ ଚାରାରୋପଣ କରାଗଲା, ତାହା ସ୍ପଷ୍ଟ କରିବାକୁ ସାଧାରଣରେ ଦାବି ହେଉଛି ।

୨୨ ବର୍ଷର ସମବାୟ କେଳେଙ୍କାରୀର 'ମାଷ୍ଟରମାଇଣ୍ଡ'ଙ୍କ ବଦଳି
ପୁରୀରୁ ରାୟଗଡ଼ାକୁ ଗଲେ ଏଏଆରସିଏସ୍

ନିମାପଡା/ଗୋପ:୦୪/୧୦(ସନ୍ତୋଷ କୁମାର ଭୋଳ) ପୁରୀ ଜିଲ୍ଲା ସମବାୟ କ୍ଷେତ୍ରରେ ଦୀର୍ଘ ୨୨ ବର୍ଷରୁ ଅଧିକ ସମୟ ଧରି ରହିଥିବା ବିବାଦ ଓ ଅଭିଯୋଗ ମଧ୍ୟରେ ଏକ ବଡ଼ ପ୍ରଶାସନିକ ପଦକ୍ଷେପ ନିଆଯାଇଛି । ପୁରୀର ଏଏଆରସିଏସ୍ ସନାତନ ବେହେରାଙ୍କୁ ପୁରୀରୁ ରାୟଗଡ଼ା ବିଭାଗକୁ ବଦଳି

ଅକ୍ଷର ଓଡିଶାର ପ୍ରଭାବ

କରାଯାଇଛି ।ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ପୁରୀ ଡିଏଲପିସିର ଚାଷୀ ପ୍ରତିନିଧି ପ୍ରଶାନ୍ତ ସ୍ୱାଇଁ(ଲୁଲୁ)ଙ୍କ ପକ୍ଷରୁ ସମବାୟ ବିଭାଗର ଆରସିଏସ୍ଙ୍କ ନିକଟରେ ଦାଖଲ ହୋଇଥିବା ବିଭିନ୍ନ ଅଭିଯୋଗ ପରେ ଏହି ବଦଳିକୁ ନେଇ ଚର୍ଚ୍ଚା ଜୋର ଧରିଛି ।ଶ୍ରୀ ସ୍ୱାଇଁ ତାଙ୍କ ଅଭିଯୋଗରେ ସମବାୟ କ୍ଷେତ୍ରରେ ଦୁର୍ନୀତି, ଅନିୟମିତତା, ନିଯୁକ୍ତି ଓ ପଦୋନ୍ନତିରେ ଅନିୟମିତତା, ମଣ୍ଡି ସମ୍ପର୍କିତ ଅଭିଯୋଗ ଏବଂ ଆୟ ବହିର୍ଭୂତ ସମ୍ପତ୍ତି ସମ୍ପର୍କରେ ତଦନ୍ତ ଦାବି କରିଥିବା ଜଣାପଡ଼ିଛି ।'୨୨ ବର୍ଷର ସମବାୟ କେଳେଙ୍କାରୀର ମାଷ୍ଟରମାଇଣ୍ଡ' ବୋଲି ଶ୍ରୀ ବେହେରାଙ୍କ ବିରୋଧରେରାଜନୈତିକ ଓ କୃଷକ ମହଲରେ ଅଭିଯୋଗ ଉଠିଥିଲା । ତେବେ ଏହି ସମସ୍ତ ଅଭିଯୋଗର ସତ୍ୟତା ନିର୍ଦ୍ଧାରଣ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ।ଦୀର୍ଘ ସମୟ ଧରି ଜଣେ ଅଧିକାରୀ ନିଜ ଗୃହ ଜିଲ୍ଲାରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିବା ଏବଂ ବ୍ୟାପକ ପ୍ରଭାବ ରହିବା ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା । ପୁରୀ ଜିଲ୍ଲାର ବହୁ ସମବାୟ ସମିତି ଓ ପ୍ୟାକ୍ସ ସହ ତାଙ୍କର ଦୀର୍ଘଦିନର ପ୍ରଶାସନିକ ସମ୍ପର୍କକୁ ନେଇ ମଧ୍ୟ ଅଭିଯୋଗ ହୋଇଥିଲା ।ଏବେ ରାୟଗଡ଼ାକୁ ବଦଳି ପରେ ପୁରୀ ଜିଲ୍ଲାର ସମବାୟ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ନିରପେକ୍ଷତା ବଢ଼ିବବୋଲି ଚାଷୀ ମହଲ ଆଶା ପ୍ରକାଶ କରିଛନ୍ତି । ଏଥିସହ ଅଭିଯୋଗଗୁଡ଼ିକର ନିରପେକ୍ଷ ତଦନ୍ତ କରି ଯଦି ଅନିୟମିତତା ପ୍ରମାଣିତ ହୁଏ, ତେବେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନାନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଦାବି ଉଠିଛି । ପ୍ରଶାନ୍ତ ସ୍ୱାଇଁ କହିଛନ୍ତି ଯେ, ଚାଷୀଙ୍କ ସ୍ୱାର୍ଥ ଓ ସମବାୟ ବ୍ୟବସ୍ଥାର ସ୍ୱଚ୍ଛତା ପାଇଁ ତାଙ୍କର ଲଢ଼େଇ ଜାରି ରହିବ । ଏହା କୌଣସି ବ୍ୟକ୍ତିବିଶେଷ ବିରୋଧରେ ନୁହେଁ; ବରଂ ସମବାୟ ବ୍ୟବସ୍ଥାକୁ ଦୁର୍ନୀତିମୁକ୍ତ ଓ ଚାଷୀଙ୍କ ପ୍ରତି ଉତ୍ତରଦାୟୀ କରିବା ହିଁ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି ।

ରଣପୁର ପଞ୍ଚାୟତ ସମିତି ପକ୍ଷରୁ ସେବା ସଂକଳ୍ପ ଅଭିଯାନ



ରଣପୁର ୪/୧୦(ଅକ୍ଷର ଓଡିଶା) ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗନିର୍ଦ୍ଦେଶକ୍ରମେ ଓ ରଣପୁର ପଞ୍ଚାୟତ ସମିତି ଆନୁକୂଲ୍ୟରେ ଏବଂ ରଣପୁର ମଣ୍ଡଳ ଉନ୍ନୟନ ଅଧିକାରୀ ମନୋଜ କୁମାର ନାୟକଙ୍କ ଆବାହକତ୍ୱରେ ଶନିବାର ଦିନ କାସନ୍ଦ ପଞ୍ଚାୟତରେ ସେବା ସଂକଳ୍ପ ଅଭିଯାନ ୨୦୨୬ଅନୁଷ୍ଠିତ ହୋଇଯାଇଅଛି ! ଏହି କାର୍ଯ୍ୟକ୍ରମ ୧ରୁ ୬ଅକ୍ଟୋବର ପର୍ଯ୍ୟନ୍ତ ପଥପ୍ରାନ୍ତ ନାଟକ ମାଧ୍ୟମରେ ଗ୍ରାମାଞ୍ଚଳର ଲୋକମାନଙ୍କୁ ସଚେତନତା କରାଯିବ ! ଏହି ସଚେତନତା କାର୍ଯ୍ୟକ୍ରମକୁ ବାକ୍ସମୁଣ୍ଡା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ କୁମାର ବଳିୟାରସିଂହଙ୍କ ସଂଯୋଜନାରେ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଯଥା - ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୂର୍ଯ୍ୟ ଘର ଯୋଜନା,ୟୁପିଆଇ ସୁବିଧା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ସ୍ୱାସ୍ଥ୍ୟ ସଚେତନତା, ଗ୍ରାମ୍ୟ ପରିମଳ, ଆଲୋକୀକରଣ, ସମ୍ପର୍କରେ ଗ୍ରାମାଞ୍ଚଳର ଲୋକମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ନିରବଚ୍ଛିନ୍ନ ସାର୍ବଜନୀନ ଜୀବନ, ଲୋକସେବା ଏବଂ ରାଷ୍ଟ୍ର ନିର୍ମାଣ ଯାତ୍ରାକୁ ସମ୍ମାନ ଜଣାଇବାଏହାର ମୁଖ୍ୟ ଲକ୍ଷ୍ୟ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ (ସେପ୍ଟେମ୍ବର ୧୭) ଅବସରରେ ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି ଏହା ୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଦୀର୍ଘ ଏକ ମାସ ଧରି ଚାଲିବ ।୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସାଧାରଣ ଜନତା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ।ଏହି ପଥପ୍ରାନ୍ତ ନାଟକ କାର୍ଯ୍ୟକ୍ରମକୁ କାସନ୍ଦ ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି କୃଷ୍ଣ ଚନ୍ଦ୍ର ସାମନ୍ତରାୟ ସହଯୋଗ କରି ପରିଚାଳନା କରିଥିଲେ ! କେନ୍ଦ୍ର ଓ ରାଜ୍ୟ ବିଜେପି ସରକାରଙ୍କଜନ ସଚେତନତା କାର୍ଯ୍ୟକ୍ରମକୁ କାସନ୍ଦ ଗ୍ରାମବାସୀ ମାନେ ଭୁୟସୀ ପ୍ରଶଂସା କରିଥିଲେ !

ସରସ୍ୱତୀ ଶିଶୁ ମନ୍ଦିର ତୁକଲା ଠାରେ ମାତୃ କର୍ମଶାଳା ଅନୁଷ୍ଠିତ



ନୂଆପଡା ୦୪/୧୦(ଅକ୍ଷର ଓଡିଶା) ରବିବାର ଦିନ ସରସ୍ୱତୀ ଶିଶୁ ମନ୍ଦିର, ତୁକଲା ଠାରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଶ୍ରୀମତୀ ମୀନାକୁମାରି ଅଗ୍ରୱାଲ (ଅବସର ପ୍ରାପ୍ତ ସିଡ଼ିପିଓ), ପରିଚାଳନା କମିଟି ଉପ - ସଭାପତି ଉମାକାନ୍ତ ପଧାନ, ବିଦ୍ୟତ ପରିଷଦ ଅଧକ୍ଷ ସଂଜୀବ କୁମାର ଦାଶ, ଦାୟିତ୍ୱରେ ଥିବା ପ୍ରଧାନ ଆଚାର୍ଯ୍ୟ ହେରମ୍ବ ମେହେର, ଶିଶୁ ବାଟିକା ପ୍ରମୁଖ ମନମୋହନ ସିଂହ ବାବୁ ଉପସ୍ଥିତ ରହି ଶିଶୁଙ୍କ ଉନ୍ନତିରେ ମାଆ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନା କରିଥିଲେ । ଉକ୍ତ ସମ୍ମିଳନୀରେ ମୋଟ ୬୫ ଜଣ ମାଆଙ୍କ ସମେତ ଶିଶୁ ଭାଇ ଭଉଣୀ ତଥା ଶୁଭେଚ୍ଛୁ ଉପସ୍ଥିତ ରହିଥିଲେ । ଏହି କର୍ମଶାଳାରେ ମାଆ ମାନଙ୍କୁ କିଛି ଶିଶୁ ଉପଯୋଗୀ ଖେଳ ଖେଳା ଯାଇଥିଲା କ୍ଷ ପରବର୍ତ୍ତୀ ସମୟରେ ଶାରୀରିକ , ବୌଦ୍ଧିକ କାଳାଂଶ ଓ ହସ୍ତକର୍ମ କାଳାଂଶ ହୋଇଥିଲା । ଏହି କାଳାଂଶ ଗୁଡିକୁ ଲୋପିତା ଗୁରୁମା , ରାଜେଶ୍ୱରୀ ଗୁରୁମା , ସଞ୍ଜିତା ଗୁରୁମା ଓ ଭାଗ୍ୟଶ୍ରୀ ଗୁରୁମା ଆଗେଇ ନେଇଥିଲେ । ଶେଷରେ ମାଆ ମାନଙ୍କର ମାଠିଆ ଭାଙ୍ଗିବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାରେ ରମାକାନ୍ତ ଗୁରୁଜୀ, ବୈବସୂତ ଗୁରୁଜୀ , ସଞ୍ଜୟ ଗୁରୁଜୀ , ତରୁଣ ଗୁରୁଜୀ , ଶ୍ୱେତା ଗୁରୁମା , ଅର୍ପିତା ଗୁରୁମା , ବିଳାସିନୀ ଗୁରୁମା ତଥା ସେବକ ସେବିକା ସହଯୋଗ କରି କାର୍ଯ୍ୟକ୍ରମଟିକୁ ସାଫଲ୍ୟମଣ୍ଡିତ କରିଥିଲେ ।

ଲକ୍ଷ୍ମୀପୁରରେ ଚୋରି ବଢୁଛି

ଜଗନାଥ ମନ୍ଦିରରୁ ବିଳମ୍ବିତ ରାତିରେ ଚୋରି

ଲକ୍ଷ୍ମୀପୁର ୦୪/୧୦ (ଅକ୍ଷର ଓଡିଶା)ଲକ୍ଷ୍ମୀପୁର ବ୍ଲକ୍ ରେ ଚୋରି ବଢ଼ିବାରେ ଲାଗିଛି । ଲକ୍ଷ୍ମୀପୁର ଜଗନ୍ନାଥ ମନ୍ଦିର ରେ ଚୋରି କରିବାକୁ ସାହସ କରିଛନ୍ତି ଚୋର ।ମନ୍ଦିର ଭିତରେ ପଶି ସମସ୍ତ ଜିନିଷ ପତ୍ର ଛାରଖାର କରି ତିନଟି ହୁଣ୍ଡୀ ଓ ଦୁଇଟି ଆଲମିରା ଭାଙ୍ଗିବା ସହିତ ଲକ୍ଷ୍ମୀ ମନ୍ଦିର ପିଣ୍ଡାରେ ଥିବା ଏକ ହୁଣ୍ଡୀ ଭାଙ୍ଗି ଫେରାର ହୋଇ ଯାଇଛନ୍ତି । ସକାଳୁ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜାରୀ ଅଚିନ୍ତା ମଣି ଶତପଥୀ ଠାକୁର ଙ୍କ ପୂଜା ପାଇଁ ଯାଇ ମନ୍ଦିର କବାଟର ତାଲା ଭାଙ୍ଗି ତଳେ ପଡ଼ିଥିବା ଦେଖିଥିଲେ ।ମନ୍ଦିର ଭିତରେ ଚୋରି ହୋଇଥିବା ଜାଣି ପାରି କମିଟି ବାଲାଙ୍କୁ ଜଣାଇଥିଲେ । ଘଟଣା ସ୍ଥଳରେ ମନ୍ଦିର କମିଟି ସଦସ୍ୟ ମାନେ ପହଁଞ୍ଚି ପୋଲିସକୁ ଖବର ଦେଇଥିଲେ ।ଉପଖଣ୍ଡ ଆରକ୍ଷୀ ଅଧିକାରୀ ମନୋଜ ବେହେରା,ଏସଆଇ ରଞ୍ଜିତ ମିଶ୍ର, ଶାନ୍ତିଲତା ବେହେରା ଓଏଏସଆଇ ରମେଶ କିନ୍ତାଲୁ ପହଁଞ୍ଚି ସିସି ଟିଭି ଯାଞ୍ଚ କରିଥିଲେ ।ମନ୍ଦିର ରେ ଥିବା ଆଠଟି ସିସି କ୍ୟାମେରା ମଧ୍ୟରୁ ଦୁଇଟି କ୍ୟାମେରା ଉପରେ ନାଲି କପଡା ପକେଇ ତିନି ଦୁର୍ବୁତ୍ତ ହାତରେ ଲୁହା ରଡ଼ ଧରି ମନ୍ଦିର ଭିତରେ ପଶି ଚୋରି କରୁଥିବା ଦୃଶ୍ୟ ସିସି ଟିଭିରେ ଦେଖିବାକୁ ପାଇଥିଲେ ।ପରେ ସାଇଣ୍ଟିଫିକ ଟିମ ପହଁଞ୍ଚି ହାତ ଚିହ୍ନ ଓ ପାଦ ଚିହ୍ନ ନେଇ ଫେରି ଯାଇଛନ୍ତି ।ରାତି ବାରଟାରୁ ସାଢେ ବାରରଟା ମଧ୍ୟରେ ଚୋରି ହୋଇଥିବା ସିସି ଟିଭି ରୁ ଜଣା ପଡିଛି ।ରାତ୍ରି କାଳୀନ ପେଟ୍ରୋଲିଙ୍ଗ ଥାଇବି ନିର୍ଭୟରେ ଚୋର ଚୋରି କରି ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ।

ନାକଟିସିମଡାରୁ ଲେଣ୍ଡିବେଢା ରାସ୍ତା ନାଁରେ ଦୁର୍ଦ୍ଦଶା




ରାଇଘର: :୦୪/୧୦(ଭୁବନେଶ୍ୱର ସୁନାନୀ) ବିକାଶର ପ୍ରଥମ ପରିଚୟ ହେଉଛି ଭଲ ରାସ୍ତା । ହେଲେ ନାକଟିସିମଡାରୁ ଲେଣ୍ଡିବେଢାକୁ ଯାଇଥିବା ରାସ୍ତା ଆଜି ଅବହେଳାର ଏକ ଚିତ୍ର ପାଲଟିଛି । ଯେଉଁ ରାସ୍ତା ଦେଇ ଲୋକଙ୍କ ଜୀବନ ସହଜ ହେବା କଥା, ସେହି ରାସ୍ତା ଏବେ ଯାତାୟାତ ପାଇଁ ମରଣଯନ୍ତ୍ରା ପାଲଟିଛି । ରାସ୍ତା ଆବଶ୍ୟକତା ଥିବା ସ୍ଥାନରେ ଆଜି ବି ଠିକ୍ ଭାବେ ରାସ୍ତା ନଥିବାରୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକେ ମୌଳିକ ଯାତାୟାତ ସୁବିଧାରୁ ବଞ୍ଚିତ ହେଉଛନ୍ତି ।ବର୍ଷା ହେଲେ ସମସ୍ୟା ଆହୁରି ଗମ୍ଭୀର ହୋଇପଡୁଛି । ଖାଲଖମା, କାଦୁଅ ଓ ଅସମତଳ ରାସ୍ତାରେ ଯାତାୟାତ କରିବା ଲୋକଙ୍କ ପାଇଁ ବିପଦପୂର୍ଣ୍ଣ ହୋଇଯାଉଛି । ରୋଗୀଙ୍କୁ ଡାକ୍ତରଖାନା ନେବାଠାରୁ ଆରମ୍ଭ କରି ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟ ଯାତାୟାତ, ଚାଷୀଙ୍କ ଉତ୍ପାଦ ବଜାରକୁ ନେବା ସବୁଥିରେ ରାସ୍ତା ଅଭାବ ବଡ଼ ବାଧା ସୃଷ୍ଟି କରୁଛି ।ସରକାର ଦୁର୍ଗମ ଓ ଆଦିବାସୀ ଅଞ୍ଚଳର ବିକାଶ ପାଇଁ ଅନେକ ଯୋଜନା କରୁଥିବା ବେଳେ ନାକଟିସିମଡା ଲେଣ୍ଡିବେଢା ରାସ୍ତାର ଅବସ୍ଥା ସେହି ବିକାଶର ବାସ୍ତବ ଚିତ୍ରକୁ ନେଇ ପ୍ରଶ୍ନ ଉଠାଉଛି । ଏହି ଅଞ୍ଚଳର ଲୋକଙ୍କ ପାଖରେ ବିକାଶ କେବେ ପହଞ୍ଚିବଲୋକଙ୍କ ଦାବି, ତୁରନ୍ତ ଏହି ରାସ୍ତାର ସ୍ଥିତି ଅନୁଧ୍ୟାନ କରାଯାଇ ଆବଶ୍ୟକ ସ୍ଥାନରେ ନୂଆ ରାସ୍ତା ନିର୍ମାଣ ସହ ଖରାପ ରାସ୍ତାର ମରାମତି କରାଯାଉ । କାରଣ ରାସ୍ତା କେବଳ ମାଟି ଉପରେ ପଡ଼ିଥିବା ପିଚୁ ନୁହେଁ ଏହା ଏକ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ଭବିଷ୍ୟତକୁ ଯୋଡ଼ିଥିବା ବିକାଶର ବାଟ ।

କ୍ୟାରିୟର ଗଠନ ସହ ବ୍ୟକ୍ତିତ୍ୱ ବିକାଶ ଉପରେ ଗୁରୁତ୍ୱ

ବେଲଗୁଣ୍ଠା୦୪/୧୦ (ଅକ୍ଷର ଓଡିଶା) କ୍ଷତ୍ରିୟବରପୁରସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତିକରଣ ସେଲ୍ ପକ୍ଷରୁ 'କ୍ୟାରିୟର କାଉନସେଲିଂ ଏବଂ ବ୍ୟକ୍ତିତ୍ୱ ବିକାଶ' ଶୀର୍ଷକ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଗିରିଧର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳା ଉଦ୍ୟୋଗୀ ପି. ସ୍ୱାତୀ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ନିଜ ଉଦ୍ୟୋଗୀ ଜୀବନର ସଫଳତା ଓ ଅଭିଜ୍ଞତା ସମ୍ପର୍କରେ ଅବଗତ କରାଇଥିଲେ ।ଏହି ଅବସରରେ ଅଧ୍ୟକ୍ଷ ଡ. ନାୟକ ଛାତ୍ରୀମାନେ କେବଳ ପାଠପଢ଼ାରେ ସୀମିତ ନରହି ନିଜ ଯୋଗ୍ୟତା ଓ ଦକ୍ଷତାକୁ ଚିହ୍ନଟ କରି ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ଉଦ୍ୟୋଗୀ ଭାବେ ଆତ୍ମନିର୍ଭର ହେବା ସହ ବ୍ୟକ୍ତିତ୍ୱ ବିକାଶର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ ।ସଂଯୋଜିକା ଧରିତ୍ରୀରାଣୀ ବିଶାଇଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଚାଲିଥିବା ବେଳେ ସହ-ସଂଯୋଜିକା ଅନୀତାପ୍ରିୟାଠା ଧନ୍ୟବାଦ ଅର୍ପଣ କରିଥିଲେ।

ଲୁଚିଛି ନା ଗୋଡ ଦୁଇଟା ଦିଶୁଛି

ପୁରୁଣା ରାସ୍ତାରେ ନୂଆ ଫଳକ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ଅଭିଯୋଗ



ଛକ ଠାରୁ ବଙ୍ଗଳା ଗଡିଆ ପର୍ଯ୍ୟନ୍ତ ଢଳେଇ ରାସ୍ତା ମରାମତି ନାମରେ ୧ଲକ୍ଷ ୫ହଜାର ୬୬୭ଟଙ୍କା , ଗଙ୍ଗାରାୟ ଛକ ଠାରୁ ଭାଷ୍କର ରାୟ କଲଭଟ ପର୍ଯ୍ୟନ୍ତ ଢଳେଇ ମରାମତି ପାଇଁ ୧ଲକ୍ଷ ୨୭ହଜାର ୨୮୧ଟଙ୍କା, ଦାରା ଘର ଠାରୁ ସନଓ୍ୱର ଛକ ପର୍ଯ୍ୟନ୍ତ ଗାର୍ଡଓ୍ୱାଲ ନିର୍ମାଣ ନିମନ୍ତେ ୧ଲକ୍ଷ ୨୬ହଜାର ୭୫୦ଟଙ୍କା, ଦାରା ଘର ଠାରୁ ସନଓ୍ୱର ଛକ ପର୍ଯ୍ୟନ୍ତ ପୁନର୍ବାର ୧ଲକ୍ଷ ୨୬ହଜାର ୮୫୧ଟଙ୍କା ଏବଂ ସନଓ୍ୱର ଛକ ଠାରୁ ସବଷ୍ଟେସନ ଛକ ପର୍ଯ୍ୟନ୍ତ ଢଳେଇ ରାସ୍ତା ମରାମତି ନାମରେ ୧ଲକ୍ଷ ୬୮ ହଜାର ୯୨୫ଟଙ୍କା ସରକାରୀ ରାଜକୋଷରୁ ଲୁଟି ନିଆଯାଇଥିବାର ଅଭିଯୋଗ ହୋଇଛି । ଏହି ସମସ୍ତ କାର୍ଯ୍ୟ ଗୋଟିଏ ଗାଁରେ କରାଯାଇଥିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ତେବେ ଏହି ପଂଚାୟତର ଅନ୍ୟ ଗ୍ରାମମାନଙ୍କରେ କେତେ ପରିମାଣର ଦୁର୍ନୀତି ହୋଇଥିବ ତାହା ସହଜେ ଅନୁମେୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତେବେ ସମସ୍ତ ପ୍ରକ୍ଲପ ଗୁଡିକ ପୁରୁଣା ହୋଇଥିଲା ବେଳେ ବହୁ ସ୍ଥାନରେ ପୁରୁଣା ଢଳେଇ ରାସ୍ତା ଫାଟି ନଷ୍ଟ ହୋଇଯାଇଥିବାର ଦେଖିବାକୁ ମିଳିଛି । ଏହି ପୁରୁଣା ରାସ୍ତା ଓ ଗାର୍ଡଓ୍ୱାଲକୁ ନୂତନ ଭାବେ କରାଯାଇଥିବାର ଦର୍ଶାଯାଇ ସରକାରୀ ରାଜକୋଷରୁ ଏହି ଅର୍ଥ ଲୁଟ କରାଯାଇଥିବାର ଅଭିଯୋଗ ହୋଇଛି । ଏହି ସମସ୍ତ ପ୍ରକଳ୍ପର କାର୍ଯ୍ୟାଦେଶ ବ୍ଲକର ଜଣେ ବହୁ ଚର୍ଚ୍ଚିତ ଯନ୍ତ୍ରୀଙ୍କ ନାମରେ ରହିଥିବାର ଜଣାଯାଇଛି ।

ଭିଜିଲାନ୍ସ ତଦନ୍ତ ଦାବି କଲା 'ଚାରିଛକ ବିକାଶ ମଞ୍ଚ'

ପ୍ରଶାସନିକ ଅଧିକାରୀ ଓ କିଛି ଅସାଧୁ ବ୍ୟକ୍ତିଙ୍କ ମଧୁଚନ୍ଦ୍ରିକାରେ ପୁଣିଥରେ ସେହି ଜରାଜୀର୍ଣ୍ଣ ପୁରୁଣା ଛାତକୁ ଭାଙ୍ଗି ନୂଆ ରୂପ ଦେବା ନାଁରେ କାମ ଆରମ୍ଭ ହୋଇଛି । ଏହାକୁ ନେଇ ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣଙ୍କ ମହଲରେ ବଡ଼ଧରଣର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ଗୋଟିଏ ପଟେ ସରକାରୀ ସ୍ତରରେ ନୂତନ କୋଠା ନିର୍ମାଣ ପାଇଁ ଯୋଜନା ଓ ପ୍ରକ୍ରିୟା ଚାଲିଥିବାବେଳେ, ଅନ୍ୟପଟେ ଏହି ଅଦରକାରୀ ପୁରୁଣା ଛାତକୁ ଆଖୁଡ଼ି ଲକ୍ଷ ଲକ୍ଷ ଟଙ୍କା ପାଣିପାଗ ଭଳି ଖର୍ଚ୍ଚ କରିବା ପଛର ଉଦ୍ଦେଶ୍ୟ କ'ଣ—ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଏହା କେବଳ ସରକାରୀ ପାଣ୍ଠିର ବ୍ରଟ୍ ଅପବ୍ୟୟ ଏବଂ ଏକ ବଡ଼ଧରଣର ଦୁର୍ନୀତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ।ତେଣୁ ଏହି ସମଗ୍ର ଘଟଣାରେ ହୋଇଥିବା ଅର୍ଥ ହେରଫେର ଓ ଦୁର୍ନୀତିର ପର୍ଦ୍ଦାଫାଶ ପାଇଁ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତ କରାଯିବାକୁ 'ଚାରିଛକ ବିକାଶ ମଞ୍ଚ' ତରଫରୁ ଦୃଢ଼ ଦାବି କରାଯାଇଛି ।

ଏଇ ଆମରି ଗାଁ, ଆରସା ଯାହାର ନାଁ, ପୁସ୍ତକ ଉନ୍ମୋଚିତ

ରାଜକନିକାତା ୪. ୧୦.(ନୁରେଇ ଖାନ) ରାଜକନିକା ବ୍ଲକ ଅଧୀନ ଆରସା ଗ୍ରାମସ୍ଥ ହନୁମାନ ମନ୍ଦିର ପରିସର ରେ କନିକା ର ଅନ୍ୟତମ ପ୍ରତିଷ୍ଠିତ ଓ ସର୍ବଜନ ଆଦୃତ କବି, ତଥା ଲେଖକ ଶ୍ରୀଯୁକ୍ତ ଗୌରହରୀ ସାମଲଙ୍କ ଦ୍ୱାରା ରଚିତ ପୁସ୍ତକ, 'ଏଇ ଆମରି ଗାଁ, ଆରସା ଯାହାର ନାଁ ' ଉନ୍ମୋଚିତ ହୋଇ ଯାଇଛି. ପ୍ରକାଶ ଯୋଗ୍ୟ ସାମଲ ଜଣେ ପ୍ରଖ୍ୟାତ କଳାକାର ହିସାବରେ ଜିଲ୍ଲା ରେ ପରିଚିତ,ଦ୍ୱିତୀୟ ସାଲ ବେଗ ଭାବେ ଜଣାଶୁଣା ଉକୁରୀ ବେଗ ଙ୍କ ରଚିତ ଓ ସଂଚାଳିତ ନନ୍ଦ ଉତ୍ସବ ରେ କଂସଭୂମିକା ରେ ନିଖୁଣ ଅଭିନୟ କରି କ

ସେବା ଜ୍ୟୋତି ଯାତ୍ରା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର:୪।୧୦(ସଂଗ୍ରାମ ମହାପାତ୍ର) ସେବା ସଂକଳ୍ପ ଅଭିଯାନ ୨୦୨୬ ଆଧାରରେ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ସେବା ଜ୍ୟୋତି ଯାତ୍ରା ଆସନ୍ତା ୭ ଅକ୍ଟୋବର, ୨୦୨୬ ତାରିଖରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସୁବର୍ଣ୍ଣପୁରଠାରେ ଅନୁଷ୍ଠିତ ହୋଇଥିଲା।ବୈଠକରେ ଅଧ୍ୟକ୍ଷତା କରି ରାଜେନ୍ଦ୍ର ମାଝୀ, ଭାରପ୍ରାପ୍ତ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ କହିଥିଲେ ଯେ, ପ୍ରଧାନମନ୍ତ୍ରୀନରେନ୍ଦ୍ର ମୋଦୀଜୀଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ ଓ ଜନସେବାରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ଉପଲବ୍ଧିଗୁଡ଼ିକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ସହ ସମାଜର ବିଭିନ୍ନ ବର୍ଗଙ୍କୁ ୨୦୪୭ ବିକଶିତ ଭାରତ ସଂକଳ୍ପ ସହ ଯୋଡ଼ିବା ହେଉଛି ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ। ଏହି ପରିପ୍ରେକ୍ଷୀରେ ଜିଲ୍ଲାସ୍ତର ରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ସ୍ୱୀକୃତ ହୋଇଥିଲା ବୈଠକରେ ବିସ୍ତୃତ ଆଲୋଚନା ପରେ ସ୍ଥିର କରାଯାଇଥିଲା ଯେ, ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ସେବା ଜ୍ୟୋତି ଯାତ୍ରା ମା' ସୁରେଶ୍ୱରୀ ମନ୍ଦିରଠାରୁ ପୂର୍ବାହ୍ନ ୮ ଘଟିକାରେ ଆରମ୍ଭ ହୋଇ ସୋନପୁର କଲେଜ, ସୋନପୁରଠାରେ ପହଞ୍ଚିବ। ସେଠାରେ ବିକଶିତ ଭାରତ ସଂକଳ୍ପ ସଭା ଅନୁଷ୍ଠିତ ହେବ।

ସାପ କାମୁଡାରେ ମହିଳା ଆହତ ଆହତ

ରଘୁନାଥ ପୁର,- ୦୪/୧୦ /(ଅକ୍ଷର ଓଡିଶା) ଜଗତସିଂହପୁର ଜିଲ୍ଲା ର ରଘୁନାଥ ପୁର ଥାନ ଅନ୍ତର୍ଗତ ରଘୁନାଥ ପୁର ପଞ୍ଚାୟତର ୯ନଂ ୱାର୍ଡ ବିଲସାଇ ଗ୍ରାମ ମୀରା ଜେନା ସ୍ୱାମୀ ଟେରା ଜେନା ଜଣେ ଅତି ଗରିବ ଶ୍ରେଣୀର ପରିବାର କ୍ଷ ସେ କିଛି ଛେଳିରଖି ବିକ୍ରି ବଟା କରି ଚଳନ୍ତି କ୍ଷ ମୀରା ଜେନା ତାଙ୍କ ଛେଳି ନେଇ ଚାରାଇବାକୁ ସୁଧୁଭୂଇଁ ଦଣ୍ଡାକୁ ଦିବା ୧୧ ସମୟରେ ଯାଇ ଥିଲେ ଛେଳିକୁ ଜଗି ଦଣ୍ଡାରେ ବସି ଥିବା ସମୟରେ ବେଣା ମୂଳରେ ଥିବା ଏକ ବିଷାକ୍ତ ସାପ ଗୋଡ଼ାଇ ଆସି ତାଙ୍କୁ ଗୋଟେ ଚୋଟ ମାରିଲା ସେ ଦୋଡିକି ପଳାଇ ଆସିବେଳକ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଆସି ଆଉ ଏକ ଚୋଟ ମାରିଲା ସେ ସେଇଟି ପଡିଗଲେ କ୍ଷ ବିଲକୁ ଯାଇଥିବା ସେଇ ଗାଁର ଯଶୋବନ୍ତ ପଶାୟତ(ଭିମା)ଓ ଜୟନ ସ୍ୱାଇଁ ତାଙ୍କୁ ଦେଖି ତୁରନ୍ତ ରଘୁନାଥ ପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇ ଆସି ଥିଲେ କ୍ଷ ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ କୁ ଦେଖି ତାଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିପଦପୂର୍ଣ ଥିବାଯାଣି ତୁରନ୍ତ ଆମ୍ବୁଲାନ୍ସ ଯୋଗେ କଟକବଡ଼ ମେଡିକାଲକୁ ପଠାଇ ଦେଇଥିଲେ କ୍ଷ ସେ ଏବେ ଜୀବନ ମରଣ ସହିତ ସଂଗ୍ରାମ କରୁଛନ୍ତି ଗରିବକୁ ଦଇବଶାହା ପରି ଇଶ୍ୱରତାଙ୍କୁ ଶହାୟତ ହୁଅନ୍ତୁ ।

ସାନ ଭାଇ ଭତା ପାଇଁ ମନୋନୀତ ବଡଭାଇର ବୟସ ହୋଇନି
ପ୍ରଶାସନର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ

ଗୋପ: ୪/୧୦(ସନ୍ତୋଷ କୁମାର ଭୋଳ) ସରକାରୀ ଓ ଜନହିତକାରୀ ଯୋଜନାର ସୁଫଳ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଯୋଜନା ପରେ ଯୋଜନା ଚାଲିଛି।ହେଲେ ଗୋପ ବ୍ଲକରେ ହିତାଧିକାରୀ ଚୟନ ଓ ଯୋଜନା କାର୍ଯ୍ୟାନ୍ୱୟନକୁ ନେଇ ବାରମ୍ବାର ଅନିୟମିତତାର ଅଭିଯୋଗ ଉଠିବା ଏବେ ପ୍ରଶାସନିକ ସ୍ୱଚ୍ଛତା ଉପରେ ବଡ଼ ପ୍ରଶ୍ନ ଚିହ୍ନ ଲଗାଇଛି। ସଦ୍ୟ ବାଦ୍ଧକ୍ୟ ଭତ୍ତା ତାଲିକାକୁ ନେଇ ସାମ୍ନାକୁ ଆସିଥିବା ଏକ ମାମଲା ଅଣ୍ଡରା-ଇଚ୍ଛାପୁର ଗ୍ରାମପଞ୍ଚାୟତର ଇଚ୍ଛାପୁର ଗ୍ରାମର ପଦ୍ମଲୋଚନ ରାଉତରାୟଙ୍କ ନାମ ଭତ୍ତା ତାଲିକାର ୬୧ ନମ୍ବର କ୍ରମିକରେ ଥିବାବେଳେ, ଅଭିଯୋଗ ହେଉଛି ତାଙ୍କ ବଡ଼ଭାଇ ମଧୁସୂଦନ ରାଉତରାୟଙ୍କ ୬୦ ବର୍ଷ ବୟସ ପୂରଣ ହୋଇନଥିବାରୁ ସେ ବାଦ୍ଧକ୍ୟ ଭତ୍ତା ପାଉନାହାନ୍ତି ।ତେବେ ସାନଭାଇଙ୍କ ନାମ କେଉଁ ଯୋଗ୍ୟତା ଆଧାରରେ ଭତ୍ତା ତାଲିକାରେ ସାମିଲ ହେଲା ତାହା ଏବେ ମୁଖ୍ୟ ପ୍ରଶ୍ନ । ମଧୁସୂଦନରାଉତରାୟ ସଂପୃକ୍ତ ପଞ୍ଚାୟତର ଭିଜିପିଇ ସଭାପତି ଥିବା ସତ୍ତ୍ୱେ ଏଭଳି ତାଲିକା କିପରି ପ୍ରସ୍ତୁତ ହେଲା, ତାହା ମଧ୍ୟ ତଦନ୍ତସାପେକ୍ଷ । ଏହି ଗୋଟିଏ ଘଟଣା ଭତ୍ତା ହିତାଧିକାରୀ ଚୟନ ପ୍ରକ୍ରିୟାର ଯାଞ୍ଚ ଆବଶ୍ୟକତାକୁ ସାମ୍ନାକୁ ଆଣିଛି ।ଏହା ସହିତ, ଗୋପ ବ୍ଲକର ବିଭିନ୍ନ ସରକାରୀ ଯୋଜନାରେ ଅନିୟମିତତା, ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେବା ଏବଂ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରେ ଆସିବା ନେଇ ପୂର୍ବରୁ ମଧ୍ୟ ଅଭିଯୋଗ ଓ ଚର୍ଚ୍ଚା ହୋଇଆସୁଛି ।ଏହାର ପ୍ରଭାବ ଯଦି ପ୍ରଶାସନିକ କାର୍ଯ୍ୟ ଓ ଜନହିତକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଉପରେ ପଡୁଥାଏ, ତେବେ ତାହାର ନିରପେକ୍ଷ ଯାଞ୍ଚ ମଧ୍ୟ ଆବଶ୍ୟକ । ଏପରି ପରିପ୍ରେକ୍ଷୀରେ ଗୋପ ବ୍ଲକର ବିଭିନ୍ନ ଯୋଜନାରେ ଯୋଗ୍ୟତା, ଚୟନ ଓ କାର୍ଯ୍ୟାନ୍ୱୟନକୁ ନେଇ ଉଠୁଥିବା ପ୍ରଶ୍ନର ନିରପେକ୍ଷ ଉତ୍ତର ମିଳିବା ଜରୁରୀ ।ପ୍ରଶ୍ନ ଏବେ ଗୋଟିଏ ଯଦି ତାଲିକା ପ୍ରସ୍ତୁତିରେ ସବୁ କିଛି ସ୍ୱଚ୍ଛ, ତେବେ ବୟସ, ଯୋଗ୍ୟତା ଓ ହିତାଧିକାରୀ ଚୟନର ସମସ୍ତ ରେକର୍ଡ ସାର୍ବଜନୀନ କରି ଯାଞ୍ଚ ପାଇଁ ପ୍ରଶାସନ ପ୍ରସ୍ତୁତ କି ।

'ବେଟି ବଚାଓ, ବେଟି ପଢ଼ାଓ' ବାର୍ତ୍ତାରେ ଯୁବପିଢ଼ିଙ୍କୁ ସଚେତନତା



କେସିଙ୍ଗା, ୪/୧୦ (ଅକ୍ଷର ଓଡ଼ିଶା): କନ୍ୟା ସନ୍ତାନଙ୍କ ସୁରକ୍ଷା, ଶିକ୍ଷା, ସମାନ ଅଧିକାର ଓ ସଶକ୍ତିକରଣକୁ ଗୁରୁତ୍ୱ ଦେଇ କେସିଙ୍ଗା ମହାବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଯୁବ ସମ୍ମିଳନୀ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ଶ୍ରୀମତୀ ସୁଷମା ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନର ବାର୍ତ୍ତା ଯୁବପିଢ଼ିଙ୍କ ମଧ୍ୟରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା।କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି କେସିଙ୍ଗାର ଅଧ୍ୟକ୍ଷ ଶ୍ରୀ ଚନ୍ଦନ କୁମାର ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କେସିଙ୍ଗା ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ଅଶ୍ୱିନୀ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମହିଳା ପରିଦର୍ଶିକା ସ୍ୱର୍ଣ୍ଣଲତା ଦାଶ, ଆନନ୍ଦିନୀ ପ୍ରଧାନ, ସୌଦାମିନୀ ଦାସ, କୁଞ୍ଜନେତ୍ରୀ ପୋଢ଼, ଦ୍ରୌପଦୀ କୁୟାର ଓ ଯମୁନା ସାହୁ ପ୍ରମୁଖ ଯୋଗଦେଇଥିଲେ।ଆଲୋଚନାରେ ବାଳିକାମାନଙ୍କୁ ଶିକ୍ଷାରୁ ବଞ୍ଚିତ ନକରି ଉଚ୍ଚଶିକ୍ଷା ଓ ଭବିଷ୍ୟତ ଗଢ଼ିବା ପାଇଁ ସମାନ ସୁଯୋଗ ଦେବା, ଶିଶୁ ବିବାହ ରୋକିବା, କନ୍ୟା ସନ୍ତାନଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ ପରିବାର ଓ ସମାଜକୁ ସଚେତନ କରିବା ଉପରେ ମତପ୍ରକାଶ କରାଯାଇଥିଲା। ଏଥିସହ ଶିକ୍ଷା, କ୍ରୀଡ଼ା, ଦକ୍ଷତା ବିକାଶ ଓ ରୋଜଗାର କ୍ଷେତ୍ରରେ ଝିଅମାନଙ୍କୁ ଆଗକୁ ବଢ଼ିବା ପାଇଁ ପରିବାର ଓ ସମାଜର ସହଯୋଗ ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ।ଶେଷରେ କନ୍ୟା ସନ୍ତାନଙ୍କ ସୁରକ୍ଷା, ଶିକ୍ଷା ଓ ସମାନ ଅଧିକାର ପାଇଁ ସଚେତନତା ସୃଷ୍ଟି କରିବା ସହ ଶିଶୁ ବିବାହ ଭଳି ସାମାଜିକ ପ୍ରଥା ବିରୋଧରେ ଜନସଚେତନତା ବଢ଼ାଇବାକୁ ଉପସ୍ଥିତ ଯୁବପିଢ଼ି ସଂକଳ୍ପ ନେଇଥିଲେ। ଏହି ସମ୍ମିଳନୀ କେସିଙ୍ଗା ବ୍ଲକରେ 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନକୁ ତୃଣମୂଳସ୍ତରରେ ଅଧିକ ସୁଦୃଢ଼ କରିବାରେ ଏକ ସଚେତନତାମୂଳକ ପଦକ୍ଷେପ ଭାବେ ପରିଗଣିତ ହୋଇଛି।

ମହାନଦୀ ବନ୍ୟା ପାଣିରେ ଉଜୁଡିଗଲା ଧାନ ଫସଲ
ସରକାରୀ ସହାୟତା ପ୍ରଦାନ ଦାବିରେ ରାଜରାସ୍ତାକୁ ଓହ୍ଲାଇବାକୁ ଚାଷୀଙ୍କ ଧମକ

କଣ୍ଟିଲୋ, ୪।୧୦ (ଅକ୍ଷର ଓଡ଼ିଶା) ଲଗାଣ ବର୍ଷାର ପ୍ରଭାବ ସାଙ୍ଗକୁ ମହାନଦୀରେ ବନ୍ୟା ପରିସ୍ଥିତି ଯୋଗୁଁ ସିଧାମୂଳା ଓ ବାଣପୁର ,କଣ୍ଟିଲୋ ଅଞ୍ଚଳର ଚାଷୀମାନଙ୍କ ମେରୁଦଣ୍ଡ ଦୋହଲି ଯାଇଛି । ବନ୍ୟାପାଣି ମହାନଦୀ ମାଳବନ୍ଧର ବିପଦଶଙ୍କୁଳ ସ୍ଲୁଇସ ଫାଟକ ଦେଇ ପ୍ରବାହିତ ହୋଇ ମାଳବନ୍ଧ ପାର୍ଶ୍ୱସ୍ଥ ହେକ୍ଟର ହେକ୍ଟର ଧାନ ଚାଷ ଜମିରେ ମାଡି ଯିବା ଯୋଗୁଁ ଶହଶହ ଚାଷୀ ପରିବାର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ବର୍ଷା ଛାଡିବାର ୧୦ ଦିନ ପରେ ବି ଧାନ ଚାଷ ଜମିରେ ପାଣି ନିଷ୍କାସିତ ହୋଇ ପାରୁ



ନଥିବାରୁ ଧାନ ଗଛ ଗୁଡିକ ଏବେ ଜମିରେ ପଚି ନଷ୍ଟ ହେବାକୁ ବସିଲାଣି । ଉଜୁଡା ଧାନ ଚାଷକୁ ଦେଖି ଚାଷୀମାନଙ୍କ ଆଖିରୁ ଲୁହ ଶୁଖୁ ନଥିବା ବେଳେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଚିହ୍ନଟ କରି ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାରେ ରାଜସ୍ୱ ବିଭାଗ କର୍ତ୍ତୃପକ୍ଷ ଓ କୃଷି ବିଭାଗ ଅଧିକାରୀଙ୍କ ଅବହେଳାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଧାନ ଫସଲ କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି । ନଚେତ ଆଗାମୀ ଦିନରେ ଚାଷୀମାନେ ବାଧ୍ୟ ହୋଇ ରାଜ ରାସ୍ତାକୁ ଓହ୍ଲାଇ ହରତାଳ କରିବେ ବୋଲି ବଡବାଣପୁର,ରତନପୁର, ଘଣାଶାଳିଆ,ଢିପିସାହି,ସିଧାମୂଳା ପ୍ରଭୃତି ଗ୍ରାମର ଚାଷୀମାନେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

ସୁନାପୁର ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରକୁ ନେଇ ପୁଣି ଉଠିଲା ପ୍ରଶ୍ନ
୩ ମାସର ସମୟ ସୀମା ସରିଲା

କୋରାପୁଟ ୦୪/୧୦ (ସମୀର)ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ସୁପାରିଶ କରାଯାଇଥିବା ପ୍ରତିକାରଗୁଡ଼ିକୁର ୩ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ "ମାନବ ଅଧିକାର କମିଶନଙ୍କ ସୁପାରିଶ... କାର୍ଯ୍ୟକାରୀ ହେଲା କେତେ"ତାହାକୁ ନେଇ କୋରାପୁଟ ସହରରେ ଅନେକ ପ୍ରଶ୍ନ ଉଠୁଥିବା ବେଳେ କର୍ତ୍ତୃପକ୍ଷ ଏହାକୁ ନେଇ କିଛି ସ୍ପଷ୍ଟ ସୂଚନା ଦେଉନଥିବା ଅଭିଯୋଗ ହେଉଛି ।କୋରାପୁଟ ସୁନାପୁରରେ ଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରକୁ ନେଇ ଦୁର୍ଗନ୍ଧମୟ ପରିବେଶ ଅଭିଯୋଗ ପରେ ଏବେ ଆରମ୍ଭ ହୋଇଛି ନୂଆ ଚର୍ଚ୍ଚା ।ସୁନାପୁର ଏମସିସିରୁ ବାହାରୁଥିବା ଦୁର୍ଗନ୍ଧ ଓ ଆବର୍ଜନା ଯୋଗୁଁ ଆଖପାଖ ଅଞ୍ଚଳରେ ସୃଷ୍ଟି ହେଉଥିବା ପରିବେଶ ସମସ୍ୟାକୁ ନେଇ ବରିଷ୍ଠ ନାଗରିକ କମିଟିର ସଭାପତି ଏ.କେ. ପାଣି ଓଡ଼ିଶା ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ ।ଅଭିଯୋଗର ଗୁରୁତ୍ୱକୁ ଦେଖି କମିଶନଙ୍କ ପକ୍ଷରୁ ଏମସିସିର ପରିଚାଳନା ଓ ପରିବେଶ ସୁଧାର ପାଇଁ ଦିଆଯାଇଥିଲା ୧୫ଟି ଗୁରୁତ୍ୱପୂର୍ଣ୍ଣ ସୁପାରିଶ ।ଲିଚେଟ୍ ନିୟନ୍ତ୍ରଣ ପାଇଁ



ଚାଉଳ, ତୁଷ ଓ କାଠଗୁଣ୍ଡ ବ୍ୟବହାର, ଡ୍ରେନେଜ୍ ଲାଇନ୍ ନିୟମିତ ସଫା, କମ୍ପୋଷ୍ଟରେ ମାଛ ଓ ମାଂସ ଅବଶେଷ ନ ପକାଇବା, ବାୟୁ ଚଳାଚଳ ପାଇଁ ଆବଶ୍ୟକ ବ୍ୟବସ୍ଥା, ସୁଗନ୍ଧଯୁକ୍ତ ଗଛ ଲଗାଇବା ଏବଂ ପୋଷ୍ଟ-ପ୍ରୋସେସିଂ ଆବର୍ଜନାକୁ ଦୀର୍ଘ ସମୟ ଧରି ଜମା ନରଖିବା ଭଳି ଅନେକ ପଦକ୍ଷେପ ନେବାକୁ କୁହାଯାଇଥିଲା ।ଏଥିସହ ' ଷ୍ଟିଙ୍କ ବଗ୍ ଟେଷ୍ଟ ' ଠିକ୍ ଭାବେ ପାଳନ କରିବା ସହ 'ଓ୍ୱେଲଥ ସେଣ୍ଟର ୨.୦' ପାଇଁ ନିର୍ଦ୍ଧାରିତ ଏସଓପିକୁ କଡ଼ାକଡ଼ି ଭାବେ ଅନୁସରଣ କରିବାକୁ ମଧ୍ୟ ସୁପାରିଶ ହୋଇଥିଲା ।ସବୁଠାରୁ ବଡ଼ କଥା—ଏହି ସୁପାରିଶଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ କମିଶନ୍ ଦେଇଥିଲେ ୩ ମାସର ସମୟ ।ଚଳିତ ମାସର ୩ ତାରିଖରେ ସେହି ସମୟସୀମା ମଧ୍ୟ ଶେଷ ହୋଇଛି ।

ଚିନ୍ମୟାନନ୍ଦ ଶ୍ରୀରୁପ ଦେଓଙ୍କ ଉପରେ ବିଜେଡିର ଆସ୍ଥା
ସୋସିଆଲ ମିଡିଆ ଷ୍ଟିୟରିଂ କମିଟିରେ ମିଳିଲା ନୂଆ ଦାୟିତ୍ୱ

ଚିକିଟି, ୦୪/୧୦ (କୁରସ ରେଡ୍ଡୀ): ବିଜୁ ଜନତା ଦଳ (ବିଜେଡି)ର ସୋସିଆଲ ମିଡିଆ ଷ୍ଟିୟରିଂ କମିଟିରେ ଗଞ୍ଜାମ ଜିଲ୍ଲା ଚିକିଟି ନିର୍ବାଚନମଣ୍ଡଳୀର ଯୁବନେତା ତଥା ୨୦୨୪ ସାଧାରଣ ନିର୍ବାଚନର ବିଜେଡି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୁପ ଦେଓଙ୍କୁ ସ୍ଥାନ ମିଳିଛି। ଦଳ ପକ୍ଷରୁ ପ୍ରକାଶିତ କମିଟି ତାଲିକାରେ ତାଙ୍କ ନାମ ସ୍ଥାନ ପାଇଛି ।ନୂଆ ଦାୟିତ୍ୱ ମିଳିବା ପରେ ଚିନ୍ମୟାନନ୍ଦ ଶ୍ରୀରୁପ ଦେଓ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସମେତ ଦଳର ରାଜ୍ୟସ୍ତରୀୟ ନେତୃବୃନ୍ଦ, ନେତା ଓ କର୍ମୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦଳ ତାଙ୍କ ଉପରେ ବିଶ୍ୱାସ ପ୍ରକଟ କରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିବାରୁ ଏହାକୁ ସେ ନିଷ୍ଠାର ସହ ପାଳନ କରିବେ ବୋଲି କହିଛନ୍ତି ।ଚିକିଟି ନିର୍ବାଚନମଣ୍ଡଳୀରୁ ଚିନ୍ମୟାନନ୍ଦ ଶ୍ରୀରୁପ ଦେଓ ୨୦୨୪ ନିର୍ବାଚନରେ ବିଜେଡି ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ତାଙ୍କୁ ସୋସିଆଲ ମିଡିଆ ଷ୍ଟିୟରିଂ କମିଟିରେ ସାମିଲ କରାଯିବାକୁ ଦଳୀୟ ମହଲରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଭାବେ ଦେଖାଯାଉଛି ।ନୂଆ ଦାୟିତ୍ୱ ସମ୍ପର୍କରେ ଶ୍ରୀ ଦେଓ କହିଛନ୍ତି ଯେ, ଦଳ ପକ୍ଷରୁ ତାଙ୍କ ଉପରେ ରଖାଯାଇଥିବା ବିଶ୍ୱାସକୁ ସେ ନିଷ୍ଠାର ସହ ପାଳନ କରିବେ। ସୋସିଆଲ ମିଡିଆରେ ବିଜେଡିର କାର୍ଯ୍ୟକଳାପକୁ ଆହୁରି ସକ୍ରିୟ ଓ ସୁସଂଗଠିତ କରିବା ସହ ଦଳର କାର୍ଯ୍ୟକ୍ରମ ଓ ବାର୍ତ୍ତାକୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବା ଦିଗରେ ସେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି ।

ଗାନ୍ଧୀ ଜୟନ୍ତୀ ଉପଲକ୍ଷେ କଳାକାର ମହୋତ୍ସବ ପାଳନ

ଫିରିଙ୍ଗିଆ -୦୪/୧୦ (ମନୋଜ ସାହୁ) ଓଡିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଆନୁକୁଲ୍ୟରେ କଳା ର ପ୍ରଚାର ପ୍ରସାର ଓ କଳାକାର ମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷରେ ଏବେ ଗାଁ ଗାଁ ରେ କଳାକାର ସମାବେଶ ଅନୁଷ୍ଠିତ ହେଉଥିବା ବେଳେ ଫିରିଙ୍ଗିଆ ବ୍ଲକ ପାଙ୍ଗାଉପର ସାହି ପଞ୍ଚାୟତ ବାଲିଗଟା ଠାରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ କଳା ମହୋତ୍ସବ ଅନୁଷ୍ଠିତ । ତେବେ ବାଲିଗଟା ଥିବା ଜନଜାତି କଳା ସଂସ୍କୃତିକ ଚାଙ୍ଗୁ ନୃତ୍ୟ ଏବଂ ପାରମ୍ପରିକ କଳା ସଂସ୍କୃତିକ ଖଞ୍ଜଣୀ ନୃତ୍ୟ ବାଲିଗଟା ଆୟୋଜନ କରିଥିବା ବେଳେ ଜିଲ୍ଲା ପାରମ୍ପରିକ ଲୋକକଳା ସଂଘ ର ଜିଲ୍ଲା ସଭାପତି ଅକ୍ଷୟ କୁମାର କର୍ଣ୍ଣ ମୁଖ୍ୟ ଅତିଥି ଭାବେ ଯୋଗ କାର୍ଯ୍ୟକ୍ରମ କୁ ଉଦ୍ଘାଟନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଖଜୁରିପଡା କଳାକାର ସଂଘ ସଭାପତି ନିର୍ବାଚନ



କହଁର, ପଞ୍ଚାୟତ ପ୍ରମୁଖ ବିନୟ କୁମାର କହଁର, ଟିକାବାଲି ସୁପ୍ରିୟା ଦିଗାଲ, କଳାକାର ସନତ ଦିଗାଲ, ନୃତ୍ୟ ଗୁରୁ ବୁଟୁ କହଁର,ରଞ୍ଜିତ କର୍ଣ୍ଣ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମ କୁ ଅନୁଷ୍ଠାନ ର ସମସ୍ତ ସଦସ୍ୟ ସହଯୋଗ କରିଥିବା ବେଳେ କାର୍ଯ୍ୟକ୍ରମ କୁ ନାମରତ୍ନ କହଁର ପରିଚାଳନା କରିଥିଲେ । ବିଭିନ୍ନ ସ୍ଥାନରୁ ବହୁ କଳାକାର ମାନେ କଳାକାର ମହୋତ୍ସବ ରେ ଭାଗ ନେଇଥିଲେ ।

ଚଣ୍ଡିଖୋଲ ଓ ଧର୍ମଶାଳା ଅଞ୍ଚଳରେ ଅବକାରୀ ଚଢ଼ାଉ
ବିପୁଳ ମଦ ଜବତ ସହ ୭ ଗିରଫ

ଯାଜପୁର୦୪/୧୦ (ଅକ୍ଷର ଓଡ଼ିଶା):ଯାଜପୁର ଜିଲ୍ଲା ଅବକାରୀ ଅଧୀକ୍ଷକ ଅଜୟ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଶନିବାର ବାଲିଚନ୍ଦ୍ରପୁର ଓ ଧର୍ମଶାଳା ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ବ୍ୟାପକ ଅବକାରୀ ଚଢ଼ାଉ କରାଯାଇଛି। ଜିଲ୍ଲା ଭ୍ରାମ୍ୟମାଣ ଟିମ୍ ଏବଂ ଧର୍ମଶାଳା ଅବକାରୀ ଥାନା କର୍ମଚାରୀଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ଜିଲ୍ଲା ମୋବାଇଲ ସ୍କ୍ୱାଡ୍ର ଅବକାରୀ ଇନ୍ସପେକ୍ଟର କେଶବ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ଏକ୍ସିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଏବଂ ଏପିଆର୍ ଫୋର୍ସଙ୍କ ଉପସ୍ଥିତିରେ ଏହି ମିଳିତ ଚଢ଼ାଉ ଅନୁଷ୍ଠିତ ହୋଇଥିଲା। ଟିମ୍ ପକ୍ଷରୁ ଚଣ୍ଡିଖୋଲ, ବାରବାଟୀ, ନୀଳକଣ୍ଠପୁର, ଟିକିରିଆ ଛକ, ଚାରିନଙ୍ଗଳା, କୋଟାପୁର ଏବଂ ବାଲିପଡ଼ିଆ ପ୍ରଭୃତି ଗ୍ରାମରେ ଏକକାଳୀନ ଯାଞ୍ଚ କରାଯାଇଥିଲା ।ଚଢ଼ାଉ ସମୟରେ ବେଆଇନ ଭାବେ ବିକ୍ରି ପାଇଁ ରଖାଯାଇଥିବା ୧୫.୩୦ ଲିଟର ବିଦେଶୀ ମଦ ଏବଂ ୧୧.୮୦



ରେଷ୍ଟ ଅଫ୍ ଇଣ୍ଡିଆକୁ ଇରାନୀ ଟ୍ରଫି

ଶ୍ରୀନଗର ୦୪/୧୦: ଏଠାରେ ଆୟୋଜିତ ଇରାନୀ ଟ୍ରଫିରେ ଋଷଭ ପନ୍ତଙ୍କ ନେତୃତ୍ୱାଧୀନ ରେଷ୍ଟ ଅଫ୍ ଇଣ୍ଡିଆ ବିଜେତା ହୋଇଛି। ଏହି ଦଳ ରଣଜୀ ବିଜେତା ଜମ୍ମୁ କାଶ୍ମୀରକୁ ୧୬୭ ରନ୍‌ରେ ହରାଇଛି। ୪ ଦିନିଆ ଏହି ମ୍ୟାଚ୍‌ର ରବିବାର ଶେଷ ଦିନରେ ଜମ୍ମୁ କାଶ୍ମୀର ସମ୍ମୁଖରେ ୨୭୯ ରନ୍‌ର ବିଜୟ ଲକ୍ଷ୍ୟ ଥିଲା। ହେଲେ ମୁକେଶ କୁମାରଙ୍କ ଘାତକ ବୋଲିଂ ଯୋଗୁଁ ଏହି ଦଳ ୧୧୧ ରନ୍‌ରେ ଅଲ୍‌ଆଉଟ୍ ହୋଇ ପରାଜୟ ବରଣ କରିଥିଲା। ଦ୍ୱିତୀୟ ପାଳିରେ ଜମ୍ମୁ କାଶ୍ମୀରର କେବଳ ୩ ଜଣ ବ୍ୟାଟ୍ସ ଶୁଭମ ଖଜୁରିଆ (୩୬), କମରନ ଇକ୍‌ବାଲ (୩୨) ଓ ଅବ୍ଦୁଲ ସାମଦ (୨୦) ଦୁଇଅଙ୍କ ଛୁଇଁଥିଲେ। ଶୁଭମ ଓ କମରନ୍ ଭଲ ଆରମ୍ଭ ଦେବାରୁ ମଧ୍ୟାହ୍ନ ବିରତି ବେଳକୁ ଜମ୍ମୁ କାଶ୍ମୀର ୧୯ ଓଭରରେ ୮୯/୩ କରିଥିଲା। ହେଲେ ଏହାପରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପରବର୍ତ୍ତୀ ୭ ୱିକେଟ୍ ୧୦ ଓଭର ଭିତରେ ମାତ୍ର ୨୨ ରନ୍‌ରେ ହରାଇଥିଲା।ସ୍ମରଣଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ରେଷ୍ଟ ଅଫ୍ ଇଣ୍ଡିଆ ପକ୍ଷରୁ ମୁକେଶ କୁମାର ୬, ଆକାଶ ଦୀପ ୩ ୱିକେଟ୍ ନେଇଥିଲେ। ପୂର୍ବରୁ ରେଷ୍ଟ ଅଫ୍ ଇଣ୍ଡିଆ ପ୍ରଥମ ପାଳିରେ ୨୩୭ ରନ୍ କରିଥିଲା ବେଳେ ଜମ୍ମୁ କଶ୍ମୀର ୨୭୮ ରନ୍ କରି ୪୧ ରନ୍‌ର ଅଗ୍ରଣୀ ନେଇଥିଲା। ଦ୍ୱିତୀୟ ପାଳିରେ ରବିଚନ୍ଦ୍ରନ ସ୍ମରଣଙ୍କ ଶତକ ବଳରେ ୩୧୯ ରନ୍ କରିଥିଲା। ସ୍ମରଣ (୬୮, ୧୩୫)ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

ଭାରତ ପୁଣି ଏସିଆ କ୍ରୀଡ଼ାରେ ଚତୁର୍ଥ

ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନ ସହ ଅଭିଯାନ ଶେଷ

ନୂଆଦିଲ୍ଲୀ ୦୪/୧୦: ଆଇଚି-ନାଗୋୟା:ଭାରତୀୟ ପୁରୁଷ ହକି ଦଳ ଚଳିତ ଆଇଚି-ନାଗୋୟା ଏସୀୟ କ୍ରୀଡ଼ାରେ ଦେଶ ପାଇଁ ଶେଷ ପଦକ ଜିତିଥିଲା। ରବିବାର ପ୍ରତିଯୋଗିତା ଶେଷ ପରେ ଭାରତ ୨୧ ସ୍ୱର୍ଣ୍ଣ, ୨୬ ରେପ୍ୟ ଓ ୩୭ କାଂସ୍ୟ ସହ ମୋଟ ୮୫ ପଦକ ପାଇଛି। ଗତ ହାଙ୍ଗ୍‌ଝେ ସଂସ୍କରଣରେ ଭାରତ ୨୮ ସ୍ୱର୍ଣ୍ଣ, ୩୮ ରୌପ୍ୟ ଓ ୪୦ କାଂସ୍ୟ ସହ ମୋଟ ୧୦୬ ପଦକ ଜିତି ଚତୁର୍ଥ ସ୍ଥାନରେ ରହିଥିଲା। ଏଥର ଏହାଠୁ ୨୧ କମ୍ ପଦକ ପାଇଥିଲେ ମଧ୍ୟ ଭାରତ ସେହି ଚତୁର୍ଥ ସ୍ଥାନ ବଜାୟ ରଖିବାକୁ ସକ୍ଷମ ହୋଇଛି। ଉଜ୍‌ବେକିସ୍ତାନ ୨୧ ସ୍ୱର୍ଣ୍ଣ ଜିତିଥିଲେ ମଧ୍ୟ ଅଧିକ ରେପ୍ୟ ଥିବାରୁ ଭାରତ ଆଗରେ ରହିଛି। ଏସୀୟ କ୍ରୀଡ଼ାରେ ଭାରତର ଏହା ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନ। ଏହି ମହାଦେଶୀୟ କ୍ରୀଡ଼ାରେ ପୂର୍ବ ପରି ଚୀନ୍‌ର ଦବ୍‌ଦବା ଜାରି ରହିଛି। ଚୀନ୍ ୧୬୯ ସ୍ୱର୍ଣ୍ଣ ସହ ୩୪୧ ପଦକ ପାଇଁ ଶୀର୍ଷରେ ଥିଲା ବେଳେ ଆୟୋଜକ ଜାପାନ ୮୩ ସ୍ୱର୍ଣ୍ଣ ସହ ୨୬୯ ଏବଂ ଦକ୍ଷିଣ କୋରିଆ ୩୯ ସ୍ୱର୍ଣ୍ଣ ସହ ୧୬୯ ପଦକ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଦେଢ଼କୁଦରୁ ସର୍ବାଧିକ ପଦକ ଚଳିତ ପ୍ରତିଯୋଗିତାରେ ଭାରତକୁ ସର୍ବାଧିକ ପଦକ ୨୪ ଦେଢ଼କୁଦ (୧ ସ୍ୱର୍ଣ୍ଣ, ୯ ରେପ୍ୟ, ୧୪ କାଂସ୍ୟ)ରୁ ମିଳିଥିଲା। ତେବେ



ସବୁଠୁ ଅଧିକ ସ୍ୱର୍ଣ୍ଣ ୫ଟି ତୀରନ୍ଦାଜି (୨ ଲେଖାଏଁ ରେପ୍ୟ ଓ କାଂସ୍ୟ ସହ ୯ ପଦକ)ରୁ ଅସିଥିଲା। ବନ୍ଧୁକଚାଳକମାନେ ୩ ସ୍ୱର୍ଣ୍ଣ, ୮ ରେପ୍ୟ ଓ ୪ କାଂସ୍ୟ ସହ ମୋଟ ୧୫ ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହା ପଛକୁ ମୁଷ୍ଟିଯୁଦ୍ଧ ୬ (୩ ସ୍ୱର୍ଣ୍ଣ, ୩ କାଂସ୍ୟ), କୁସ୍ତି ୬ (୨ ସ୍ୱର୍ଣ୍ଣ, ୨ ରେପ୍ୟ, ୨ କାଂସ୍ୟ), ସ୍କ୍ୱାସ୍ ୫ (୨ ରେପ୍ୟ, ୩ କାଂସ୍ୟ) ରହିଛନ୍ତି। କବାଡ଼ି, କ୍ରିକେଟ୍ ଓ ହକିରୁ ୨ ଲେଖାଏଁ ସ୍ୱର୍ଣ୍ଣ ଆସିଥିଲା ବେଳେ ଗଲ୍‌ଫରୁ ଗୋଟିଏ ସ୍ୱର୍ଣ୍ଣ ଓ ରେପ୍ୟ ମିଳିଥିଲା। ସେଲିଂରୁ ୧ ରେପ୍ୟ ୨ କାଂସ୍ୟ ଏବଂ ଭାରୋତ୍ତୋଳନ ଓ ଉଷୁରୁ ଗୋଟିଏ ଲେଖାଏଁ ରେପ୍ୟ ମିଳିଛି। ବ୍ୟାଡ୍‌ମିଣ୍ଟନ, କୁରାଶ, ମିଶ୍ରିତ ସମରକଳା, ରୋଇଂ, ସିପକ୍‌ଟାକ୍ର, ସଫ୍ଟ ଟେନିସ ଓ ଟେବୁଲ ଟେନିସରୁ ଗୋଟିଏ ଲେଖାଏଁ କାଂସ୍ୟ ପଦକ ଆସିଥିଲା। ଏହି ପ୍ରତିଯୋଗିତାରେ ଭାରତରୁ ୨୬୪ ପୁରୁଷ ଓ ୨୩୧ ମହିଳାଙ୍କ ସହ ମୋଟ ୪୯୫ ଜଣ ଖେଳାଳି ୩୬ଟି ଖେଳରେ ଅଂଶଗ୍ରହଣ କରିଥିଲେ। ତେବେ ୨୦ଟି ଖେଳରୁ ଭାରତକୁ ପଦକ ମିଳିଥିଲା ବେଳେ ୧୬ଟି କ୍ରୀଡ଼ା (କାନୋଇଂ, ସାଇକ୍ଲିଂ, ଅଶ୍ୱାରୋହଣ, ଇସ୍କୋର୍ଟସ, ଅସିଚାଳନା, ଜିମ୍ନାଷ୍ଟିକ୍ସ, ଜୁଡ଼ୋ, କରାଟେ, ରଗ୍‌ବି ସେଭେନ୍ସ, ସନ୍ତରଣ, ସ୍କୋର୍ଟ କ୍ଲାଇମିଂ, ସର୍ଫିଂ, ଟାଏକୋଣ୍ଡୋ, ଟେନିସ, ଟେକ୍‌ୱଣ୍ଡୋ, ଭଲିବଲ୍)ର ଆଥ୍‌ଲେଟ୍‌ମାନେ ଖାଲି ହାତରେ ଫେରିଛନ୍ତି।

ଅଣ୍ଡର-୧୭ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

ଜିଲ୍ଲାସ୍ତରୀୟ ଖେଳାଳୀ ଚୟନରେ ପାତରଅନ୍ତର ଅଭିଯୋଗ

ଭୁବନେଶ୍ୱର ୦୪/୧୦: ୧୭ ବର୍ଷରୁ କମ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ନିମନ୍ତେ ଜିଲ୍ଲାସ୍ତରୀୟ ଗୋଲ୍‌କିପର ଚୟନରେ ଖୋର୍ଦ୍ଧା ଜିଲ୍ଲାରେ ପାତରଅନ୍ତର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଛାତ୍ର ଓ ଅଭିଭାବକ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାନୁସାରେ, ମଦନପୁର ଫୁଟବଲ୍ ପଡ଼ିଆରେ ଚଳିତ ମାସ ୧ ତାରିଖରେ ଚୟନ କାର୍ଯ୍ୟକ୍ରମ ହୋଇଥିଲା। ତେବେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବଛାବଛା ଖେଳାଳୀ ଭାଗ ନେଇଥିଲେ। ଜିଲ୍ଲା ଶିକ୍ଷା ଓ କ୍ରୀଡ଼ା ବିଭାଗ ପକ୍ଷରୁ ଉପଯୁକ୍ତ ଖେଳଳାଙ୍କୁ ଚୟନ କରିବାକୁ ଏକ ବିଭିନ୍ନ କ୍ରୀଡ଼ାଶିକ୍ଷକଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଚୟନ ପ୍ରକ୍ରିୟାରେ ଭାଗ ନେଇଥିବା କେରଙ୍ଗ



ମହାବିଦ୍ୟାଳୟର ଇନ୍‌ଚାଜ୍ ଖାଁଙ୍କ ଅଭିଯୋଗ ଅନୁସାରେ, କ୍ୱାଟରଫାଇନାଲ୍‌ରେ ବୋଲଗଡ଼ ବ୍ଲକ ବିପକ୍ଷରେ ଟାଇବ୍ରେକରରେ ଖୋର୍ଦ୍ଧା ଦଳରୁ ଗୋଲ୍ କିପର ଭାବେ ୪ଟି ଗୋଲ୍ ସେଭ୍ କରାଇଥିଲେ। ଏଥିରେ ଟିମ୍ ସେମିଫାଇନାଲ୍‌କୁ ଉତ୍ତୀର୍ଣ୍ଣ ହୋଇଥିଲା। ଭୁବନେଶ୍ୱର ବ୍ଲକ ବିପକ୍ଷରେ ଟାଇବ୍ରେକରରେ ମଧ୍ୟ ୪ଟି ଗୋଲ୍ ସେଭ୍ କରିଥିଲେ ଓ ଖୋର୍ଦ୍ଧା ବ୍ଲକ୍ ଫାଇନାଲ୍‌କୁ ଉତ୍ତୀର୍ଣ୍ଣ ହୋଇଥିଲା। ଜଟଣୀ ବ୍ଲକ୍ ବିରୋଧରେ ମଧ୍ୟ ୩ଟି ଗୋଲ୍ ସେଭ୍ କରିଥିଲେ ଓ ଖୋର୍ଦ୍ଧା ବ୍ଲକ ଚାମ୍ପିଅନ୍ ହୋଇଥିଲା। ଏହା ସତ୍ତ୍ୱେ ତାଙ୍କୁ ଚୟନ କରାଯାଇନାହିଁ। ଏନେଇ ସେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସାକ୍ଷାତ କରି ଦାବିପତ୍ର ଜଣାଇଛନ୍ତି। ଏହି ସମୟରେ ଜିଲ୍ଲା ଶିକ୍ଷାଧିକାରିଣୀ ନିଜର ପ୍ରତିକ୍ରିୟା ଦେଇ କହିଛନ୍ତି, ସେ ଏହି ଚୟନପ୍ରକ୍ରିୟା ସହ ଜଡ଼ିତ ନୁହନ୍ତି। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। ଟିମ୍‌ର ନିଷ୍ପତ୍ତି ହିଁ ଚୂଡ଼ାନ୍ତ ତେବେ ଅଭିଯୋଗ ସମ୍ପର୍କରେ ଅନୁସନ୍ଧାନ କରିବେ।

ଭାରତ-ପାକ୍

ମ୍ୟାଚ୍‌ରେ ସର୍ବାଧିକ ଦର୍ଶକ



ନାଗୋୟା ୦୪/୧୦: ଚଳିତ ଆୟଚି-ନାଗୋୟା ଏସୀୟକ୍ରୀଡ଼ାରେ ଭାରତ-ପାକିସ୍ତାନ ମୁକାବିଲା ଦର୍ଶକଙ୍କ ମନ ଜିଣିଛି। ହକି ସେମିଫାଇନାଲରେ ଭାରତ ୪-୩ ଗୋଲ୍‌ରେ ପାକିସ୍ତାନକୁ ହରାଇଥିଲା ବେଳେ ଫାଇନାଲ୍‌ରେ ମାଲେସିଆକୁ ୫-୧ରେ ପରାସ୍ତ କରି ଭାରତ ସ୍ୱର୍ଣ୍ଣ ଜିତିଥିଲା। କ୍ରିକେଟ୍ ଫାଇନାଲ୍‌ରେ ମଧ୍ୟ ଭାରତ ୧୯ ରନ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ସ୍ୱର୍ଣ୍ଣ ପଦକ ବଜାୟ ରଖିଥିଲା। ଶନିବାରର ଭାରତ-ପାକିସ୍ତାନ ପୁରୁଷ କ୍ରିକେଟ୍ ଫାଇନାଲ୍ ଏବଂ ଏହା ପୂର୍ବରୁ ଗୁରୁବାର ଖେଳାଯାଇଥିବା ହକି ସେମିଫାଇନାଲ୍ ଦର୍ଶକରେ ଏସୀୟ କ୍ରୀଡ଼ା ରେକର୍ଡ ଭାଙ୍ଗିଛି। ସର୍ବାଧିକ ଦର୍ଶକ ଏହି ଦୁଇ ମ୍ୟାଚ୍ ଦେଖିଛନ୍ତି ବୋଲି ଏସୀୟ ଅଲିମ୍ପିକ୍ ପରିଷଦ (ଓସିଏ) କହିଛି। ହେଲେ କେତେ ଦର୍ଶକ ଏହି ଦୁଇ ମ୍ୟାଚ୍ ଦେଖିଛନ୍ତି ତାହାର ସଠିକ୍ ତଥ୍ୟ ଦେଇନି ଓସିଏ। ଏଥର ଅଧିକ ୧୯ ପ୍ରତିଶତ ପ୍ରାୟୋଜକ ମିଳିଛି ଏକ ସାମ୍ବାଦିକ ସମ୍ମିଳନୀରେ ଓସିଏ ସମନ୍ୱୟ କମିଟି ଅଧକ୍ଷ ତୟାବ ଇକ୍ରାମ କହିଛନ୍ତି ଯେ ''ଏଥର ଏସୀୟ କ୍ରୀଡ଼ାର ପ୍ରସାରଣକୁ ସର୍ବାଧିକ ଦର୍ଶକ ମିଳିଛି। ତେବେ ଭାରତ-ପାକିସ୍ତାନ ହକି ସେମିଫାଇନାଲ୍ ଓ କ୍ରିକେଟ୍ ଫାଇନାଲ୍ ମ୍ୟାଚ୍ ସର୍ବାଧିକ ଦର୍ଶକ ଉପଭୋଗ କରିଛନ୍ତି''। ଏହି ଅବସରରେ ଓସିଏ ମହାସଚିବ ହୁସେନ ଅଲ୍-ମୁସଲାମ କହିଛନ୍ତି, ''ଏହି ଆଇଚି ନାଗୋୟା ସଂସ୍କରଣରେ ଅନେକ ରେକର୍ଡ ଭାଙ୍ଗିଛି। ଏଥର ୫୪ ବିଶ୍ୱ, ୧୧ କନିଷ୍ଠ ବିଶ୍ୱ, ୮୯ ଏସୀୟ ଓ ୨୧୨ ଏସୀୟ କ୍ରୀଡ଼ା ରେକର୍ଡ ହୋଇଛି। ଅର୍ଥନୀତିରେ ବି ଗତ ସଂସ୍କରଣ ଅପେକ୍ଷା ଏଥର ଅଧିକ ୧୯ ପ୍ରତିଶତ ପ୍ରାୟୋଜକ ମିଳିଛି''।

ଏକାକୀ ୩ ପଦକ ଆଣିଲେ ନୀରୁ, ଧରିବେ ଭାରତର ଧ୍ୱଜା

ନୂଆଦିଲ୍ଲୀ ୦୪/୧୦: ଜାପାନର ଆଇଚି-ନାଗୋୟାରେ ଆୟୋଜିତ ଏସୀୟ କ୍ରୀଡ଼ା ୨୦୨୬ରେ ଭାରତକୁ ଗୌରବ ଆଣିଥିବା ଷ୍ଟାର ସୁଟର ତଥା ଜଣେ ଗରିବ ଚାଷୀଙ୍କ ଝିଅ ନୀରୁ ଧଣ୍ଡାଙ୍କୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମାନ ମିଳିଛି। ଟ୍ରାପ୍ ସୁଟିଂରେ ଐତିହାସିକ ପ୍ରଦର୍ଶନ କରି ଦେଶକୁ ଗର୍ବିତ କରିଥିବା ନୀରୁଙ୍କୁ ଅକ୍ଟୋବର ୪ ତାରିଖରେ ଉଦ୍‌ଯାପନୀ ସମାରୋହ ପାଇଁ ଜାତୀୟ ପତାକାବାହକ ଭାବରେ ମନୋନୀତ କରାଯାଇଛି। ନାଗୋୟା ସିଟି ମିକୁହୋ ପାର୍କ ଆଥଲେଟିକ୍ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଏହି ମହାନ କାର୍ଯ୍ୟକ୍ରମରେ ନୀରୁ ତ୍ରିରଙ୍ଗା ବହନ କରୁଥିବା ଭାରତୀୟ ଦଳକୁ ନେତୃତ୍ୱ ଦେବେ।ଆଇଚି-ନାଗୋୟା ଗେମ୍ସରେ ନୀରୁଙ୍କ ଯାତ୍ରା ଉଲ୍ଲେଖନୀୟ ଏବଂ ସ୍ମରଣୀୟ ହୋଇଛି। ତାଙ୍କର ସଠିକ୍ ସୁଟିଂ ସହିତ, ସେ ଭାରତ ପାଇଁ ଗୋଟିଏ ନୁହେଁ ବରଂ



ତିନୋଟି ପଦକ (ଦୁଇଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ) ଜିତିଥିଲେ। ସେ ମହିଳା ଦଳ ଟ୍ରାପ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତି ତାଙ୍କର ପଦକ ଅଭିଯାନ ଆରମ୍ଭ କରିଥିଲେ। ବ୍ୟକ୍ତିଗତ ଇଭେଣ୍ଟରେ ତାଙ୍କର ପରବର୍ତ୍ତୀ ପ୍ରଦର୍ଶନ ତାଙ୍କୁ ଏସୀୟ କ୍ରୀଡ଼ା ଇତିହାସ ମନେ ରଖିବ।ରେକର୍ଡ ସ୍ଥାପନ ଦଳଗତ ଇଭେଣ୍ଟରେ ରୌପ୍ୟ ଜିତିବା ପରେ ବ୍ୟକ୍ତିଗତ ଇଭେଣ୍ଟରେ ନୀରୁ ଧଣ୍ଡା ଯାଦୁ ଦେଖାଇଥିଲେ। ସେ ଫାଇନାଲରେ ତାଙ୍କର ଉତ୍କୃଷ୍ଟ ଫର୍ମ ଜାରି ରଖି ସ୍ୱର୍ଣ୍ଣ ପଦକ ଲକ୍ଷ୍ୟ ରଖିଥିଲେ। ଏହା ସହିତ ସେ ଏସୀୟ କ୍ରୀଡ଼ା ଇତିହାସରେ ମହିଳା ବ୍ୟକ୍ତିଗତ ଟ୍ରାପ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରଥମ ଭାରତୀୟ ମହିଳା ସୁଟର ହୋଇଥିଲେ। ଏହି ଐତିହାସିକ ସଫଳତା ଭାରତୀୟ ସୁଟିଂରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା।ଏସୀୟ କ୍ରୀଡ଼ା ରେକର୍ଡ ବ୍ୟକ୍ତିଗତ ଇଭେଣ୍ଟରେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିବା ପରେ ମଧ୍ୟ ନୀରୁଙ୍କ ଚମକ ଜାରି ରହିଲା। ସେ ସାଥୀ ସୁଟର କାଇନାନ୍ ଚେନାଇଙ୍କ ସହିତ ମିଶ୍ରିତ ଦଳ ଟ୍ରାପ୍ ଇଭେଣ୍ଟରେ ଆଉ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭାରତୀୟ ଯୋଡ଼ି ଫାଇନାଲରେ ୩୪ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। କତାର (୩୨ ପଏଣ୍ଟ)କୁ ପରାସ୍ତ କରିଥିଲେ, ଯେତେବେଳେ ଚୀନ୍ (୨୩ ପଏଣ୍ଟ)କୁ ବ୍ରୋଞ୍ଜରେ ସନ୍ତୁଷ୍ଟ ହେବାକୁ ପଡିଥିଲା।

ଫୁଟ୍‌ବଲ୍ ପାଇଁ ଓଡ଼ିଶାର ହକି ମଡେଲ୍‌କୁ ଆପଣାଇବ ପଶ୍ଚିମବଙ୍ଗ

ମେସି ଟୁର୍‌ରେ ବଞ୍ଚିତ ଦର୍ଶକଙ୍କୁ ମାଗଣା ଟିକେଟ୍

କୋଲକାତା ୦୪/୧୦: ଭାରତୀୟ ଫୁଟ୍‌ବଲ୍‌ର ବିକାଶ ପାଇଁ ପଶ୍ଚିମବଙ୍ଗ ସରକାର ଆଗକୁ ଆସିବାକୁ ଚାହୁଁଛି। ତେଣୁ ଏହି ଖେଳର ବିକାଶ ପାଇଁ ଓଡ଼ିଶାର ହକି ମଡେଲ୍‌କୁ ଆପଣାଇବ ପଶ୍ଚିମବଙ୍ଗ ସରକାର। ଶନିବାର ଭାରତ-ବ୍ରାଜିଲ ମ୍ୟାଚ୍ ଅବସରରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ''ଓଡ଼ିଶା ସରକାର ହକିକୁ ଯେଉଁଭଳି ଆର୍ଥିକ ସହାୟତା ଦେଇ ଏହାର ବିକାଶ କରିଛନ୍ତି, ଆମେ ମଧ୍ୟ ଫୁଟ୍‌ବଲ୍ ପାଇଁ ସେଭଳି ପଦକ୍ଷେପ ନେବା କଥା ଚିନ୍ତା କରିବୁ। ଫୁଟ୍‌ବଲ୍ କହିଲେ କୋଲକାତା ଏବଂ କୋଲକାତା କହିଲେ ଫୁଟ୍‌ବଲ୍ ବୁଝାଏ। ପଶ୍ଚିମବଙ୍ଗ ସରକାର ଭାରତୀୟ ଫୁଟ୍‌ବଲ୍‌କୁ ସହାୟତା କରିବ କି ନାହିଁ ନିଷ୍ପତ୍ତି ମୁଁ ଏକା ନେଇପାରିବି ନାହିଁ। ଏହା କ୍ୟାବିନେଟ୍‌ରେ ନିଷ୍ପତ୍ତି ହେବ। କୌଣସି ରାଜ୍ୟ ଭଲ କାମ କଲେ ଆମେ ତାହା ଦେଖି ଶିଖିବୁ। ହକି କ୍ଷେତ୍ରରେ ଓଡ଼ିଶା ସରକାର ଅସାଧାରଣ କାମ କରିଛନ୍ତି। ଫୁଟ୍‌ବଲ୍ ପାଇଁ ମଧ୍ୟ ଆମେ ସେହି ମଡେଲ୍‌କୁ ଅନୁସରଣ କରିବାକୁ ଚିନ୍ତା କରୁଛୁ''।ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ ୨୦୧୮ରେ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ ଭାବେ ଓଡ଼ିଶା ସରକାର ମଙ୍ଗ ଧରିଥିଲା। ଏହାପରେ ଲଗାତାର ଦୁଇ ଥର ହକି ବିଶ୍ୱକପ୍ ବି ଓଡ଼ିଶାରେ ହୋଇଥିଲା। ଏହାର ଫଳ ସ୍ୱରୂପ ଭାରତୀୟ ହକିର ବିକାଶ



ହେବା ସହ ପୁରୁଷ ଦଳ ଲଗାତାର ଅଲିମ୍ପିକ୍ସରେ କାଂସ୍ୟ ପଦକ ପାଇଥିଲା ଏବଂ ମହିଳା ଦଳ ଟୋକିଓରେ ଐତିହାସିକ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ସଂପ୍ରତି ଜାପାନରେ ଚାଲିଥିବା ଏସୀୟ କ୍ରୀଡ଼ାରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ସ୍ୱର୍ଣ୍ଣ ପଦକ ଜିତିବା ସହ ଲସ୍‌ଏଞ୍ଜେଲସ୍‌ରେ ହେବାକୁ ଥିବା ୨୦୨୮ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛି।ଭାରତ-ବ୍ରାଜିଲ ମ୍ୟାଚ୍ ଅବସରରେ ଶ୍ରୀ ଅଧିକାରୀ ପୁଣି କହିଥିଲେ, ଲିଓନେଲ୍ ମେସିଙ୍କ ଭାରତ ଗସ୍ତ ବେଳେ ମ୍ୟାଚ୍ ଦେଖିବାରୁ ବଞ୍ଚିତ ହୋଇଥିବା ପ୍ରାୟ ୨୨ ହଜାର ଦର୍ଶକଙ୍କୁ ଅକ୍ଟୋବର ୬ରେ ହେବାକୁ ଥିବା ଭାରତ-ଉରୁଗୁଏ ମ୍ୟାଚ୍ ଟିକେଟ ସରକାର ପ୍ରଦାନ କରିବେ। ମେସିଙ୍କ କାର୍ଯ୍ୟକ୍ରମ ପାଇଁ ଟିକେଟ୍ କାଟି ମ୍ୟାଚ୍ ଦେଖି ନଥିବା ଲୋକଙ୍କ ପାଇଁ ସରକାର ଏକ ହ୍ୱାଟ୍ସଆପ୍ ନମ୍ବର ଜାରି କରିବେ। ସେହି ନମ୍ବରରେ ଯୋଗାଯୋଗ କରି ସେମାନେ ଅକ୍ଟୋବର ୬ର ଭାରତ-ଉରୁଗୁଏ ମ୍ୟାଚ୍ ପାଇଁ ମାଗଣା ଟିକେଟ ପାଇପାରିବେ।

ବିଶ୍ରାମାଗାର ନିର୍ମାଣ ନାଁରେ ୪ ଲକ୍ଷ ଟଙ୍କା ଗିଳିବାର ଯୋଜନା

ରାଜନଗର,୪/୧୦(ଅକ୍ଷର ଓଡ଼ିଶା)ରାଜନଗର ବ୍ଲକ ଇଶ୍ୱରପୁର ପଞ୍ଚାୟତ ଗୁମୁରା ଘାଟ (ଫେରି ଘାଟ) ରେ ୪ ଲକ୍ଷ ଟଙ୍କାର ନିର୍ମାଣଧୀନ ବିଶ୍ରାମାଗାରର ଭେଜାଲ କାମକୁ ନେଇ ପଞ୍ଚାୟତବାସୀଙ୍କ ଭିତରେ ତୀବ୍ର ଅସନ୍ତୋଷ ତେଜିବାରେ ଲାଗିଛି। ଜେଇ ଓ କଣ୍ଟ୍ରାକ୍ଟରଙ୍କ ମଧ୍ୟଚନ୍ଦ୍ରିକାରେ ବିଶ୍ରାମାଗାର ର ନିର୍ମାଣ କାର୍ଯ୍ୟ ଅତି ନିମ୍ନ ମାନର ହୋଇଛି, ଯାହା ସମ୍ପୂର୍ଣ୍ଣ ନିମ୍ନ ମାନର ସିମେଣ୍ଟ ଓ ଧସା ବାଲିରେ କାନ୍ଥ ଯୋଡ଼େଇ କରାଯାଇଛି। ରାଜନଗର ପଞ୍ଚାୟତ ସମିତି ପକ୍ଷରୁ ବିକଶିତ ଗାଁ ବିକଶିତ ଓଡିଶା ମାଧ୍ୟରେ ଏହି ବିଶ୍ରାମାଗାର ନିର୍ମାଣ ପାଇଁ ଆସିଥିବା ୪ ଲକ୍ଷ ଟଙ୍କାର କାମ କୁ ୨ ଲକ୍ଷ ଟଙ୍କାରେ ଭେଜାଲ କାମ କରି ସାରିଦେଇ ବାକି ୨ ଲକ୍ଷ ଟଙ୍କାକୁ ବ୍ଲକ ଜେଇ ଓ କଣ୍ଟ୍ରାକ୍ଟର ମିଳିମିଶି ଗିଳିଦେବାକୁ ବସିଛନ୍ତି କିନ୍ତୁ ଏପଟେ ରାଜନଗର ବିଡ଼ିଓଟୁପ ବସିଥିବା ପଞ୍ଚାୟତବାସୀ ଅଭିଯୋଗ କରି କହିଛନ୍ତି। ଅନ୍ୟ ପଟେ ଏହି ନିର୍ମାଣ କାମକୁ ଲକ୍ଷ କରି ଗୁମୁରାଘାଟ (ଫେରି ଘାଟ) ରେ ବୋଟ ଯୋଗେ ନଦୀ ପାରି ହୋଇ ତାଳଚୁଆ କୁ ଯାଉଥିବା ଯାତ୍ରୀ ମଧ୍ୟ କହିଛନ୍ତି ଇଶ୍ୱରପୁର ପଞ୍ଚାୟତ ଏହି କାମକୁ ନିଜେ କରିବା ପରିବର୍ତ୍ତେ କଣ୍ଟ୍ରାକ୍ଟର ଙ୍କୁ ବିକ୍ରି କରିବାରୁ ଏଭଳି ଜାଲିଆତି ହୋଇଛି। ଯେଉଁ ବିଶ୍ରାମାଗାର ଯାତ୍ରୀ ମାନଙ୍କ ପାଇଁ ହୋଇଛି ତାହା ବେଶି ଦିନ ଯିବ ନାହିଁ। ଅନ୍ୟ ପଟେ ଜେଇ ନାମରେ ୱାର୍କ ଅର୍ଡର ରହିଥିଲେ ସୁଦ୍ଧା ସେ ଦିନେ ମାତ୍ରେ ଏହି ନିର୍ମାଣ କାର୍ଯ୍ୟକୁ ତଦାରଖ କରି ନାହାଁନ୍ତି। ତେଣୁ ବିଡ଼ିଓ ଏଭଳି ଜାଲିଆତି କାମ ପାଇଁ ସରକାରୀ ଟଙ୍କା ପାଣିରେ ପଡ